READ & SHARE
www.ekamaatra.com
ekamaatra@gmail.com
tarakmohanty1970@gmail.com
ekamaatraodia
ekamaatranews

EKAMAATRA
# ଏକମାତ୍ର
ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524


ସର୍ବଦଳୀୟ ପ୍ରାର୍ଥନା ସଭାରେ ଅଟଳଜୀଙ୍କ ମୁଖ୍ୟମନ୍ତ୍ରୀଙ୍କ ଶ୍ରଦ୍ଧାଞ୍ଜଳି ।

ବର୍ଷ-୨ | ସଂଖ୍ୟା-୩୩ | ୨୭ ଅଗଷ୍ଟ - ୦୨ ସେପ୍ଟେମ୍ବର, ୨୦୧୮ | ଭୁବନେଶ୍ୱର | Monday Weekly | VOL-2 | ISSUE-33 | 27th AUGUST- 02nd SEPTEMBER, 2018 | BHUBANESWAR | ₹ 5/- (8 Pages)

### ସୁପ୍ରିମ୍‌କୋର୍ଟରେ କେରଳ ସରକାରଙ୍କ ସତ୍ୟପାଠ
## ବନ୍ୟା ପାଇଁ ତାମିଲନାଡୁ ଦାୟୀ



**ନୂଆଦିଲ୍ଲୀ :** କେରଳରେ ଦେଖାଦେଇଥିବା ପ୍ରଳୟଙ୍କରୀ ବନ୍ୟା ଯୋଗୁଁ ରାଜ୍ୟରେ ବ୍ୟାପକ କ୍ଷୟକ୍ଷତି ଓ ବିପୁଳ ଧନସମ୍ପତ୍ତି ନଷ୍ଟ ହୋଇଛି । ବନ୍ୟା ଓ ଭୁସ୍ଖଳନ ଯୋଗୁଁ ୪୦୦ରୁ ଉର୍ଦ୍ଧ୍ୱ ଲୋକ ପ୍ରାଣ ହରାଇଛନ୍ତି । ରାଜ୍ୟରେ ଏବେବି ଅନେକ ଘର ପାଣି ଭିତରେ ବୁଡ଼ି ରହିଛି । ଚାରିଆଡେ କୁଢ଼ କୁଢ଼ ଆବର୍ଜନା ଓ ଅଳିଆ ପାଣି ଭିତରେ ଲୋକେ କଲବଲ ହେଉଛନ୍ତି । ଖାଦ୍ୟ, ପାନୀୟ ଜଳ ଓ ପିନ୍ଧା ବସନ ସଙ୍କଟ ସୃଷ୍ଟି କରିଛି । ପୁନର୍ବାସ ଓ ଥଇଥାନ କାର୍ଯ୍ୟ ଜାରି ରହିଥିଲେ ବି କେରଳ ସରକାର ସୁପ୍ରିମ୍‌କୋର୍ଟରେ କହିଛନ୍ତି ଯେ, ଏହି ବନ୍ୟା ପାଇଁ ତାମିଲନାଡୁ ସରକାର ଦାୟୀ । ଏନେଇ ଦାଖଲ ହୋଇଥିବା ସତ୍ୟପାଠରେ ରାଜ୍ୟ ସରକାର ଉଲ୍ଲେଖ କରିଛନ୍ତି ଯେ, ମୁଲ୍ଲାପେରିୟାର ନଦୀବନ୍ଧରୁ ତାମିଲନାଡୁ ସରକାର ହଠାତ ପାଣି ନିଷ୍କାସନ କରିବା ଦ୍ୱାରା ରାଜ୍ୟରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିଲା । ନଦୀବନ୍ଧରୁ ଧୀରେ ଧୀରେ ପାଣି ଛାଡିବା ଲାଗି ତାମିଲନାଡୁ ସରକାରଙ୍କୁ ବାରମ୍ବାର ଅନୁରୋଧ କରାଯାଇଥିଲେ ମଧ୍ୟ ଏନେଇ କୌଣସି ପ୍ରତିଶ୍ରୁତି ମିଳି ନଥିଲା । ନଦୀବନ୍ଧର ଜଳସ୍ତର ପୂର୍ଣ୍ଣ ସ୍ତର ପର୍ଯ୍ୟନ୍ତ ରଖିବା ପରିବର୍ତ୍ତେ ଏହାକୁ ନିୟନ୍ତ୍ରଣ କରି ଧୀରେ ଧୀରେ ଛାଡିବାକୁ କୁହାଯାଇଥିଲା । ମାତ୍ର ଏ ବାବଦରେ ତାମିଲନାଡୁ ସରକାର କୌଣସି ସକାରାତ୍ମକ ପଦକ୍ଷେପ ନେବା ପରିବର୍ତ୍ତେ ହଠାତ ପାଣି ଛାଡିଥିଲେ । ମୁଲ୍ଲାପେରିୟାର ନଦୀବନ୍ଧରୁ ➤ ପୃ-୬

## ବାଜପେୟୀଙ୍କ ପାଇଁ ସବୁଦଳ ଏକାଠି



**ଭୁବନେଶ୍ୱର :** ଗତ ଶୁକ୍ରବାର ସଂଧ୍ୟାରେ ପ୍ରଦର୍ଶନୀ ପଡ଼ିଆରେ ଅନୁଷ୍ଠିତ ହୋଇଥିଲା ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳବିହାରୀ ବାଜପେୟୀଙ୍କ ଶ୍ରଦ୍ଧାଞ୍ଜଳି ସଭା । ଏଠାରେ ଗୋଟିଏ ମଞ୍ଚରେ ଏକାଠି ହୋଇଥିଲେ ରାଜ୍ୟର ଶାସକ ଓ ବିରୋଧୀ ଦଳର ନେତା । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ଭଳି ତିନି ପ୍ରମୁଖ ଦଳର ନେତା ପାଖାପାଖି ବସିଥିବାର ଦେଖିବାକୁ ମିଳିଥିଲା । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଶ୍ରଦ୍ଧାଞ୍ଜଳି ସଭାରେ ବାଜପେୟୀଙ୍କ ସ୍ମୃତିଚାରଣ କରିବା ସହ ତାଙ୍କୁ ସାରାଦେଶ ସବୁଦିନ ପାଇଁ ମନେ ପକାଇବ ବୋଲି କହିଥିଲେ । ସେ କହିଲେ ଯେ ବାଜପେୟୀଙ୍କ ବ୍ୟକ୍ତିତ୍ୱ ଥିଲା ଅନନ୍ୟ । ଅଟଳଜୀ ଥିଲେ ଜଣେ ଦକ୍ଷ ରାଜନେତା ଓ କବି । ➤ ପୃ-୬

**ବାଜପେୟୀଙ୍କ ହୃଦୟ ଥିଲା ଉଦାର ଓ ପ୍ରଶସ୍ତ : ନବୀନ**

**ବିଶ୍ୱସ୍ତରୀୟ ନେତା ଥିଲେ ଅଟଳଜୀ : ଧର୍ମେନ୍ଦ୍ର**

**ବାଜପେୟୀ ଥିଲେ ଜନପ୍ରିୟ ନେତା : ନିରଞ୍ଜନ**

## ବିଧାନ ପରିଷଦ ଗଠନକୁ କ୍ୟାବିନେଟ୍‌ରେ ମଞ୍ଜୁରି



**ଭୁବନେଶ୍ୱର :** ଓଡ଼ିଶାରେ ପ୍ରସ୍ତାବିତ ବିଧାନ ପରିଷଦ ଗଠନକୁ କ୍ୟାବିନେଟ୍‌ର ମଞ୍ଜୁରି ମିଳିଛି । ବିଧାନସଭାର ଆଗାମୀ ମୌସୁମୀ ଅଧିବେଶନରେ ଏହି ପରିଷଦ ଗଠନ ପାଇଁ ସଙ୍କଳ୍ପ ଆସିବ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ କ୍ୟାବିନେଟ୍ ବୈଠକ ଅନୁଷ୍ଠିତ ହୋଇ ଏଭଳି ନିଷ୍ପତ୍ତି ଗ୍ରହଣ କରାଯାଇଛି । ବୈଠକ ଶେଷରେ ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଏହି ପରିଷଦ ଗଠନ ସଂପର୍କରେ ସୂଚନା ଦେଇ କହିଲେ ଯେ ରାଜ୍ୟରେ ବିଧାନ ପରିଷଦ ଗଠନ ହେଲେ ଦେଶରେ ଓଡ଼ିଶା ହେବ ଅଷ୍ଟମ । ବିଧାନ ପରିଷଦରେ ମୋଟ ୪୯ ଜଣ ସଦସ୍ୟ ରହିବେ । ସେମାନଙ୍କ ମଧ୍ୟରୁ ବିଧାୟକମାନଙ୍କ ଦ୍ୱାରା ୧୬ ଜଣ ସଦସ୍ୟ ନିର୍ବାଚିତ ହେବେ । ଆଉ ୧୬ ଜଣଙ୍କୁ ଜିଲ୍ଲା ପରିଷଦ ସଦସ୍ୟ ଓ ପୌରାଞ୍ଚଳର କାଉନ୍‌ସିଲର୍ ନିର୍ବାଚିତ କରି ପଠାଇବେ । ୪ ଜଣ ଗ୍ରାଜୁଏଟ୍‌ଙ୍କ ଦ୍ୱାରା ଓ ଅନ୍ୟ ୪ ଜଣ ବିଶ୍ୱବିଦ୍ୟାଳୟର ଅଧ୍ୟାପକଙ୍କ ଦ୍ୱାରା ନିର୍ବାଚିତ ହେବେ । ଅବଶିଷ୍ଟ ୯ ଜଣ ସଦସ୍ୟଙ୍କୁ ରାଜ୍ୟପାଳ ମନୋନୀତ କରିବାର ବ୍ୟବସ୍ଥା ରହିଛି । ରାଜ୍ୟ ବିଧାନପରିଷଦର ସଦସ୍ୟ ସଂଖ୍ୟା ବିଧାନସଭା ସଂଖ୍ୟାର ଏକ ତୃତୀୟାଂଶରୁ ଅଧିକ ହେବନାହିଁ । ବିଧାନପରିଷଦର ଗଠନ ପାଇଁ ପ୍ରଥମେ ରାଜ୍ୟ ବିଧାନସଭାରେ ସମ୍ବିଧାନର ଧାରା ୧୬୯(୧) ଅନୁଯାୟୀ ଏକ ସଂକଳ୍ପ ପାରିତ କରାଯିବ । ଏହାପରେ ସଂସଦର ଉଭୟ ସଦନ ଲୋକସଭା ଓ ରାଜ୍ୟସଭାରେ ଏ ସଂକ୍ରାନ୍ତରେ ବିଧେୟକ ଆସିବ । ଉଭୟ ଗୃହରେ ଏହା ଅନୁମୋଦନ ଲାଗୁ କରିବା ପରେ ବିଧେୟକକୁ ରାଷ୍ଟ୍ରପତିଙ୍କ ସ୍ୱୀକୃତି ନିମନ୍ତେ ପଠାଯିବ । ବିଧାୟକମାନଙ୍କୁ ମିଳୁଥିବା ସମସ୍ତ ସୁବିଧା ସୁଯୋଗ ବିଧାନପରିଷଦର ସଦସ୍ୟମାନଙ୍କୁ ମିଳିବ । ବିଧାୟକଙ୍କ ଭଳି ସେମାନଙ୍କୁ ଦରମା, ବିଧାୟକ ହାତ ପାଙ୍ଗରି, ଭତ୍ତା, ସରକାରୀ ଘର ମିଳିବାର ବ୍ୟବସ୍ଥା ରହିଛି । ବିଧାନପରିଷଦ ସଦସ୍ୟଙ୍କ କାର୍ଯ୍ୟକାଳ ରାଜ୍ୟସଭା ➤ ପୃ-୬

### ସେପ୍ଟେମ୍ବର ୪ରେ ମୌସୁମୀ ଅଧିବେଶନ
## ଉପସ୍ଥାପିତ ହେବ ଅତିରିକ୍ତ ବଜେଟ



**ଭୁବନେଶ୍ୱର :** ରାଜ୍ୟ ମନ୍ତ୍ରୀ ପରିଷଦରେ ୨୦୧୮-୨୦୧୯ ଆର୍ଥିକ ବର୍ଷର ଅତିରିକ୍ତ ବଜେଟ୍‌କୁ ଅନୁମୋଦନ ମିଳିଛି । ସଚିବାଳୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ୧୨,୭୬୮ କୋଟି ଟଙ୍କାର ଅତିରିକ୍ତ ବଜେଟ୍ ଅନୁମୋଦିତ ହୋଇଛି । ଆସନ୍ତା ୪ ତାରିଖରେ ହେବାକୁ ଥିବା ବିଧାନସଭାରେ ଏହି ଅତିରିକ୍ତ ବଜେଟ୍‌କୁ ଉପସ୍ଥାପନ କରାଯିବ । ତେବେ ଚଳିତ ଆର୍ଥିକ ବର୍ଷରେ ମୋଟ ବଜେଟ୍ ପରିମାଣ ୧.୩୨ ଲକ୍ଷ କୋଟିକୁ ଅତିକ୍ରମ କରିଛି । ଏହା ବ୍ୟତୀତ ପୂର୍ବରୁ ସରକାର ଘୋଷଣା କରିଥିବା ୨ଟି ନୂଆ ଯୋଜନାବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଓ ନିଜସ୍ୱ ଖାଦ୍ୟ ଯୋଜନା ପାଇଁ ଅର୍ଥ ବରାଦ କରାଯାଇଥିବା ଜଣାପଡ଼ିଛି । ମନ୍ତ୍ରୀ ପରିଷଦ ବୈଠକ ପରେ ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା କହିଛନ୍ତି ଯେ ରାଜ୍ୟରେ ବିଭିନ୍ନ ପ୍ରକଳ୍ପ ଅସମ୍ପୂର୍ଣ୍ଣ ରହିଛି । ସେଗୁଡ଼ିକୁ ଗୁରୁତ୍ୱ ଦେଇ କାର୍ଯ୍ୟ ସମ୍ପନ୍ନ କରିବା ପାଇଁ ଏହି ଅତିରିକ୍ତ ବଜେଟ୍‌କୁ ମନ୍ତ୍ରୀ ପରିଷଦ ବୈଠକରେ ମଞ୍ଜୁରୀ ମିଳିଛି । ରାଜ୍ୟ ସରକାର ଅନେକ ସମୟରେ ନୂତନ ଯୋଜନା ଘୋଷଣା କରୁଛନ୍ତି । ଯେପରିକି ସ୍ୱାସ୍ଥ୍ୟ, ସାମାଜିକ ଏବଂ ଗରିବଙ୍କ ଆର୍ଥିକ ବିକାଶ ପାଇଁ ଗୁରୁତ୍ୱ ଦେଇଛନ୍ତି । ସେଗୁଡ଼ିକର ସଫଳ ରୂପାୟନ ପାଇଁ ଏହି ଅତିରିକ୍ତ ବଜେଟ୍‌ର କାର୍ଯ୍ୟକାରିତା ଆବଶ୍ୟକ ରହିଛି । ଯେଉଁଥିରେ ସାମାଜିକ ଏବଂ ଅର୍ଥନୀତିର ବିକାଶ ହୋଇପାରିବ । ତେବେ ୨୦୧୮-୧୯ ସାଧାରଣ ବଜେଟ୍‌ରେ ଯେଉଁଭଳି ସାମାଜିକ ଉନ୍ନତିକୁ ➤ ପୃ-୬

## ଏକକ ନିର୍ବାଚନ ଅସମ୍ଭବ : ରାୱତ



**ନୂଆଦିଲ୍ଲୀ :** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କ୍ଷମତାକୁ ଆସିବା ପରଠାରୁ ଦେଶରେ ଏକକ ନିର୍ବାଚନ ସପକ୍ଷରେ ଦୃଢ଼ ମତ ପୋଷଣ କରିଆସୁଛନ୍ତି । କିନ୍ତୁ ନିର୍ବାଚନ କମିଶନ ବର୍ତ୍ତମାନ ପରିପ୍ରେକ୍ଷୀରେ ଏହା ସମ୍ଭବ ନୁହେଁ ବୋଲି ପୁନର୍ବାର କହିଛନ୍ତି । ମୁଖ୍ୟ ନିର୍ବାଚନ କମିଶନର ଓପି ରାୱତ୍ ଏ ସମ୍ପର୍କରେ ସ୍ପଷ୍ଟ କହିଛନ୍ତି, ନିକଟ ଭବିଷ୍ୟତରେ ଦେଶରେ ଏକସଙ୍ଗେ ଲୋକସଭା ଓ ବିଧାନସଭା ନିର୍ବାଚନ କରାଯିବା ପ୍ରଶ୍ନ ଉଠୁନାହିଁ । ରାୱତ୍ ମହାରାଷ୍ଟ୍ରର ଔରଙ୍ଗାବାଦରେ ଗଣମାଧ୍ୟମକୁ ସ୍ପଷ୍ଟ କରିଛନ୍ତି ଯେ ଏକସଙ୍ଗେ ନିର୍ବାଚନ ହେବାର 'କୋଇ ଚାନ୍ସ ନହିଁ' । ଗତ ୧୪ ତାରିଖରେ ରାୱତ୍ କହିଥିଲେ, ସମ୍ବିଧାନ ସଂଶୋଧନ ବିନା ଏକସଙ୍ଗେ ନିର୍ବାଚନ ସମ୍ଭବ ହେବ ନାହିଁ । ବିଜେପିର ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହ ➤ ପୃ-୬

## ଏଥର ତ୍ରିମୁଖୀ ଲଢ଼େଇ



**ଭୁବନେଶ୍ୱର :** ପାଖେଇ ଆସୁଛି ସାଧାରଣ ନିର୍ବାଚନ । ଏଥିପାଇଁ ଓଡ଼ିଶାର ତିନି ପ୍ରମୁଖ ରାଜନୈତିକ ଦଳ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି । ବିଜେଡି ଓ ବିଜେପି ମେଣ୍ଟ କରିବେ ବୋଲି ଆଗରୁ ଶୁଣାଯାଉଥିଲେ ମଧ୍ୟ ବର୍ତ୍ତମାନ ସମୀକରଣ ଅନୁସାରେ ଏହା ହୋଇନପାରେ । ଉଭୟ ଦଳ ନିଜର ଆଭିମୁଖ୍ୟକୁ ସ୍ପଷ୍ଟ ରଖି ଏକାକୀ ଲଢ଼ିବାର କାର୍ଯ୍ୟକ୍ରମକୁ ଆଗେଇ ନେଉଛନ୍ତି । ହେଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିରୋଧରେ କଂଗ୍ରେସ ଆଣିଥିବା ଅନାସ୍ଥା ପ୍ରସ୍ତାବ ବେଳେ ଆଲୋଚନାରୁ ଓହରି ଆସିଥିବା ବେଳେ ରାଜ୍ୟସଭା ଉପାଧ୍ୟକ୍ଷ ନିର୍ବାଚନରେ ବିଜେଡି ଏନ୍‌ଡିଏକୁ ସମର୍ଥନ କରିଥିଲା । ତେଣୁ ଓଡ଼ିଶାର ଲୋକ ଭାବିଥିଲେ ଯେ, ବିଜେଡି ଏନ୍‌ଡିଏ ଆଡକୁ ଢଳୁଛି । କିନ୍ତୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୂର୍ବପରି ସମଦୂରତା ଫର୍ମୁଲାକୁ ବଜାୟ ➤ ପୃ-୬

**ଆଗାମୀ ନିର୍ବାଚନ**

## ଜବରଦଖଲ ହଟିବ
### ଡ୍ରେନ୍‌କଡ ଜମି ମାଲିକଙ୍କୁ ନୋଟିସ

**ଭୁବନେଶ୍ୱର :** ରାଜଧାନୀର ମୁଖ୍ୟ ୧୦ଟି ଡ୍ରେନ୍ କଡରୁ ଜବରଦଖଲ ହଟାଯାଇ ଏହାର ପୁନରୁଦ୍ଧାର କରାଯିବ । ସହରର ଆବର୍ଜନା ଓ ବର୍ଷାଜଳ ନିଷ୍କାସନରେ ମୁଖ୍ୟ ଭୂମିକା ଗ୍ରହଣ କରୁଥିବା ଏହି ୧୦ଟି ଡ୍ରେନ୍ କଡ଼ରେ ରହିଥିବା ଜମିମାଲିକଙ୍କୁ ବିଏମ୍‌ସି ତରଫରୁ ନୋଟିସ୍ ଜାରି କରାଯାଇଛି । ଡ୍ରେନ୍‌ଗୁଡ଼ିକ ପୁନରୁଦ୍ଧାର ଦିଗରେ ଏଥିପାଇଁ ମାଷ୍ଟର୍ ପ୍ଲାନ୍ ପ୍ରସ୍ତୁତ କରାଯାଇଥିବା ଜଣାପଡିଛି । ଡ୍ରେନ୍‌କୁ ଲାଗି ରହିଥିବା ସରକାରୀ ଜମି ଉପରେ ଜବରଦଖଲ ହୋଇଥିଲେ ଏହାକୁ ଉଚ୍ଛେଦ କରାଯିବ । ସେହିପରି ଘରୋଇ ଜମିର ମାଲିକମାନଙ୍କ ସହଭାଗିତାରୁ ଏ ସମସ୍ତ ଡ୍ରେନ୍‌ର ପୁନରୁଦ୍ଧାର ଦିଗରେ କାର୍ଯ୍ୟ କରିବାକୁ ବିଏମ୍‌ସି ତରଫରୁ କୁହାଯାଇଛି । ଡ୍ରେନ୍ ପୁନରୁଦ୍ଧାର ଦିଗରେ ଘରୋଇ ଜମି ଅଧିଗ୍ରହଣ କରିବାକୁ ➤ ପୃ-୬

## ବକ୍ରବାଣୀ



ଏତେ ଦିନେ ଶେଯରୁ ତାଙ୍କେ ଉଠି ବସିଲେ
କେତେ ବର୍ଷର ଦୁଃଖ ବୁଝେଇକି କହିଲେ
ନିଦ ସିନା ଭାଙ୍ଗିଛି ସପନ କି ଯାଇଛି
ଶାସନ ଗାଦୀ ମୋହ ଏବେ ବି ତ ରହିଛି
ମିଟିଙ୍ଗ କରନ୍ତି ସବୁ ଏକାଠି ବସିକି
ବାଇଟ ଦ୍ୟନ୍ତି ଖାଲି ମିଛୁଟାରେ ହସିକି
ଟିଭି ବାଇଟରେ କି ଲାଭ ହୁଏ ଦଳର
ବୁମ୍ ତ କାରଣ ସବୁ ବିବାଦ ମୂଳର
ସତେ କିବା ପନ୍ଦର ଚଉଷ୍ଠୋରୀ ଛୁଇଁବ
ରାଇଜେ କଂଗ୍ରେସ ସର୍କାର ପୁଣି ଗଢିବ ।

— ଟୁଟୁ

### ଓଡ଼ିଶାକୁ ଭେଜାଲ୍ ସାଲାଇନ୍ ଯୋଗାଣ
## ଗୁଜରାଟ କମ୍ପାନୀ କଳାତାଲିକାଭୁକ୍ତ



**ଭୁବନେଶ୍ୱର :** ରାଜ୍ୟ ଔଷଧ ନିଗମ ଜରିଆରେ ଗୁଜୁରାଟର ଏକ କମ୍ପାନୀଠାରୁ କିଣା ଯାଇଥିବା ବିପୁଳ ପରିମାଣର ସାଲାଇନ୍ ଅତ୍ୟନ୍ତ ନିମ୍ନମାନର ବୋଲି ଜଣାପଡ଼ିଛି । ଏହା ବ୍ୟବହାର ଉପଯୋଗୀ ନୁହେଁ ବୋଲି ଲ୍ୟାବ୍ ପରୀକ୍ଷା ରିପୋର୍ଟରୁ ଜଣାପଡ଼ିବା ପରେ ସରକାରୀସ୍ତରରେ ଏହାକୁ ନେଇ ତନାଘନା ଆରମ୍ଭ ହୋଇଛି । କିନ୍ତୁ ଗତ ବର୍ଷେ ହେଲା ଓଡ଼ିଶାକୁ ଯୋଗାଣ ହେଉଥିବା ଏହି ସାଲାଇନ୍ ସମ୍ପୂର୍ଣ୍ଣ ଭେଜାଲ୍ ବୋଲି ଏବେ ଜଣାପଡ଼ିଛି । ଯାହାକି ବର୍ଷେ ହେଲା ରାଜ୍ୟର ବିଭିନ୍ନ ସରକାରୀ ହସ୍ପିଟାଲ୍‌କୁ ପଠାଯାଇଛି । ରୋଗୀମାନଙ୍କ ଚିକିତ୍ସାରେ ମଧ୍ୟ ଏହାକୁ ବ୍ୟବହାର କରାଯାଇଥିବା ଜଣାପଡ଼ିଛି । ରାଜ୍ୟ ଔଷଧ ନିଗମର ପରିଚାଳନା ନିର୍ଦ୍ଦେଶିକା ଅର୍ଚ୍ଚନା ପଟ୍ଟନାୟକ ଏ ସମ୍ପର୍କରେ ବିଭାଗୀୟ ସଚିବଙ୍କ ସମେତ ସମ୍ପୃକ୍ତ କମ୍ପାନୀକୁ ଚିଠି ଲେଖିବା ପରେ ଏହି ଘଟଣା ଏବେ ପଦାକୁ ଆସିଛି । ଏପରିକି ସମ୍ପୃକ୍ତ କମ୍ପାନୀକୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି । ତେବେ ଉକ୍ତ କମ୍ପାନୀକୁ ୩ ବର୍ଷ ପର୍ଯ୍ୟନ୍ତ ସାଲାଇନ୍ ଯୋଗାଣ କରିବା ଉପରେ ରୋକ୍ ଲଗାଯାଇଛି । ପରିଚାଳନା ନିର୍ଦ୍ଦେଶିକାଙ୍କ ସ୍ୱାକ୍ଷରରେ ନିର୍ଦ୍ଦେଶନାମା ଜାରି କରାଯାଇଛି । ମିଳିଥିବା ଦସ୍ତାବିଜ୍‌ରୁ ଜଣାପଡ଼ିଛି ଯେ ରାଜ୍ୟର ସମସ୍ତ ସରକାରୀ ଡାକ୍ତରଖାନାକୁ ଔଷଧ ନିଗମ ଜରିଆରେ ଔଷଧ ସମେତ ସାଲାଇନ୍ ଯୋଗାଣ କରାଯାଇଥାଏ । ନିଗମ ଟେଣ୍ଡର୍ ଜରିଆରେ ରାଜ୍ୟ ଓ ଦେଶର ବିଭିନ୍ନ ଔଷଧ କମ୍ପାନୀଠାରୁ ଔଷଧ କ୍ରୟ କରିଥାନ୍ତି । ତଦନୁଯାୟୀ ଅନ୍ୟ କମ୍ପାନୀମାନଙ୍କ ସହ ଗୁଜୁରାଟର ଅହମ୍ମଦାବାଦ୍ ପ୍ରହ୍ଲାଦ ନଗର କର୍ପୋରେଟ୍ ➤ ପୃ-୬



EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

# ରାଜ୍ୟସଭା ନିର୍ବାଚନ : ନୋଟାକୁ ନା’

**ନୂଆଦିଲ୍ଲୀ :** ରାଜ୍ୟସଭା ନିର୍ବାଚନରେ ନନ୍ ଅଫ୍ ଦ ଏବଭ୍ (ନୋଟା) ବା କାହାକୁ ନୁହେଁ ପସନ୍ଦ ବ୍ୟବହାର କରାଯାଇ ପାରିବ ନାହିଁ ବୋଲି ରାୟ ଦେଇଛନ୍ତି ଦେଶର ସର୍ବୋଚ୍ଚ ନ୍ୟାୟାଳୟ। ପ୍ରଧାନ ବିଚାରପତି ଦୀପକ ମିଶ୍ରଙ୍କ ଅଧ୍ୟକ୍ଷତାରେ ଗଠିତ ଏକ ଖଣ୍ଡପୀଠ ଏହି ରାୟ ଦେଇ କହିଛନ୍ତି ଯେ ନୋଟା ପସନ୍ଦ କେବଳ ପ୍ରତ୍ୟକ୍ଷ ନିର୍ବାଚନରେ ସାର୍ବଜନୀନ ସାବାଳକ ଭୋଟ ପାଇଁ ଉଦ୍ଦିଷ୍ଟ। ଏହାକୁ ରାଜ୍ୟସଭା ଭଳି ଏକକ ହସ୍ତାନ୍ତରଯୋଗ୍ୟ ଆନୁପାତିକ ପ୍ରତିନିଧିତ୍ୱ (ପ୍ରପୋସନାଲ ରିପ୍ରେଜେଣ୍ଟେସନ ବାଇ ମିନ୍ସ ଅଫ୍ ସିଙ୍ଗଲ ଟ୍ରାନ୍ସଫରେବ୍‌ଲ ଭୋଟ୍) ବ୍ୟବସ୍ଥାରେ ବ୍ୟବହାର କରାଯାଇ ପାରିବନାହିଁ। ରାଜ୍ୟସଭା ନିର୍ବାଚନରେ ନୋଟା ବ୍ୟବସ୍ଥା ଉଚ୍ଛେଦ କରିବାକୁ ଗୁଜରାଟ କଂଗ୍ରେସ ନେତା ଶୈଳେଶ ମନୁଭାଇ ପାରମାର ୨୦୧୭ ମସିହାରେ ଆବେଦନ କରିଥିଲେ। କଂଗ୍ରେସ ନେତା ଅହମଦ ପଟେଲ ଗୁଜରାଟରୁ ରାଜ୍ୟସଭା ନିର୍ବାଚନ ପାଇଁ ପ୍ରାର୍ଥୀ ହୋଇଥିବାବେଳେ ଏହି ବ୍ୟବସ୍ଥା ଉଚ୍ଛେଦ କରିବାକୁ ପାରମାର ସୁପ୍ରିମକୋର୍ଟରେ ଏକ ପିଟିସନ ଦାଖଲ କରିଥିଲେ। ଏହା ଉପରେ ବିଚାର କରି କୋର୍ଟ ତାଙ୍କର ରାୟ ସଂରକ୍ଷିତ ରଖିଥିଲେ। ଏହି ମାମଲାର ରାୟ ପ୍ରକାଶ କରି ପ୍ରଧାନ ବିଚାରପତି ମିଶ୍ର ୨୦୧୪ ଜାନୁଆରୀ ୨୪ ଓ ୨୦୧୫ ନଭେମ୍ବର ୧୨ ତାରିଖରେ ରାଜ୍ୟସଭା ନିର୍ବାଚନରେ ନୋଟା ପସନ୍ଦ ବ୍ୟବହାର କରିବା ନିମନ୍ତେ ଭାରତର ମୁଖ୍ୟ ନିର୍ବାଚନ କମିଶନ ଜାରି କରିଥିବା ଦୁଇଟି ସର୍କୁଲାର ବିରୋଧରେ ମଧ୍ୟ କୋର୍ଟ ରାୟ ଦେଇପାରନ୍ତି ବୋଲି ସଙ୍କେତ ଦେଇଛନ୍ତି। ଏହି ମାମଲାରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଯୁକ୍ତି ଉପସ୍ଥାପନ କରିଥିବା ଆଟର୍ଣ୍ଣି ଜେନେରାଲ କେକେ ବେଣୁଗୋପାଳ ଆବେଦନକାରୀଙ୍କ ପକ୍ଷ ସମର୍ଥନ କରିଥିଲେ। ସେ କହିଥିଲେ ଯେ ରାଜ୍ୟସଭା ପରି ପରୋକ୍ଷ ନିର୍ବାଚନରେ ନୋଟା ପସନ୍ଦ ରହିଲେ ତାହା ଘୋଡ଼ା ବେପାର ଓ ନିର୍ବାଚନୀ ଦୁର୍ନୀତି ସହିତ ଦଳୀୟ ପ୍ରାର୍ଥୀଙ୍କୁ ହରାଇବା ପାଇଁ ସମ୍ବିଧାନ ବହିର୍ଭୂତ ପଦ୍ଧତି ବ୍ୟବହାର ପାଇଁ ବାଟ ଫିଟାଇବ। ନୋଟା ପସନ୍ଦ ରାଜ୍ୟସଭାର ପ୍ରପୋସନାଲ ରିପ୍ରେଜେଣ୍ଟେସନ ବାଇ ମିନ୍ସ ଅଫ୍ ସିଙ୍ଗଲ୍ ଟ୍ରାନ୍ସଫରେବ୍‌ଲ ଭୋଟ୍ ବ୍ୟବସ୍ଥାକୁ ତୁଚ୍ଛ ଓ ନିଷ୍କ୍ରିୟ କରିଦେବ ବୋଲି ସିଂହଭି ଯୁକ୍ତି କରିଥିଲେ। ସେ କହିଥିଲେ ନିର୍ବାଚନ କମିଶନ ଏକ ସର୍କୁଲାର ଜାରି କରି ରାଜ୍ୟସଭା ନିର୍ବାଚନରେ ନୋଟା ପସନ୍ଦକୁ ବୈଧ କରିପାରିବେ ନାହିଁ। ଏହା ସମ୍ବିଧାନର ୮୦(୪) ଧାରା ସମେତ ୧୯୫୧ର ଜନ ପ୍ରତିନିଧି ଆଇନ ଏବଂ ୧୯୬୧ର ନିର୍ବାଚନ ପରିଚାଳନା ନିୟମର ବିରୁଦ୍ଧାଚରଣ କରୁଛି। ଦଳୀୟ ଶୃଙ୍ଖଳା ପ୍ରତିଷ୍ଠା କରିବା ସଙ୍ଗେସଙ୍ଗେ ରାଜ୍ୟସଭା ନିର୍ବାଚନକୁ ଦୁର୍ନୀତିମୁକ୍ତ ରଖିବାକୁ ୨୦୦୩ ମସିହାରେ ଏହାକୁ ମୁକ୍ତ କରାଯାଇଥିଲା। ଅର୍ଥାତ ଏହି ନିର୍ବାଚନରେ ଭୋଟର୍‌ମାନେ ଖୋଲାଖୋଲି ଭୋଟ୍ ଦେବାର ବ୍ୟବସ୍ଥା ରହିଛି। ନୋଟା ପସନ୍ଦ ଏହାକୁ ମଧ୍ୟ ଉଲ୍ଲଙ୍ଘନ କରୁଛି। ତେବେ ନିର୍ବାଚନ କମିଶନଙ୍କ ତରଫରୁ ଯୁକ୍ତି ଉପସ୍ଥାପନ କରି ଆଇନଜୀବୀ ଅମିତ ଶର୍ମା କହିଥିଲେ ଯେ ଯେଉଁ ବ୍ୟକ୍ତିଙ୍କର ଭୋଟ୍ ଦେବାର ଅଧିକାର ଅଛି ତାଙ୍କର ମଧ୍ୟ ଭୋଟ୍ ନଦେବାର ଅଧିକାର ଅଛି। ଆବେଦକାରୀ ପାର୍‌ମାରଙ୍କ ଯୁକ୍ତି ଥିଲା ନିର୍ବାଚନ କମିଶନଙ୍କର ଏକ କାର୍ଯ୍ୟନିର୍ବାହୀ ଆଦେଶ ବଳରେ ବୈଧାନିକ ବ୍ୟବସ୍ଥାକୁ ଅକାମୀ କରିପାରିବ ନାହିଁ। ତେଣୁ ଏହି ଆଦେଶ ବେଆଇନ, ଏକତରଫା ଓ ମନ୍ଦ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି ସେ ଆବେଦନରେ ଉଲ୍ଲେଖ କରିଥିଲେ।

## ସୀମାରେ ଶାନ୍ତି ବଜାୟ ରଖିବା ପାଇଁ ଭାରତ-ଚୀନ୍ ସହମତ

**ନୂଆଦିଲ୍ଲୀ :** ଭାରତ ଓ ଚୀନ୍ ସେମାନଙ୍କର ସାମରିକ ସମ୍ପର୍କ ବୃଦ୍ଧି କରିବା ସହ ସୀମାରେ ଶାନ୍ତି ବଜାୟ ରଖିବାକୁ ସହମତ ହୋଇଛନ୍ତି। ଦୁଇ ଦେଶର ପ୍ରତିରକ୍ଷା ମନ୍ତ୍ରୀଙ୍କ ମଧ୍ୟରେ ଆଲୋଚନା ପରେ ଭାରତ ଏହା କହିଛି। ଗତବର୍ଷ ଡୋକ୍‌ଲାମ୍ ପରିସ୍ଥିତି ନେଇ ଦୁଇ ଦେଶ ମଧ୍ୟରେ ବିବାଦ ଲାଗିରହିବା ଏବଂ ୭୩ ଦିନ ଧରି ଦୁଇ ଦେଶର ସେନା ମୁହାଁମୁହିଁ ଅବସ୍ଥାରେ ରହିବା ଘଟଣାରେ ଏସିଆ ମହାଦେଶର ଦୁଇ ପ୍ରମୁଖ ଦେଶର ସମ୍ପର୍କ ଅଧିକ ତିକ୍ତ ହୋଇଥିଲା। କିନ୍ତୁ ଦୁଇ ପଡ଼ୋଶୀ ରାଷ୍ଟ୍ର ବିବାଦର ଆପୋଷ ସମାଧାନ ପାଇଁ ଉଦ୍ୟମ ଜାରି ରଖିଥିଲା ବେଳେ ଚୀନ୍‌ର ପ୍ରତିରକ୍ଷା ମନ୍ତ୍ରୀ ୱେଇ ଫେଙ୍ଘେ ଭାରତ ଗସ୍ତରେ ଆସି ପ୍ରତିରକ୍ଷା ମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ସହ ଆଲୋଚନା କରିଛନ୍ତି।

## ପୁଟିନ୍‌ଙ୍କୁ ଭେଟିବେ ତାଲିବାନୀ ନେତା

**କାବୁଲ :** ଆଫଗାନରେ ରାଜନୈତିକ ସ୍ଥିରତା ଓ ସାମଗ୍ରିକ ବିକାଶ ପ୍ରତି ଗୁରୁତ୍ୱ ଦେଇ ଆସନ୍ତା ମାସରେ ତାଲିବାନୀ ନେତାମାନେ ରୁଷିଆ ଯାତ୍ରା କରିବା କାର୍ଯ୍ୟକ୍ରମ ଅଛି ବୋଲି ରୁଷ ବୈଦେଶିକ ମନ୍ତ୍ରୀ ସର୍ଗେ ଲାଭରୋଭ କହିଛନ୍ତି। ରୁଷର ଦକ୍ଷିଣ ଭାଗରେ ସ୍ଥିତ ସୁଚୀ ସହରରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ ଲାଭରୋଭ ଏହି ସୂଚନା ଦେଇଛନ୍ତି। ସେ କହିଥିଲେ ଯେ ତାଲିବାନ୍ ଆଡୁ ଏହି ପ୍ରସ୍ତାବ ଆସିବା ପରେ ରୁଷ ସରକାରଙ୍କ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ବିଶ୍ୱବାସୀଙ୍କ ଦୃଷ୍ଟିରେ ତାଲିବାନ୍ ଆତଙ୍କବାଦୀ ସଂଗଠନ ହୋଇପାରେ। କିନ୍ତୁ ଆଫଗାନିସ୍ତାନର ବିକାଶମୂଳକ କାର୍ଯ୍ୟକ୍ରମରେ ତାଲିବାନ୍‌ର ସକ୍ରିୟ ଯୋଗଦାନ ଦେଶବିରୋଧୀ କାମ ନୁହେଁ। ତେବେ ମସ୍କୋ ସହ ତାଲିବାନର ରାଜନୈତିକ ମେଣ୍ଟକୁ ଯୁକ୍ତରାଷ୍ଟ୍ର ଆମେରିକା ସହଜରେ ଗ୍ରହଣ କରିପାରୁନି। ବର୍ତ୍ତମାନର ଆଫଗାନିସ୍ତାନ ସରକାର ଯୁକ୍ତରାଷ୍ଟ୍ର ଆମେରିକାକୁ ସମର୍ଥନ କରୁଛି। ବେଶ୍ କିଛିବର୍ଷ ଧରି ତାଲିବାନ୍ ସଂଗଠନ ସହ ମୁକାବିଲା କରିବା ପରେ ୨୦୦୧ରେ ଆଫଗାନିସ୍ତାନ ଶାସନରେ ଆମେରିକା ସମର୍ଥିତ ନେତା କ୍ଷମତାସୀନ ହୋଇଥିଲେ। ଗତ ସପ୍ତାହରେ ଆଫଗାନ୍ ରାଷ୍ଟ୍ରପତି ଆଶ୍ରଫ ଘନି ତାଲିବାନ ସଂଗଠନକୁ ଅସ୍ତ୍ର ବିରତି ପ୍ରସ୍ତାବ ଦେଇଥିଲେ। ଘନିଙ୍କ ପ୍ରସ୍ତାବକୁ ଯୁକ୍ତରାଷ୍ଟ୍ର ଆମେରିକା ସ୍ୱରାଷ୍ଟ୍ର ସଚିବ ମାଇକ୍ ପମ୍ପେଓ ତାରିଫ୍ କରିଥିଲେ। ଏକ ବିବୃତିରେ ପମ୍ପେଓ କହିଥିଲେ ଯେ ଶାନ୍ତି ଆଲୋଚନା ପାଇଁ ଏଇଟା ହିଁ ଉପଯୁକ୍ତ ସମୟ। ଏପରି ସୁଯୋଗକୁ ତାଲିବାନ୍ ଓ ଆଫଗାନ ସରକାର ହାତଛଡ଼ା କରିବା ଅନୁଚିତ। ତାଲିବାନ ନେତାମାନେ ରାଷ୍ଟ୍ରପତି ଘନି ଓ ଆମେରିକା ଘରୋଇ ସଚିବ ପମ୍ପେଓଙ୍କ ଉପରେ ଭରସା କରିପାରିଲେନି। ଫଳରେ ଆଫଗାନ ସରକାରଙ୍କ ଅସ୍ତ୍ର ବିରତି ପ୍ରସ୍ତାବ କାଟ ଖାଇଗଲା। ଇଦ୍ ପାଳନର ଅବ୍ୟବହିତ ପୂର୍ବରୁ ରାଷ୍ଟ୍ରପତି ଭବନ ନିକଟକୁ ମୋର୍ଟାର ମାଡ଼ କରାଯାଇଥିଲା। ସେତେବେଳେ ରାଷ୍ଟ୍ରପତି ଆଶ୍ରଫ ଘନି ଏକ କାର୍ଯ୍ୟକ୍ରମରେ ସମବେତ ଜନତାଙ୍କୁ ଉଦ୍‌ବୋଧନ ଦେଉଥିଲେ। ଘନିଙ୍କ ସନ୍ଦେହ ତାଲିବାନ୍ ନେତାଙ୍କ ଉପରେ ଥିବାବେଳେ ଆଇଏସ୍ ସଂଗଠନ ମୋର୍ଟାର ମାଡ଼ ପାଇଁ ନିଜକୁ ଦାୟୀ କରିଥିଲା।

## ତୁର୍କୀ ପ୍ରସ୍ତାବକୁ ହ୍ୱାଇଟ୍ ହାଉସ୍‌ର ପ୍ରତ୍ୟାଖ୍ୟାନ

**ୱାଶିଂଟନ୍ :** ଜନୈକ ଆମେରିକୀୟ ଅଧିକାରୀଙ୍କ ମୁକ୍ତି ବିନିମୟରେ ତୁର୍କୀ ସରକାରଙ୍କ ପ୍ରସ୍ତାବକୁ ଯୁକ୍ତରାଷ୍ଟ୍ର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପ୍ରତ୍ୟାଖ୍ୟାନ କରିଛନ୍ତି। ଟ୍ରମ୍ପଙ୍କ ନିଷ୍ପତ୍ତିକୁ ହ୍ୱାଇଟ୍ ହାଉସ୍ ବିଜ୍ଞପ୍ତି ଆକାରରେ ପ୍ରକାଶ କରିଛି। ଖାଲି ସେତିକି ନୁହେଁ, ଆସନ୍ତା ସପ୍ତାହକ ମଧ୍ୟରେ ଯୁକ୍ତରାଷ୍ଟ୍ର ଆମେରିକା ତୁର୍କୀ ଉପରେ ଆହୁରି କିଛି କଟକଣା ପ୍ରୟୋଗ କରିବାର ସମ୍ଭାବନା ପ୍ରକାଶ ପାଇଛି। ତୁର୍କୀ ବ୍ୟାଙ୍କ ଉପରୁ ଜୋରିମାନା ରାଶି ଛାଡ଼ କରିବାକୁ ଟ୍ରମ୍ପ ସରକାରଙ୍କ ଉପରେ ଚାପ ପକାଇଥିଲେ ତୁର୍କୀ ସରକାର। ହ୍ୱାଇଟ୍ ହାଉସ୍‌ରୁ ଜାରି ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି ଯେ ବାସ୍ତବରେ ନାଟୋ କର୍ତ୍ତୃପକ୍ଷ ଆମେରିକୀୟ ଅଧିକାରୀ ଆଣ୍ଡ୍ରେୟୁ ବ୍ରନସନ୍‌ଙ୍କୁ ଗିରଫ କରିନାହାନ୍ତି। ତେଣୁ ସର୍ତ୍ତ ମାନିବାର ପ୍ରଶ୍ନ ଉଠୁନି। ଏଠାରେ ସୂଚାଇ ଦେଉଛୁ କି, ୨୦୧୬ ଅକ୍ଟୋବରରୁ ବ୍ରନସନ୍ ତୁର୍କୀ ଜେଲରେ ଅଛନ୍ତି। ତାଙ୍କ ବିରୋଧରେ ତୁର୍କୀ ରାଷ୍ଟ୍ରପତି ରିସିପ୍ ତାୟିପ୍ ଏର୍ଡୋଗାନଙ୍କୁ ହତ୍ୟା ଷଡ଼ଯନ୍ତ୍ର ଅଭିଯୋଗ ଅଣାଯାଇଛି। ବ୍ରନସନଙ୍କ ଗିରଫଦାରୀ ପରେ ୱାଶିଂଟନ୍ ଓ ଅଙ୍କାରା ମଧ୍ୟରେ ତିକ୍ତତା ବୃଦ୍ଧି ପାଇଛି। ଗତ ଶୁକ୍ରବାର ତୁର୍କୀ ଉଚ୍ଚସ୍ତରୀୟ ଫୌଜଦାରୀ ଅଦାଲତ ଅଭିଯୁକ୍ତ ବ୍ରନସନ୍‌ଙ୍କ ଜାମିନ ଆବେଦନକୁ ଖାରଜ କରିଛନ୍ତି। କୋର୍ଟ ରାୟ ପ୍ରକାଶ ପରେ ଟ୍ରମ୍ପ ଟ୍ୱିଟ୍ କରିଥିଲେ ଯେ ଅତୀତରେ ତୁର୍କୀ ଯୁକ୍ତରାଷ୍ଟ୍ର ଆମେରିକାଠାରୁ ଯଥେଷ୍ଟ ଫାଇଦା ଲାଭ କରିଛି। ଏବେ ସେମାନେ ଆମର ଜଣେ ଅଧିକାରୀଙ୍କୁ ଅଟକ ରଖିଛନ୍ତି। ବ୍ରନସନ୍‌ଙ୍କ ଭଳି ନିରୀହ ଦେଶପ୍ରେମୀଙ୍କ ପାଇଁ ଯୁକ୍ତରାଷ୍ଟ୍ର ଆମେରିକା ମୁଣ୍ଡ ନୁଆଁଇବ ନାହିଁ। ପତ୍ନୀ ଓ ତିନିଟି ପିଲାଙ୍କ ସହ ବ୍ରନସନ୍ ତୁର୍କୀରେ ଦୀର୍ଘ ୨୫ ବର୍ଷ ଧରି ରହି ଆସୁଥିଲେ। ତୁର୍କୀ ସରକାରଙ୍କ ବେଆଇନ ଘୋଷିତ କୁର୍ଦ୍ଦିସ୍ତାନ ୱାର୍କର୍ସ ପାର୍ଟି ସହ ବ୍ରନସନଙ୍କ ଭିତିରି ସମ୍ପର୍କ ଥିବା ଅଭିଯୋଗ ଆଣି କ୍ଷମତାସୀନ ସରକାର ତାଙ୍କ ଗିରଫଦାରୀ ଆଦେଶ ଦେଇଥିଲେ। ଚଳିତ ମାସ ପ୍ରଥମ ସପ୍ତାହରେ ଟ୍ରମ୍ପ ସରକାର ତୁର୍କୀକୁ ରପ୍ତାନିଯୋଗ୍ୟ ଷ୍ଟିଲ୍ ଓ ଆଲୁମିନିୟମ୍ ଦର ବୃଦ୍ଧି କରିଛନ୍ତି। ବ୍ରନସନ୍‌ଙ୍କ ପ୍ରତି ତୁର୍କୀ ଅଧିକାରୀଙ୍କ ଆଚରଣ ଉପରେ ଟ୍ରମ୍ପ ସରକାର କଡ଼ା ନଜର ରଖିଛନ୍ତି। ଉତ୍ତର ଆଟଲାଣ୍ଟିକ୍ ଚୁକ୍ତିବଦ୍ଧ ସଂଗଠନ (ନାଟୋ) ଯୁକ୍ତରାଷ୍ଟ୍ର ଆମେରିକା ଓ ତୁର୍କୀ ମଧ୍ୟରେ ଆପୋଷ ମିଳାମିଶା ଉଦ୍ୟମ ଜାରି ରଖିଛନ୍ତି। ତେବେ ବ୍ରନସନ୍‌ଙ୍କୁ ନିଃସର୍ତ୍ତ ମୁକ୍ତ ନ କରିବା ପର୍ଯ୍ୟନ୍ତ ତୁର୍କୀ ସହିତ କୌଣସି ପ୍ରକାର ଆଲୋଚନାର ପ୍ରଶ୍ନ ଉଠୁନି ବୋଲି ହ୍ୱାଇଟ୍ ହାଉସ୍ ରୋକଠୋକ୍ ଜଣାଇଛି। ଅନ୍ୟପକ୍ଷରେ ବ୍ରନସନ୍‌ଙ୍କ ବ୍ୟାପାରରେ ଯୁକ୍ତରାଷ୍ଟ୍ର ଆମେରିକାର ମନୋଭାବକୁ ତୁର୍କୀ ରାଷ୍ଟ୍ରପତି ଏର୍ଡୋଗାନ୍ ସମାଲୋଚନା କରିଛନ୍ତି। ସେ କହିଛନ୍ତି ତୁର୍କୀରେ ବେଆଇନ୍ ଘୋଷିତ କୁର୍ଦ୍ଦିସ୍ତାନ ୱାର୍କର୍ସ ପାର୍ଟି ଦେଶଦ୍ରୋହ କାର୍ଯ୍ୟରେ ଲିପ୍ତ। ଏପରି ସଂଗଠନକୁ ପ୍ରୋତ୍ସାହନ ଦେଇ ଯୁକ୍ତରାଷ୍ଟ୍ର ଆମେରିକା ତୁର୍କୀବାସୀଙ୍କ ପ୍ରତି ବିପଦ ସୃଷ୍ଟି କରୁଛି। ପରିସ୍ଥିତି ଜଟିଳ ହେବା ପୂର୍ବରୁ ଟ୍ରମ୍ପ ସରକାର ନିଜର ଭୁଲ ସୁଧାରି ନିଅନ୍ତୁ।

## ଫେକ୍ ନ୍ୟୁଜ ନିୟନ୍ତ୍ରଣ ନହେଲେ କାର୍ଯ୍ୟାନୁଷ୍ଠାନ : ରବିଶଙ୍କର



**ନୂଆଦିଲ୍ଲୀ :** ଏଣିକି ମିଥ୍ୟା ଖବର ପ୍ରଚାର ଓ ପ୍ରସାର ଉପରେ ଲଗାଯିବ ପ୍ରତିବନ୍ଧକ। ହ୍ୱାଟ୍ସଆପ୍ ସିଇଓ କ୍ରିସ୍ ଡାନିଏଲ୍ସଙ୍କ ସହିତ ବୈଠକ ପରେ ଏଭଳି କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି ସୂଚନା ପ୍ରସାରଣ ମନ୍ତ୍ରୀ ରବିଶଙ୍କର ପ୍ରସାଦ। ମିଥ୍ୟା ଖବରର ପ୍ରଚାର ପ୍ରସାର ଉପରେ ପ୍ରତିବନ୍ଧକ ଲଗାଇବା ଉଦ୍ଦେଶ୍ୟରେ ଶ୍ରୀ ପ୍ରସାଦ ଏହି ପ୍ରମୁଖ ମେସେଜିଂ ଆପ୍ ହ୍ୱାଟ୍ସଆପ୍‌ର ସିଇଓଙ୍କ ସହିତ ବୈଠକ ପରେ ସେ କହିଛନ୍ତି, ଏହି ଆପ୍ଲିକେସନ୍‌ରେ ବ୍ୟାପୁଥିବା ବାର୍ତ୍ତା କାରଣରୁ ମୋବ୍ ଲିଞ୍ଚିଂ ପରି ଜଘନ୍ୟ କାଣ୍ଡ ଘଟିବା ଭଳି ସ୍ଥିତି ଉପୁଜୁଥିବାର ହ୍ୱାଟ୍ସଆପ ଏ ଦିଗରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବାର ଆବଶ୍ୟକତା ରହିଛି। ଏଭଳି କରିବାରେ କମ୍ପାନୀ ଯଦି ବିଫଳ ହୁଏ, ଏହା ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ ପ୍ରତିକ୍ରିୟା ରଖିଛନ୍ତି। ବୈଠକରେ ସେ ଦେଇଥିବା ବିଭିନ୍ନ ପ୍ରସ୍ତାବ ମଧ୍ୟରେ କହିଛନ୍ତି, ଫେକ୍ ନ୍ୟୁଜ୍ ଏବଂ ହିଂସା ପ୍ରୋତ୍ସାହନକାରୀ ବାର୍ତ୍ତା ଉପରେ ଲଗାମ ଲଗାଇବା ଉଦ୍ଦେଶ୍ୟରେ ହ୍ୱାଟ୍ସଆପ୍‌କୁ ଭାରତର ଆଇନ ଅନୁଯାୟୀ କାର୍ଯ୍ୟ କରିବାକୁ ହେବ ଏବଂ ଏହାର ପରିଚାଳନା ପାଇଁ ଭାରତରେ ଏକ କର୍ପୋରେଟ୍ ୟୁନିଟ୍ ସ୍ଥାପନ କରିବାକୁ ହେବ। ମିଥ୍ୟା ଖବରର ସ୍ରୋତକୁ ସନ୍ଧାନ କରିବା ପାଇଁ ଏକ ସ୍ୱତନ୍ତ୍ର ଟେକ୍ନିକ୍ ବାହାର କରିବା ପାଇଁ ମଧ୍ୟ ସେ ତାଗିଦ କରିଛନ୍ତି। ବୈଠକ ପରେ ମନ୍ତ୍ରୀ କହିଛନ୍ତି, ‘ହ୍ୱାଟ୍ସଆପ୍ ସିଇଓଙ୍କ ସହିତ ମୋର ଏକ ସାର୍ଥକ ବୈଠକ ଆୟୋଜିତ ହୋଇଛି। ସମଗ୍ର ଦେଶରେ ହ୍ୱାଟ୍ସଆପ୍ ସଚେତନତାର ପ୍ରଚାର କରିବାରେ ଯେଉଁଭଳି ଦାୟିତ୍ୱ ତୁଲାଇଛି, ତାକୁ ମୁଁ ପ୍ରଶଂସା କରୁଛି। ମାତ୍ର କିଛି ବିଶୃଙ୍ଖଳିତ ଗୋଷ୍ଠୀ ଦ୍ୱାରା ଜନସାଧାରଣଙ୍କୁ ପିଟି ପିଟି ହତ୍ୟା କରିବା ତଥା ଏହାର ଅଶ୍ଳୀଳ ଫଟୋ ଉଠାଇ ଶେୟାର କରିବା ଭଳି ଅହିତକର ଗତିବିଧି ଯାହା ଅପରାଧିକ ତଥା ଆଇନର ଉଲ୍ଲଂଘନ କରିବା ସହିତ ସମାନ, ସେଥିପାଇଁ ହ୍ୱାଟ୍ସଆପ୍‌କୁ ସମାଧାନର ପନ୍ଥା ବାହାର କରିବାକୁ ପଡ଼ିବ।’ ଏଥିସହ ହ୍ୱାଟ୍ସଆପ୍‌ଅଧିକାରୀ ନିଯୁକ୍ତ କରିବା ଏବଂ ମିଥ୍ୟା ଖବରର ଉତ୍ପତ୍ତି ସମ୍ପର୍କରେ ଅବଗତ ହେବା ପାଇଁ ଟେକ୍ନିକ୍ ଉଦ୍ଭାବନ କରିବା ପାଇଁ କହିଛନ୍ତି। ଶ୍ରୀ ପ୍ରସାଦ ଏହି ଅବସରରେ ପେମେଣ୍ଟସ୍ ବାବଦରେ କହିଛନ୍ତି, ଏହି ବ୍ୟବସ୍ଥା ଆରମ୍ଭ କରିବା ପୂର୍ବରୁ ଏହି କମ୍ପାନୀକୁ ଭାରତରେ ହିଁ ତଥ୍ୟ ସଂରକ୍ଷଣ କରିବାକୁ ହେବ।

## କେନ୍ଦ୍ରକୁ ସୁପ୍ରିମ୍‌କୋର୍ଟଙ୍କ ପ୍ରଶ୍ନ : ସଂରକ୍ଷଣ ବ୍ୟବସ୍ଥା କ’ଣ ଏମିତି ଚାଲିଥିବ

**ନୂଆଦିଲ୍ଲୀ :** ପଦୋନ୍ନତି କ୍ଷେତ୍ରରେ ସଂରକ୍ଷଣରୁ ସ୍ୱଚ୍ଛଳବର୍ଗଙ୍କୁ ବାଦ୍ ଦେବା ପ୍ରସଙ୍ଗ ଉପରେ ବିଚାର କଲାବେଳେ ସୁପ୍ରିମକୋର୍ଟ ଏହି ବ୍ୟବସ୍ଥା କ’ଣ ସବୁଦିନ ପାଇଁ ଚାଲିଥିବ କି ବୋଲି ପ୍ରଶ୍ନ ଉଠାଇଛନ୍ତି। ପ୍ରଧାନ ବିଚାରପତି ଜଷ୍ଟିସ୍ ଦୀପକ ମିଶ୍ର, ଜଷ୍ଟିସ୍ କୁରିଏନ୍ ଯୋଶେଫ୍, ଜଷ୍ଟିସ୍ ଆର୍‌ଏଫ୍ ନରିମାନ୍, ଜଷ୍ଟିସ୍ ସଞ୍ଜୟ କିସନ କାଉଲ୍ ଓ ଜଷ୍ଟିସ୍ ଇନ୍ଦୁ ମାଲହୋତ୍ରାଙ୍କୁ ନେଇ ଗଠିତ ୫ ଜଣିଆ ଖଣ୍ଡପୀଠ କହିଛନ୍ତି, ‘ଚାକିରିରେ ପ୍ରବେଶ କଲାବେଳେ ପଛୁଆବର୍ଗ ପାଇଁ ସଂରକ୍ଷଣ ବ୍ୟବସ୍ଥାରେ କୌଣସି ଭୁଲ ନାହିଁ। କିନ୍ତୁ ସମସ୍ତ ଅନୁସୂଚିତ ଜାତି / ଜନଜାତି କର୍ମଚାରୀଙ୍କୁ ପଦୋନ୍ନତି ଦିଆଯିବା ବେଳେ ସେମାନଙ୍କର ଚାକିରିର ଷ୍ଟାଟସ୍‌କୁ ନଜର ନ କରି ସେମାନଙ୍କୁ ସଂରକ୍ଷଣ ସୁବିଧା ଦେବା ଚିନ୍ତାର ବିଷୟ।’ ଖଣ୍ଡପୀଠ ଆହୁରି କହିଛନ୍ତି, ‘ଧରାଯାଉ ଜଣେ ବ୍ୟକ୍ତି ସଂରକ୍ଷଣ ସୁବିଧା ପାଇ ଆଇଏଏସ୍ ହେଲା ପରେ ପୁଣି ସଂରକ୍ଷଣ ବଳରେ ସଚିବ ହେଲେ। ସେହି ବରିଷ୍ଠ ଅମଲାତନ୍ତ୍ରୀଙ୍କ ନାତି କିମ୍ବା ଅଣନାତିକୁ ଯଦି ଚାକିରିରେ ପଦୋନ୍ନତି ଦିଆଯିବା ବେଳେ ତାଙ୍କୁ ପଛୁଆ ବର୍ଗ ଭାବେ ବିଚାର କରାଯିବ, ତାହାହେଲେ ଏହି ସଂରକ୍ଷଣ ସୁବିଧା ଚିରଦିନ ପାଇଁ ଚାଲିବ।’ ଅତିରିକ୍ତ ସଲିସିଟର୍ ଜେନେରାଲ ତୁଷାର ମେହେଟ୍ଟା, ବରିଷ୍ଠ ଆଡ୍‌ଭୋକେଟ୍ ନିଧେଶ ଗୁପ୍ତା, ଦିନେଶ ଦ୍ୱିବେଦୀ, ଇନ୍ଦିରା ଜୟସିଂହ, ରୂପିନ୍ଦର ଏସ୍ ସୁରୀ ଓ ସଞ୍ଜୟ ହେଗ୍‌ଡେ ପ୍ରମୁଖ ସୁପ୍ରିମକୋର୍ଟଙ୍କ ୨୦୦୬ ନାଗାର୍ଜୁନ ମାମଲାର ରାୟ ସମ୍ପର୍କରେ ୭ ଜଣିଆ ଖଣ୍ଡପୀଠରେ ତର୍ଜମା କରାଯିବାକୁ ଦାବି ଜଣାଇଥିଲେ। ଉଲ୍ଲେଖଯୋଗ୍ୟ ଯେ, ନାଗାର୍ଜୁନ ମାମଲାର ରାୟରେ ସମ୍ବିଧାନର ୧୬ (୪ଏ) ଧାରାର ବୈଧତାକୁ କାଏମ୍ ରଖାଯାଇଛି। ଏଥିରେ ରାଜ୍ୟଗୁଡ଼ିକୁ ପଦୋନ୍ନତି କ୍ଷେତ୍ରରେ ସଂରକ୍ଷଣ ଲାଗୁ କରିବାକୁ କୁହାଯାଇଛି। ତେବେ ଏଥିରେ ୩ଟି ଦିଗ ଉପରେ ଧ୍ୟାନ ଦେବାକୁ ପରାମର୍ଶ ଦିଆଯାଇଛି। ରାଜ୍ୟଗୁଡ଼ିକ ପଦୋନ୍ନତିରେ ସଂରକ୍ଷଣ ସୁବିଧା ଦେଲାବେଳେ କର୍ମଚାରୀଙ୍କ ପଛୁଆ ସ୍ଥିତି, ଚାକିରିରେ ଅନୁସୂଚିତ ଜାତି / ଜନଜାତି କର୍ମଚାରୀଙ୍କ ସଂଖ୍ୟା ଏବଂ ପ୍ରଶାସନିକ କ୍ଷେତ୍ରରେ ସେମାନଙ୍କ ଦକ୍ଷତାକୁ ବିଚାରକୁ ନେବାକୁ କୁହାଯାଇଛି।

# ବାଂଲା ମୁଣ୍ଡରେ ରୋହିଙ୍ଗ୍ୟାଙ୍କ ଭାଗ୍ୟ !

**ସିଙ୍ଗାପୁର :** ମ୍ୟାଁମାର୍ ସେନାକୁ ଡରି ବାଂଲାଦେଶରେ ଆଶ୍ରିତ ରୋହିଙ୍ଗ୍ୟା ମୁସଲିମଙ୍କ ଭାଗ୍ୟକୁ ବାଂଲା ସରକାରଙ୍କ ନିଷ୍ପତ୍ତି ଉପରେ ଛାଡ଼ି ଦେଇଛନ୍ତି ମ୍ୟାଁମାର୍ ନେତ୍ରୀ ଅଙ୍ଗ ସାନ୍ ସୁ-କି। ପ୍ରାୟ ବର୍ଷକ ତଳେ ଦୁଇ ଦେଶ ମଧ୍ୟରେ ସମ୍ପାଦିତ ଚୁକ୍ତିପତ୍ର ଏବେ ଅଲୋଡ଼ା ପ୍ରାୟ ହୋଇଯାଇଛି। ରୋହିଙ୍ଗ୍ୟା ଶରଣାର୍ଥୀଙ୍କ ମ୍ୟାନମାର ପ୍ରତ୍ୟାବର୍ତ୍ତନ ସମ୍ପର୍କରେ ଆନୁଷଙ୍ଗିକ ପଦକ୍ଷେପ ଗ୍ରହଣ କରିବାକୁ ବାଂଲାଦେଶ ଓ ମ୍ୟାଁମାର୍ ମଧ୍ୟରେ ରାଜିନାମା ସ୍ୱାକ୍ଷରିତ ହୋଇଥିଲା। ଏବେ ବାଂଲା ସରକାରଙ୍କ ନିରବତାକୁ ଦାୟୀ କରିଛନ୍ତି ଅଙ୍ଗ ସାନ୍ ସୁ-କି। ରୋହିଙ୍ଗ୍ୟା ଶରଣାର୍ଥୀଙ୍କୁ ମ୍ୟାଁମାର୍ ପଠାଯିବା ଉପରେ ବାଂଲା ସରକାର ଟାଳଟୁଳ ନୀତି ଅବଲମ୍ବନ କରୁଥିବା ସୁ-କି ଅଭିଯୋଗ ଉଠାଇଛନ୍ତି। ଆଜକୁ ପ୍ରାୟ ବର୍ଷକ ପୂର୍ବେ ମ୍ୟାଁମାର୍ ସେନାଙ୍କ ରକ୍ତମୁଖା ଆକ୍ରମଣରେ ଭୀତତ୍ରସ୍ତ ହୋଇ ୭ ଲକ୍ଷରୁ ଅଧିକ ରୋହିଙ୍ଗ୍ୟା ମୁସଲିମ ବାଂଲାଦେଶକୁ ପଳାଇ ଆସିଥିଲେ। ବାଂଲା ସରକାର ସେମାନଙ୍କୁ ନାଗରିକ ରୂପେ ଗ୍ରହଣ କରିବାକୁ ନାରାଜ ଥିବାବେଳେ ମ୍ୟାଁମାର୍ ଫେରିଯିବାକୁ ଚାପ ପକାଉନାହିଁ। ମ୍ୟାଁମାର୍ ସରକାରଙ୍କ ସେନା କାର୍ଯ୍ୟାନୁଷ୍ଠାନକୁ ଭୟ କରି ବାଂଲାରେ ଆଶ୍ରିତ ରୋହିଙ୍ଗ୍ୟା ପରିବାର ସ୍ୱଦେଶ ପ୍ରତ୍ୟାବର୍ତ୍ତନ ପାଇଁ ରାଜି ହେଉନାହାନ୍ତି। ସେମାନଙ୍କ ଅଭିଯୋଗ ହେଲା, ବର୍ଷକ ତଳେ ଯେଉଁ ସରକାର ସେନା ପ୍ରୟୋଗ କରି ସେମାନଙ୍କ ଘରଦ୍ୱାର ପୋଡ଼ିଦେଲେ। ଯୁବକମାନଙ୍କୁ ନିର୍ମମ ହତ୍ୟା କରିବା ସହ ଝିଅବୋହୂଙ୍କ ଉପରେ ଲୋଲୁପ ଦୃଷ୍ଟି ପକାଇଲେ। ବନ୍ଧୁକ ମୂନରେ ସେମାନଙ୍କୁ ଭିଟାମାଟି ଛାଡ଼ିବାକୁ ବାଧ କଲେ। ମ୍ୟାଁମାର୍‌କୁ ଫେରିବା ପରେ ସେମାନଙ୍କୁ ଯେ ପୁନର୍ବାର ଶାରୀରିକ ଓ ମାନସିକ ନିର୍ଯାତନାର ଶିକାର ହେବାକୁ ପଡ଼ିବନି, କିଏ କହିବ ? ଚଳିତ ବର୍ଷ ଜାନୁଆରୀରୁ ମ୍ୟାଁମାର୍ ସରକାର ରୋହିଙ୍ଗ୍ୟା ମୁସଲିମଙ୍କ ଘର ଲେଉଟାଣି ପାଇଁ ଦ୍ୱାର ଉନ୍ମୁକ୍ତ କରିଛନ୍ତି। ଏଥିପାଇଁ ନିର୍ଦ୍ଦିଷ୍ଟ



ସମୟ ଅବଧି ରଖାଯାଇନି। ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ ମ୍ୟାଁମାର୍ ଗଣତନ୍ତ୍ରବାଦୀ ନେତ୍ରୀ ଅଙ୍ଗ ସାନ ସୁ-କି ଏହି ମତପ୍ରଦାନ କରିଛନ୍ତି। ସୁ-କି ମ୍ୟାଁମାର୍ ସାମରିକ ଶାସକଙ୍କ ନିଷ୍ଠୁର ଶାସନର ଭୁକ୍ତଭୋଗୀ ଥିଲେ ମଧ୍ୟ ରୋହିଙ୍ଗ୍ୟା ମୁସଲିମଙ୍କ ପ୍ରତି ସେନା କାର୍ଯ୍ୟାନୁଷ୍ଠାନକୁ ପ୍ରତିବାଦ କରିନାହାନ୍ତି ବୋଲି ଅଭିଯୋଗ ଶୁଣିବାକୁ ମିଳୁଛି। ରୋହିଙ୍ଗ୍ୟା ମୁସଲିମମାନେ ପଶ୍ଚିମ ମ୍ୟାଁମାର୍‌ସ୍ଥିତ ରାଖିନେ ପ୍ରଦେଶକୁ ସେମାନଙ୍କର ମୂଳଦେଶ ଧରି ନେଇଛନ୍ତି। ଯୁକ୍ତରାଷ୍ଟ୍ର ଆମେରିକା ଓ ମିଳିତ ଜାତିସଂଘ ମ୍ୟାଁମାର୍ ପରିସ୍ଥିତି ଅବଲୋକନ କରି ରୋହିଙ୍ଗ୍ୟା ପ୍ରତ୍ୟାବର୍ତ୍ତନ ପାଇଁ ଅନୁକୂଳ ପରିବେଶ ସୃଷ୍ଟି ହୋଇନି ବୋଲି ମତାମତ ଦେଇଛନ୍ତି। ବର୍ଷକ ତଳେ ମ୍ୟାଁମାର୍‌ରେ ଘଟିଥିବା ସେନା କାର୍ଯ୍ୟାନୁଷ୍ଠାନ ପାଇଁ ସୁ-କି ରୋହିଙ୍ଗ୍ୟାଙ୍କୁ ଦାୟୀ କରିଛନ୍ତି। ସୁ-କି ଅଭିଯୋଗ ହେଉଛି ଯେ ବିଦ୍ରୋହୀ ରୋହିଙ୍ଗ୍ୟାମାନେ ଧୈର୍ଯ୍ୟହରା ହୋଇ ପୁଲିସଙ୍କୁ ଆକ୍ରମଣ କଲେ। ସ୍ଥିତି ନିୟନ୍ତ୍ରଣ ବାହାରକୁ ଚାଲିଯିବା ପରେ ସେନା ପ୍ରୟୋଗ କରାଗଲା। ସେତେବେଳେ ମ୍ୟାଁମାର୍ ସରକାରଙ୍କ ସେନା କାର୍ଯ୍ୟାନୁଷ୍ଠାନକୁ ମିଳିତ ଜାତିସଂଘ ନାପସନ୍ଦ କରିଥିଲେ। ନିଜକୁ ଦୋଷମୁକ୍ତ କରିବାକୁ ଯାଇ ମ୍ୟାଁମାର୍ ସରକାର ଯୁକ୍ତି ଉପସ୍ଥାପନ କରିଥିଲେ ଯେ ସେମାନଙ୍କ ପ୍ରକୃତ ସମସ୍ୟାକୁ ବିଶ୍ୱବାସୀ ବୁଝି ପାରୁନାହାନ୍ତି। ଆନ୍ତର୍ଜାତିକ ସ୍ତରରେ ମ୍ୟାଁମାର୍‌ର ସାମାଜିକ ମୂଲ୍ୟବୋଧକୁ ଦାୟୀ କରାଯାଉଛି। ମୋଟାମୋଟି ଉପରେ ଦେଖିଲେ, ଏବେସୁଦ୍ଧା ରୋହିଙ୍ଗ୍ୟା ମୁସଲିମଙ୍କୁ ମ୍ୟାଁମାର୍ ସରକାର ସ୍ଥାୟୀ ନାଗରିକତ୍ୱ ପ୍ରଦାନ କରିବାକୁ ଆଇନ୍ ପ୍ରଣୟନ କରିନାହାନ୍ତି। ସେମାନଙ୍କ ସାମାଜିକ ଓ ଆର୍ଥିକ ଥଇଥାନ ପ୍ରତି ଦୃଷ୍ଟି ଦେଇନାହାନ୍ତି। ସେମାନଙ୍କ ସ୍ୱାଧୀନ ବିଚରଣ ଓ ଜୀବନ ଜୀବିକା ଉପରେ କଟକଣା ପ୍ରୟୋଗ କରୁଛନ୍ତି। ଏପରି ଘଡ଼ିସନ୍ଧି ମୁହୂର୍ତ୍ତରେ ବାଂଲା ସରକାରଙ୍କୁ ଅଯଥା ଦାୟୀ କରାଯାଉଛି।

## କେମିତି କଟିବ ଏ ସପ୍ତାହ

**ମେଷ** – ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ଛାତ୍ରଛାତ୍ରୀମାନେ ପାଠପଢ଼ା କ୍ଷେତ୍ରରେ ଚିନ୍ତିତ ରହିବେ। ଆର୍ଥିକ ସ୍ଥିତିରେ ପରିବର୍ତ୍ତନ ଦେଖାଦେବ। ଲାଗି ରହିଥିବା ଜମିଜମା ବିବାଦର ସମାଧାନ ଘଟିବ। ସରକାରୀ ଚାକିରିଆଙ୍କୁ ଲାଭ ମିଳିପାରେ।

**ବୃଷ** – ନୂତନ ଗୃହ ନିର୍ମାଣ କରିବାର ସମୟ ଆସିବ। ବୈବାହିକ ଜୀବନ ସୁଖମୟ ହେବ। ଗୃହରେ ଶାନ୍ତିର ବାତାବରଣ ଖେଳିଯିବ। ମାନସିକ ସୁସ୍ଥତା ଅନୁଭବ କରିବେ। ବିଦ୍ୟାର୍ଥୀମାନେ ଅଧିକ ପରିଶ୍ରମ କରି କୃତିତ୍ୱ ହାସଲ କରିବେ।

**ମିଥୁନ** – ନୂତନ କର୍ମରେ ଯୋଗ ଦେବାର ସମୟ ଆସିବ। ଯାନବାହନଠାରୁ ଦୂରେଇ ରୁହନ୍ତୁ। ତୀର୍ଥସ୍ଥାନ ଭ୍ରମଣର ସୁଯୋଗ ମିଳିବ। ଛାତ୍ରଛାତ୍ରୀମାନେ ପାଠପଢ଼ାରେ କୃତିତ୍ୱ ଲାଭ କରିବେ। ପରିବାର ମଧ୍ୟରେ ଆନନ୍ଦ ଖେଳିଯିବ।

**କର୍କଟ** – କର୍ମକ୍ଷେତ୍ରରେ ସହକର୍ମୀଙ୍କଠାରୁ ପ୍ରଶଂସା ପାଇବେ। ରାଜନୈତିକ ବ୍ୟକ୍ତିମାନେ ସତର୍କତା ଅବଲମ୍ବନ କରନ୍ତୁ। ବିଦ୍ୟାର୍ଥୀମାନେ ଅଧିକ ପରିଶ୍ରମ କରି ଫଳ ପାଇବେ। ବେକାରୀ ସମସ୍ୟା ଦୂର ହେବ।

**ସିଂହ** – ଗୃହରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ। ଲାଗି ରହିଥିବା ବିବାଦର ସମାଧାନ ହେବ। ସାମାଜିକ ଉତ୍ସବରେ ସହଯୋଗ କରିବେ। ନୂତନ କର୍ମରେ ଯୋଗ ଦେଇ ପ୍ରଶଂସିତ ହେବେ। ବିଦ୍ୟାର୍ଥୀମାନେ ଶୁଭଫଳ ପାଇବେ।

**କନ୍ୟା** – ତୀର୍ଥସ୍ଥାନ ଭ୍ରମଣ କରିବାର ସୁଯୋଗ ଆସିବ। କର୍ମକ୍ଷେତ୍ରରେ ପଦୋନ୍ନତି ହେବାର ଅଧିକ ସମ୍ଭାବନା। ବିଦ୍ୟାର୍ଥୀମାନେ କମ୍ ପରିଶ୍ରମରେ ଅଧିକ ଫଳପ୍ରଦ ହେବେ। ନୂତନ ଯାନ କ୍ରୟ କରିବାର ସମୟ ଆସିବ।

**ତୁଳା** – ଆଶା କରିଥିବା କର୍ମରେ ଶୁଭଫଳ ମିଳିବ। କର୍ମକ୍ଷେତ୍ରରେ ପଦୋନ୍ନତି ହେବାର ଅଧିକ ସମ୍ଭାବନା। ତୀର୍ଥସ୍ଥାନ ଭ୍ରମଣ କରିବାର ସୁଯୋଗ ଆସିବ। ରାଜନୈତିକ କ୍ଷେତ୍ରରେ ସଫଳତା ହାସଲ କରିବେ।

**ବିଛା** – ସାମାଜିକ କାର୍ଯ୍ୟରେ ଲିପ୍ତ ରହିବେ। ନୂତନବନ୍ଧୁଙ୍କ ଠାରୁ ଆର୍ଥିକ ସାହାଯ୍ୟ ମିଳିପାରେ। ବିଦ୍ୟାର୍ଥୀମାନେ ଶିକ୍ଷାକ୍ଷେତ୍ରରେ ଉନ୍ନତି କରିବେ। କର୍ମକ୍ଷେତ୍ରରେ ଉଚ୍ଚପଦସ୍ଥ କର୍ମଚାରୀଙ୍କଠାରୁ ପ୍ରଶଂସିତ ହେବେ।

**ଧନୁ** – କର୍ମକ୍ଷେତ୍ରରେ ସଫଳତା ଲାଭ କରିବେ। ଦୀର୍ଘଦିନର ପୁରୁଣା କାମର ସମାଧାନ ହେବ। ଅତୀତ ଘଟଣାକୁ କେନ୍ଦ୍ରକରି ପଡୋଶୀଙ୍କ ସହ ବିବାଦ ରହିପାରନ୍ତି। ବ୍ୟବସାୟୀମାନେ ବ୍ୟବସାୟରେ ଲାଭବାନ୍ ହେବେ।

**ମକର** – ଧନ ବୃଦ୍ଧିର ଶୁଭ ସଙ୍କେତ ମିଳିପାରେ। କର୍ମକ୍ଷେତ୍ରରେ ପ୍ରଶଂସା ପାଇବେ। ଗୃହରେ ବୟୋଜ୍ୟେଷ୍ଠଙ୍କ ଶରୀର ପ୍ରତି ସତର୍କ ରହିବେ। ଗୃହରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ। ବନ୍ଧୁମିଳନ ଘଟିପାରେ।

**କୁମ୍ଭ** – ମହତ୍ୱପୂର୍ଣ୍ଣ କାର୍ଯ୍ୟରେ ବ୍ୟସ୍ତ ରହିବେ। କର୍ମକ୍ଷେତ୍ରରେ ପ୍ରଶଂସା ପାଇବେ। ଗୃହରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ। ଧନ ବୃଦ୍ଧିର ଶୁଭସଙ୍କେତ ମିଳିପାରେ। ରାଜନୈତିକ ବ୍ୟକ୍ତି କିଛିମାତ୍ରାରେ ଶୁଭଫଳ ପାଇବେ। ବନ୍ଧୁମିଳନ ଘଟିପାରେ।

**ମୀନ** – ପରିବାରରେ ଏକତା ଓ ମାନସିକ ଶାନ୍ତି ବଢ଼ିବ। ଆର୍ଥିକ ସ୍ୱଚ୍ଛଳତା ଦେଖାଦେବ। ଛାତ୍ରଛାତ୍ରୀମାନେ ପ୍ରଶଂସିତ ହେବେ। କର୍ମକ୍ଷେତ୍ରରେ ପଦୋନ୍ନତି ଘଟିପାରେ। ଶାରୀରିକ ପୀଡା ଅନୁଭବ କରିପାରନ୍ତି।



ଚନ୍ଦ୍ରଶେଖର ମିଶ୍ର
ଜ୍ୟୋତିର୍ବିଦ୍ ଓ ବାସ୍ତୁବିଶାରଦ
କାକଟପୁର, ପୁରୀ
ମୋ-୯୭୭୭୦୬୩୪୧୧

# 'ଅପପୁଷ୍ଟି ଓ ଶିକ୍ଷାର ମାନ ହ୍ରାସ ପାଇବା ଓଡ଼ିଶା ପାଇଁ ସତର୍କ ଘଣ୍ଟି'

**ଭୁବନେଶ୍ୱର :** ସାମାଜିକ ଅସମାନତା, ଅପପୁଷ୍ଟି ଓ ଶିକ୍ଷାଦାନ ବ୍ୟବସ୍ଥାରେ ଗୁଣାତ୍ମକ ମାନ ହ୍ରାସ ବିକାଶ ମାର୍ଗର ମୁଖ୍ୟ ପ୍ରତିବନ୍ଧକ। ପ୍ରାକୃତିକ ସମ୍ବଳରେ ଭରପୁର ତଥା ସଂସ୍କୃତି ଓ ପରମ୍ପରା ସମୃଦ୍ଧ ଓଡ଼ିଶା ଆଜି ବି ପଛୁଆ ରାଜ୍ୟ ଭାବେ ପରିଗଣିତ। ରାଜ୍ୟରେ ପ୍ରତି ଦଶ ଜଣ ଶିଶୁରେ ଚାରିଜଣ ଅପପୁଷ୍ଟି ତଥା ବୟାସାନୁପାତିକ ମାନସିକ ଅନଗ୍ରସର ଶିକାର ହେଉଛନ୍ତି। ଏହା ନିଶ୍ଚିତ ଭାବେ ରାଜ୍ୟଗୁଡ଼ିକ ପାଇଁ ଏକ ସତର୍କ ଘଣ୍ଟି ବୋଲି ନୀତି ଆୟୋଗ ଉପାଧ୍ୟକ୍ଷ ଡ. ରାଜୀବ କୁମାର କହିଛନ୍ତି। ଓଡ଼ିଶା ବିକାଶ କନକ୍ଲେଭ୍-୨୦୧୮ ଉଦ୍‌ଘାଟନ ଅବସରରେ ଯୋଗଦେଇ ଅତିଥି ଭାବେ ଯୋଗ ଦେଇ ନୀତି ଆୟୋଗ ଉପାଧ୍ୟକ୍ଷ ଡ. କୁମାର କହିଛନ୍ତି, ଗୁଣାତ୍ମକ ଶିକ୍ଷା ସୁନିଶ୍ଚିତ କରିବା ପାଇଁ କେନ୍ଦ୍ର ସରକାର ମୌଳିକ ଶିକ୍ଷାରେ ପ୍ରଦର୍ଶନ ଭିତ୍ତିକ ଉତ୍ତରଦାୟିତ୍ୱ ନେବାକୁ ଯୋଜନା କରୁଛନ୍ତି। ଏଥିପାଇଁ ରାଜ୍ୟ ସରକାର ସହଯୋଗ କରିବା ଆବଶ୍ୟକ ବୋଲି ଡ. କୁମାର କହିଥିଲେ। ମୁଖ୍ୟଅତିଥି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଥିଲେ, ସ୍ୱାଧୀନତାର ୭୫ ବର୍ଷ ୨୦୨୨ ଓ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ପ୍ରତିଷ୍ଠାର ଶହେ ବର୍ଷ ୨୦୩୬ ପାଇଁ ବିକାଶର ରୋଡ୍‌ମ୍ୟାପ୍ ଜରୁରୀ। ଏହି ଆଧାରରେ ଓଡ଼ିଶାକୁ ବିକାଶର ଶୀର୍ଷକୁ ନେଇ ହେବ। ଆଗାମୀ ୧୦ରୁ ୧୫ ବର୍ଷ ଓଡ଼ିଶାର ବିକାଶ ସମ୍ଭାବନାର ଯାତ୍ରା ହେବ। ଓଡ଼ିଶାରେ ରହିଥିବା ୧ କୋଟି ପରିବାର ମଧ୍ୟରୁ ଏକ ତୃତୀୟାଂଶ ଲୋକେ କାମ ପାଇଁ ଘର ଛାଡୁଛନ୍ତି। ବିଏଡ୍ ଭଳି ଶିକ୍ଷା ପାଇବା ଓଡ଼ିଶାର ଯୁବକଯୁବତୀ କର୍ଣ୍ଣାଟକ ଭଳି ବାହାର ରାଜ୍ୟକୁ ଯାଉଛନ୍ତି। ରାଜ୍ୟରେ ରହିଥିବା ୪୦ ପ୍ରତିଶତ ଜାତି ଓ ଜନଜାତି ମାନଙ୍କର ସାମାଜିକ ବିକାଶ ହୋଇପାରୁନାହିଁ। ଏହି ସବୁ ସମସ୍ୟାର ସମାଧାନ ପାଇଁ ରୋଡମ୍ୟାପ୍ ପ୍ରସ୍ତୁତିର ଆବଶ୍ୟକତା ରହିଛି ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି। କନକ୍ଲେଭ୍‌ରେ ଉପସ୍ଥିତ ଥିବା ଲୋକଙ୍କ ମଧ୍ୟରେ ତ୍ୟାଗ ଓ ସମର୍ପଣର ଶକ୍ତି ରହିଛି। ଆପଣଙ୍କ ପାଖରେ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ସଂସ୍କାର ରହିଛି । ବକ୍ସି ଜଗବନ୍ଧୁ ପରି ସାହସର ରକ୍ତ ପ୍ରଭାବିତ ହେଉଛି । ବୀର ସୁରେନ୍ଦ୍ର ସାଏଙ୍କ ପରି ସାହସ ରହିଛି । ମଧୁବାବୁଙ୍କ ପରି ସ୍ୱାଭିମାନ ରହିଛି । ତେଣୁ ଏହି କନକ୍ଲେଭରେ ସମସ୍ତ ବିଷୟରେ ଆଲୋଚନା କରି ସମାଜର ବିକାଶ ପାଇଁ ମାଗଦର୍ଶନ ଦିଅନ୍ତୁ ବୋଲି ଶ୍ରୀ ପ୍ରଧାନ କହିଥିଲେ। ଶ୍ରୀ ପ୍ରଧାନ କହିଛନ୍ତି, ସମାଜରେ ରହିଥିବା ୯୦ରୁ ୯୫ ପ୍ରତିଶତ ଲୋକଙ୍କର ଇଚ୍ଛା ଅଛି ବିକାଶ କରିବା ପାଇଁ । ତେବେ ୪ରୁ ୫ ପ୍ରତିଶତ ଲୋକ ଏଥିରେ ବାଧା ସୃଷ୍ଟି କରୁଛନ୍ତି। ତେବେ ଆଜି ବୈଠକରେ ରାଜ୍ୟ ସରକାରର ଯେଉଁ ବନ୍ଧୁମାନେ ଯୋଗଦେଇନାହାନ୍ତି, ସେମାନେ ଆଗକୁ ବାକି ଥିବା କାର୍ଯ୍ୟକ୍ରମରେ ଯୋଗଦିଅନ୍ତୁ ବୋଲି ସେ ଆହ୍ୱାନ କରିଥିଲେ। ୟୁନେସ୍କୋର ଗବେଷଣା ଓ ସାମାଜିକ ଦାୟିତ୍ୱ ସହ ଅଧ୍ୟକ୍ଷ ଡ. ରାଜେଶ ଟଣ୍ଡନ କହିଥିଲେ, ନିରଂନ୍ତର ବିକାଶ ଲକ୍ଷ୍ୟ ହାସଲ ଦିଗରେ ସରକାରଙ୍କ ସାମାଜିକ ଅନୁଷ୍ଠାନ ଓ ଗୋଷ୍ଠୀ ସ୍ତରର ସଂଗଠନମାନେ ମିଳିତ ଭାବେ ପୟୟାସ କରିବା ଜରୁରୀ। ଓଡ଼ିଶା ବିକାଶ ସମାବେଶ ପ୍ରୟାସ ଜାରି ରଖିଛି। ରାଜ୍ୟ ତଥା ରାଜ୍ୟ ବାହାରୁ ବିଭିନ୍ନ ବର୍ଗର ପ୍ରତିନିଧିମାନେ ସାମିଲ୍ ହୋଇ ଏହା ପ୍ରମାଣିତ କରିଛନ୍ତି ଯେ ନିରନ୍ତର ବିକାଶ ଦିଗରେ ମିଳିତ ଉଦ୍ୟମ ନିହାତି ଅପରିହାର୍ଯ୍ୟ ବୋଲି ଶ୍ରୀ ଟଣ୍ଡନ୍ କହିଥିଲେ। ସମାଜ ସଂସ୍କାରଣ ତୁଳସୀ ମୁଣ୍ଡା କହିଥିଲେ ରାଜ୍ୟର ଅପହଞ୍ଚ ତଥା ଆଦିବାସୀ ବହୁଳ ଜିଲ୍ଲାଗୁଡ଼ିକ ଏବେ ବି ବିକାଶ ଠାରୁ ବହୁ ଦୂରରେ। ଏହି ଅଞ୍ଚଳର ବିକାଶ କେବଳ ଲୋକଙ୍କୁ ସଶକ୍ତୀକରଣ, ସଚେତନ ଓ ସେମାନଙ୍କର ସହଭାଗିତାରେ ସମ୍ଭବ ହୋଇପାରିବ ବୋଲି ଶ୍ରୀମତୀ ମୁଣ୍ଡା କହିଥିଲେ। କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ଶିକ୍ଷାବିତ୍ ଜଗଦାନନ୍ଦ ଓ ସମାଜସେବୀ ଶ୍ରୁତି ମହାପାତ୍ର ଯୋଗ ଦେଇଥିଲେ। ଏହି ଅବସରରେ କନକ୍ଲେଭ୍‌ର ସ୍ମରଣିକା ଉନ୍ମୋଚିତ ହୋଇଥିଲା। ତିନିଦିନ ଧରି ଚାଲିବାକୁ ଥିବା ଏହି ସମାବେଶରେ ୧୯ଟି ସମସ୍ୟାଭିତ୍ତିକ ସମାନ୍ତରାଳ ଆଲୋଚନାଚକ୍ରରେ ରାଜ୍ୟ ତଥା ରାଜ୍ୟ ବାହାରୁ ପ୍ରାୟ ୧ହଜାର ଉର୍ଦ୍ଧ୍ୱ ପ୍ରତିନିଧି ଅଂଶଗ୍ରହଣ କରିଛନ୍ତି।

## ସୁରତକୁ ସିଧାସଳଖ ବିମାନ ସେବା ଦାବିକଲେ ନବୀନ

**ଭୁବନେଶ୍ୱର :** ଓଡ଼ିଶାରୁ ସୁରତକୁ ସିଧାସଳଖ ବିମାନ ଚଳାଇବା ଲାଗି କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ସୁରେଶ ପ୍ରଭୁଙ୍କୁ ଚିଠି ଲେଖିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଏହି ଚିଠିରେ ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ, ସୁରତରେ ଅନେକ ଓଡ଼ିଆ ବସବାସ କରୁଛନ୍ତି। ସେମାନଙ୍କ ଯାତାୟାତ ସହିତ ଦୁଇ ସହରର ପର୍ଯ୍ୟଟକମାନଙ୍କ ସୁବିଧା ପାଇଁ ସିଧାସଳଖ ବିମାନ ଯୋଗାଯୋଗ ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ ବିମାନ ଚଳାଚଳ ମନ୍ତ୍ରୀଙ୍କୁ ଜଣେଇଛନ୍ତି। ଏହି ସୁବିଧା ଉପଲବ୍ଧ ହେଲେ ଯିବା ଆସିବାରେ ଅଧିକ ସମୟ ନଷ୍ଟ ହେବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ ଚିଠିରେ ଦର୍ଶାଇଛନ୍ତି। ଏହା ଛଡ଼ା ଓଡ଼ିଶାର ଲୋକେ ସୁରତର ପର୍ଯ୍ୟଟନର ମଧ୍ୟ ଆନନ୍ଦ ନେଇପାରିବେ। ତେଣୁ ଯଥା ସମ୍ଭବ ଏଥିପ୍ରତି ଦୃଷ୍ଟି ଦେଇ ଉଭୟ ରାଜ୍ୟ ମଧ୍ୟରେ ସମ୍ପର୍କକୁ ଆହୁରି ସୁଦୃଢ କରିବାପାଇଁ ମୁଖ୍ୟମନ୍ତ୍ରୀ ଚିଠିଦ୍ୱାରା ସୁରେଶ ପ୍ରଭୁଙ୍କୁ ଅନୁରୋଧ କରିଛନ୍ତି।

# ନଭେମ୍ବର ସୁଦ୍ଧା କଂଗ୍ରେସର ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା

**ଭୁବନେଶ୍ୱର :** କଂଗ୍ରେସ ଦଳ ଓଡ଼ିଶାର ସମସ୍ତ ୧୪୭ଟି ଆସନରେ ନଭେମ୍ବର ପ୍ରଥମ ସପ୍ତାହ ସୁଦ୍ଧା ତାହାର ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ଘୋଷଣା କରିବ। ପୂର୍ବ ସୂଚନା ମୁତାବକ ଆସନ୍ତା ୧୫ ଦିନ ମଧ୍ୟରେ ପ୍ରଥମ ପର୍ଯ୍ୟାୟରେ ୫୦ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯିବ। ପରେ ପର୍ଯ୍ୟାୟକ୍ରମେ ଅର୍ଥାତ୍ ନଭେମ୍ବର ପ୍ରଥମ ସପ୍ତାହ ମଧ୍ୟରେ ସମସ୍ତ ଆସନ ପାଇଁ ପ୍ରାର୍ଥୀ ଘୋଷଣା କରାଯିବା ନିମନ୍ତେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଇଥିବା ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଗଣମାଧ୍ୟମରେ ସୂଚନା ଦେଇଛନ୍ତି। ତେବେ ନିର୍ବାଚନର ଏତେ ପୂର୍ବରୁ ପ୍ରାର୍ଥୀ ଚୟନ କରିବା ଦଳ ପାଇଁ ଲାଭ କି କ୍ଷତି ହେବ ସେ ନେଇ ସାମ୍ବାଦିକଙ୍କ ପ୍ରଶ୍ନର ଉତ୍ତରରେ ନିରଞ୍ଜନ କହିଥିଲେ କି ଲାଭ କ୍ଷତି କଥା ଅଲଗା। କିନ୍ତୁ ବର୍ତ୍ତମାନ ସମୟରେ କଂଗ୍ରେସ ଦଳ ଯେଉଁ ଷ୍ଟ୍ରାଟେଜିରେ ଚାଲୁଛି ଏଥିରୁ ଲାଗୁଛି କି ନିଶ୍ଚିତ ଭାବେ ଲାଭ ହେବ। ତେବେ ଅନ୍ୟ ବିରୋଧୀ ଦଳଗୁଡ଼ିକ ତୁଳନାରେ କଂଗ୍ରେସ ବେଶ୍ ଆଗରୁ ପ୍ରାର୍ଥୀ ଘୋଷଣା କରିବା ଦ୍ୱାରା ଅନ୍ୟ ଦଳର ନେତାମାନେ ସତର୍କ ହୋଇଯିବା ନିଶ୍ଚିତ। ଏଥିସହ ସେମାନେ ଆମ ପ୍ରାର୍ଥୀଙ୍କ ବିରୋଧରେ ଷଡ଼ଯନ୍ତ୍ର ମଧ୍ୟ କରିପାରନ୍ତି। କିନ୍ତୁ ଆଗୁଆ ପ୍ରାର୍ଥୀ ଘୋଷଣା ହେଲେ କଂଗ୍ରେସ ନେତାମାନେ ନିର୍ବାଚନ ମଣ୍ଡଳୀରେ ହିଁ ସମୟ ଅତିବାହିତ କରିବେ। ଏଥିସହ ସେମାନଙ୍କୁ ଅଧିକରୁ ଅଧିକ ସମୟ ମିଳିବ ନିର୍ବାଚନ ମଣ୍ଡଳୀର ଲୋକଙ୍କ ସହ ମିଶିବା ପାଇଁ। ତେବେ ଯେଉଁମାନଙ୍କୁ ଦଳ ପ୍ରାର୍ଥୀ କରିବ ସେମାନଙ୍କ ସାଂଗଠନିକ ଦକ୍ଷତାକୁ ତନ୍ନତନ୍ନ କରି ପରଖାଯିବ। ପରେ ସେମାନେ ପ୍ରାର୍ଥୀ ହେବେ କି ନାହିଁ ତାହା ପ୍ରଦେଶ ଇଲେକ୍ସନ କମିଟି (ପିଇସି) ନିଷ୍ପତ୍ତି ନେବ। ଚୂଡ଼ାନ୍ତ ମୋହର ପାଇଁ ଏଆଇସିସି ଅଧ୍ୟକ୍ଷଙ୍କ ନିକଟକୁ ପ୍ରାର୍ଥୀ ତାଲିକା ପଠାଯିବ। ଏଆଇସିସିରୁ ଅନୁମତି ମିଳିବା ପରେ କେଉଁମାନେ ବିଧାନସଭାରେ ପ୍ରାର୍ଥୀ ହେବେ ସେ ନେଇ ଚୂଡ଼ାନ୍ତ ତାଲିକା ଗଣମାଧ୍ୟମକୁ ଦିଆଯିବ ବୋଲି ନିରଞ୍ଜନ ସୂଚନା ଦେଇଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ, ପୂର୍ବ ନିର୍ବାଚନ ଗୁଡ଼ିକରେ କଂଗ୍ରେସ ଯେଉଁ ଭୁଲ କରିଥିଲା ତାହା ଯେପରି ଦୋହରା ନଯାଏ ସେଥିପ୍ରତି ଯଥେଷ୍ଟ ଗୁରୁତ୍ୱ ଦିଆଯାଉଛି। ଏସବୁ ମଧ୍ୟରେ ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଚଳିତ ନିର୍ବାଚନରେ କଂଗ୍ରେସ ୫୦ ଜଣ ପ୍ରାର୍ଥୀଙ୍କୁ ନୂଆମୁହଁ ଭାବେ ବିଭିନ୍ନ ନିର୍ବାଚନ ମଣ୍ଡଳୀରୁ ପ୍ରାର୍ଥୀ କରିବ। ସେମାନଙ୍କ ମଧ୍ୟରେ ଯୁବକଙ୍କ ସଂଖ୍ୟା ଅଧିକ ରହିବ। ସେହିପରି ମହିଳାମାନଙ୍କୁ ମଧ୍ୟ ଦଳ ପକ୍ଷରୁ ଗୁରୁତ୍ୱ ଦିଆଯିବା ସହ ସାଂଗଠନିକ ଦକ୍ଷତା ଥିବା ମହିଳାଙ୍କୁ ବିଧାନସଭା ପ୍ରାର୍ଥୀ ଭାବେ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ କରାଯିବ।

# କ୍ଷମତାର ଅପବ୍ୟବହାର ନକରି ଲୋକଙ୍କ ପାଖକୁ ଯାଅ : ନବୀନ

**ଭୁବନେଶ୍ୱର :** କ୍ଷମତାର ଅପବ୍ୟବହାର କରନ୍ତୁନାହିଁ। ବରଂ ଲୋକଙ୍କ ପାଖକୁ ଯାଇ ସେମାନଙ୍କ ଜୀବନରେ ପରିବର୍ତ୍ତନ ଆଣନ୍ତୁ। ବିଧାୟକଙ୍କୁ ଏଭଳି ପରାମର୍ଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ରାଜ୍ୟର ୨୪ ଜଣ ବିଧାୟକ ଓ ପୂର୍ବତନ ବିଧାୟକଙ୍କୁ ସମ୍ମାନିତ କରିବା ଅବସରରେ ମୁଖ୍ୟମନ୍ତ୍ରୀ ଏହା ପ୍ରକାଶ କରିଥିଲେ। ବିଧାନସଭା ପକ୍ଷରୁ ବିଭିନ୍ନ ବର୍ଗରେ ଶ୍ରେଷ୍ଠ ବିଧାୟକ ଭାବେ ସମ୍ମାନିତ କରାଯିବା ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଯଦି ଲୋକମାନଙ୍କୁ ଆପଣ ଭଲ ପାଇବେ, କେଉଁ ପଦପଦବୀରେ ଅଛନ୍ତି ତାହା ନଦେଖି ଲୋକଙ୍କ ସେବା କରିବେ। ନଚେତ୍ କ୍ଷମତା, ପଦବୀ ଓ ଧନ ମୂଲ୍ୟହୀନ। ଯୁବକମାନେ ଅଧିକରୁ ଅଧିକ ରାଜନୀତି କ୍ଷେତ୍ରକୁ ଆସିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଥିଲେ। ବିରୋଧୀ ଦଳ ନେତା ନରସିଂହ ମିଶ୍ର ଏକକାଳୀନ ୮ ବର୍ଷର ସମ୍ମାନ ପ୍ରଦାନକୁ ନେଇ ଅସନ୍ତୋଷ ପ୍ରକାଶ କରିବା ସହ ଏଭଳି ପୁରସ୍କାର ପ୍ରଦାନକୁ ସ୍ୱାଗତ କରିଥିଲେ। କିନ୍ତୁ ବିଧାନସଭା ପ୍ରତିବର୍ଷ ପୁରସ୍କାର ପ୍ରଦାନ କରିବା ଦିଗରେ ଯତ୍ନବାନ ହେଉ ବୋଲି ପରାମର୍ଶ ଦେଇଥିଲେ। ୨୪ଜଣ ବିଧାୟକ ଓ ପୂର୍ବତନ ବିଧାୟକଙ୍କୁ ମୁଖ୍ୟମନ୍ତ୍ରୀ ଉପଢୌକନ, ଉତ୍ତରୀୟ ଓ ଅର୍ଥରାଶି ପ୍ରଦାନ କରି ସମ୍ମାନିତ କରିଥିଲେ। ପୁରସ୍କାର ବାବଦରେ ଶ୍ରେଷ୍ଠ ବିଧାୟକଙ୍କୁ ୧ ଲକ୍ଷ, ପୂର୍ବତନ ବିଧାୟକଙ୍କୁ ୭୫ ହଜାର ଓ ନବାଗତ ବିଧାୟକଙ୍କୁ ୫୦ ହଜାର ଟଙ୍କା ଲେଖାଏ ପ୍ରଦାନ କରାଯାଇଥିଲା। ଏକକାଳୀନ ୮ ବର୍ଷର ପୁରସ୍କାର ଓ ସମ୍ମାନ ପ୍ରଦାନ କରାଯାଇଥିଲା। ପଣ୍ଡିତ ନୀଳକଣ୍ଠ ଦାସ ସମ୍ମାନରେ ବିଷ୍ଣୁ ଚରଣ ଦାସ (୨୦୦୯), ଡ. ଅରୁଣ କୁମାର ସାହୁ (୨୦୧୦), ପ୍ରଭାତ କୁମାର ବିଶ୍ୱାଳ (୨୦୧୧), ପ୍ରଫୁଲ୍ଲ ମାଝୀ (୨୦୧୨), ଅମର ପ୍ରସାଦ ଶତପଥୀ (୨୦୧୩), ପ୍ରମିଳା ମଲ୍ଲିକ୍ (୨୦୧୪), ରଣେନ୍ଦ୍ର ପ୍ରତାପ ସ୍ୱାଇଁ (୨୦୧୫), ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ (୨୦୧୬)। ସେହିଭଳି ଉତ୍କଳ ଗୌରବ ମଧୁସୂଦନ ଦାସ ସମ୍ମାନରେ ସୁରେନ୍ଦ୍ରନାଥ ନାୟକ (୨୦୦୯), ବିମ୍ବାଧର କୁଅଁର (୨୦୧୦), ନିତ୍ୟାନନ୍ଦ ପ୍ରଧାନ (୨୦୧୧), ଉମେଶ ଚନ୍ଦ୍ର ସ୍ୱାଇଁ (୨୦୧୨), ବିକ୍ରମ କେଶରୀ ବର୍ମା (୨୦୧୩), ରାଜେନ୍ଦ୍ର ଢୋଲକିଆ (୨୦୧୪), ସୁରେନ୍ଦ୍ରନାଥ ପରମାଣିକ (୨୦୧୫), ଚକ୍ରଧର ପାଇକଙ୍କୁ (୨୦୧୬) ପ୍ରଦାନ କରାଯାଇଥିଲା। ଉତ୍କଳମଣି ଗୋପବନ୍ଧୁ ଦାସ ସମ୍ମାନରେ ସଞ୍ଜୟ ଦାସବର୍ମା (୨୦୦୯), ପ୍ରୀତିରଞ୍ଜନ ଘଡ଼େଇ (୨୦୧୦), ସମୀର ରଞ୍ଜନ ଦାଶ (୨୦୧୧), ପ୍ରଶାନ୍ତ କୁମାର ମୁଦୁଲି (୨୦୧୨), ବିଜୟ କୁମାର ମହାନ୍ତି (୨୦୧୩), ରାସେଶ୍ୱରୀ ପାଣିଗ୍ରାହୀ (୨୦୧୪), ଦିବ୍ୟ ଶଙ୍କର ମିଶ୍ର (୨୦୧୫), ପ୍ରଦୀପ ପୁରୋହିତ (୨୦୧୬)ଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା। ଆୟୋଜିତ ପୁରସ୍କାର ପ୍ରଦାନ ଉତ୍ସବରେ ବାଚସ୍ପତି ପ୍ରଦୀପ କୁମାର ଅମାତ, ଉପବାଚସ୍ପତି ସାନନ୍ଦ କୁମାର ମାରାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ।

# ହୀରାକୁଦ ଡ୍ୟାମ୍ ସୁରକ୍ଷା ନେଇ ଓଡ଼ିଶା-ଛତିଶଗଡ଼ ଉଚ୍ଚସ୍ତରୀୟ ବୈଠକ

**ସମ୍ବଲପୁର :** ହୀରାକୁଦ ଡ୍ୟାମ୍ ଏବଂ ମହାନଦୀ ଅବବାହିକାର ସମସ୍ତ ନଦୀବନ୍ଧ ସୁରକ୍ଷା ଚିନ୍ତାରେ ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ ଶୁକ୍ରବାର ବୁର୍ଲା ଅଶୋକ ନିବାସରେ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସରକାରଙ୍କ ଜଳସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ (ଯୋଜନା ଓ ନକ୍ସା) ଗୁଣଧର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ହୀରାକୁଦ ଡ୍ୟାମ୍ ଉପରମୁଣ୍ଡରେ ଛତିଶଗଡ଼ର ସମସ୍ତ ଜଳଭଣ୍ଡାରରୁ ଜଳ ନିଷ୍କାସନ ପରିମାଣ ନେଇ ଆଗୁଆ ସୂଚନା ଦିଆଯିବା ଉପରେ ଓଡ଼ିଶା ପକ୍ଷରୁ ଗୁରୁତ୍ୱ ଦିଆଯାଇଥିଲା। ଏହା ସହିତ ଉଭୟ ରାଜ୍ୟର ମହାନଦୀ ଅବବାହିକାରେ ଥିବା ଡ୍ୟାମ୍, ବ୍ୟାରେଜଗୁଡ଼ିକର ସ୍ଥିତି, ଜଳଭଣ୍ଡାରଗୁଡ଼ିକର ରକ୍ଷଣାବେକ୍ଷଣ, ମହାନଦୀ ଅବବାହିକାରେ ମୃତ୍ତିକା କ୍ଷୟ ରୋକିବା ନେଇ ପଦକ୍ଷେପ ସମ୍ପର୍କରେ ବୈଠକରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହେବା ସହ ତଥ୍ୟ ବିନିମୟ କରାଯାଇଥିଲା। ଉପର ମହାନଦୀ ଅବବାହିକାରେ ଟେଲିମେଟ୍ରି ସ୍ଥାପନର ଅଗ୍ରଗତି ନେଇ ଉଭୟ ପକ୍ଷ ସମୀକ୍ଷା କରିଥିଲେ। ବନ୍ୟାର ପ୍ରାକ୍ ସୂଚନା ପାଇଁ ଉଭୟ ରାଜ୍ୟରେ ସାଟେଲାଇଟ୍ ଫୋନ୍ ବ୍ୟବସ୍ଥା କରାଯିବା ଉପରେ ମଧ୍ୟ ଆଲୋଚନାରେ ସ୍ଥାନ ପାଇଥିଲା। ଦଶମ ଜାତୀୟ ବନ୍ଧ ନିରାପତ୍ତା କମିଟିର ମହାନଦୀ ଅବବାହିକା ସବ୍ କମିଟି ପାଇଁ ଅନୁଷ୍ଠିତ ବୈଠକରେ ଗତ ବର୍ଷ ରାୟପୁରରେ ହୋଇଥିବା ବୈଠକର ବିବରଣୀର ଅନୁମୋଦନ ପୂର୍ବକ ଆସନ୍ତା ବୈଠକ ରାୟପୁରରେ କରାଯିବାକୁ ସ୍ଥିର କରାଯାଇଥିଲା। ବୈଠକରେ ଓଡ଼ିଶାର ମୁଖ୍ୟଯନ୍ତ୍ରୀ (ବନ୍ଧ ନିରାପତ୍ତା) ପ୍ରଫୁଲ୍ଲ କୁମାର ସ୍ୱାଇଁ, ହୀରାକୁଦ ଡ୍ୟାମ୍ ମୁଖ୍ୟଯନ୍ତ୍ରୀ ତଥା ଉପର ମହାନଦୀ ଅବବାହିକା ପରିଚାଳକ ଜ୍ୟୋତିର୍ମୟ ରଥ, ନିର୍ଦ୍ଦେଶକ (ବନ୍ଧ ନିରାପତ୍ତା) ଅକ୍ଷୟ ଦାସ, ଛତିଶଗଡ଼ ମହାନଦୀ ପ୍ରକଳ୍ପ ମୁଖ୍ୟଯନ୍ତ୍ରୀ ସଞ୍ଜୟ ଭାଗବତ, ରବିଶଙ୍କର, ନଦୀବନ୍ଧ ଅଧୀକ୍ଷଣ ଯନ୍ତ୍ରୀ ନିଶାନ ସିଂ ଧ୍ରୁବ, ମିନିମତା ବେଙ୍ଗୋ, ଡ୍ୟାମ୍ ଅଧୀକ୍ଷଣ ଯନ୍ତ୍ରୀ ଲୀଳାଶଙ୍କର ଚନ୍ଦ୍ରାକାର ଏବଂ ହୀରାକୁଦ ଡ୍ୟାମ୍ ନିରାପତ୍ତା ସମୀକ୍ଷା ପେନାଲ ସଭ୍ୟ ତଥା ପୂର୍ବତନ ଯନ୍ତ୍ରୀ ସୁଧାକର ପତ୍ରୀ ଯୋଗ ଦେଇଥିଲେ।

# ନାଟମଣ୍ଡପର ମରାମତି ଖୁବ୍‌ଶୀଘ୍ର



**ପୁରୀ :** ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ (ଏଏସ୍ଆଇ) ବିଭାଗ ଓ କୋର୍ କମିଟି ବିଶେଷଜ୍ଞମାନଙ୍କ ଦ୍ୱାରା ତିନିଦିନ ବ୍ୟାପୀ ଶ୍ରୀମନ୍ଦିରର ସ୍ଥିତି ଓ ମରାମତି ଯାଞ୍ଚ କାର୍ଯ୍ୟ ଶେଷ ହୋଇଛି। ଯାଞ୍ଚ କାର୍ଯ୍ୟ ଶେଷ ହେବା ପରେ ବୁଧବାର ପାନ୍ଥ ନିବାସ ଠାରେ ଆୟୋଜିତ ଅଧିକାରୀମାନଙ୍କ ଏକ ବୈଠକରେ ପ୍ରଫେସର୍ ଏପି ଗୁପ୍ତା ଅଧ୍ୟକ୍ଷତା କରିଥିଲେ। ନାଟ ମଣ୍ଡପର ଯଥାଶୀଘ୍ର ମରାମତି କାର୍ଯ୍ୟ ଆରମ୍ଭ କରାଯିବ ବୋଲି ବୈଠକରେ ସ୍ଥିରୀକୃତ ହୋଇଥିଲା। ଆଇଆଇଟି ଖଡ଼ଗପୁର ମରାମତି କାର୍ଯ୍ୟର ଡିଜାଇନ ପ୍ରସ୍ତୁତ କରିବ ଏବଂ ଆଇଆଇଟି ଚେନ୍ନାଇ ଏହାକୁ ତ୍ୱରାନ୍ୱିତ କରିବ। ପରେ ଏଏସ୍ଆଇ ପକ୍ଷରୁ ଏସଂକ୍ରାନ୍ତରେ ହାଇକୋର୍ଟରେ ସତ୍ୟପାଠ ଦାଖଲ କରାଯିବ ବୋଲି ଜଣାପଡ଼ିଛି। ବୈଠକରେ ଶ୍ରୀମନ୍ଦିରର ନାଟ ମଣ୍ଡପ ଓ ଜଗମୋହନ ମରାମତି ନେଇ ପୁଙ୍ଖାନୁପୁଙ୍ଖଭାବେ ଆଲୋଚନା କରାଯାଇଥିଲା। ନାଟ ମଣ୍ଡପର ଅବସ୍ଥା ଠିକ୍ ନାହିଁ। ଛାତର ଏକାଧିକ ସ୍ଥାନରେ ଫାଟ ସୃଷ୍ଟି ହୋଇ ପାଣି ଗଳୁଛି। ନାଟ ମଣ୍ଡପର ମୁଖ୍ୟ ବିମ୍ ଫାଟିଛି। ତାହାକୁ ଡିରାଦେଇ ରହିଥିବା ଲୁହା ବିମ୍ ମଜବୁତ୍ ରହିଛି। ଏହି ବିମ୍‌କୁ ଟେକି ଧରିଥିବା ୪ଟି ମୁଖ୍ୟ କଲମ୍ ମଧ୍ୟରୁ ୩ଟିର କ୍ୟାପିଟାଲ ଫାଟିଛି। ନାଟ ମଣ୍ଡପ ଯାଞ୍ଚ ସମୟରେ ଏହା ଜଣାପଡ଼ିଛି ବୋଲି ବୈଠକରେ କୁହାଯାଇଥିଲା। ପୂର୍ବରୁ ନାଟ ମଣ୍ଡପ ଛାତ ଉପରେ ସିମେଣ୍ଟ ଗ୍ରିଡିଂ କରାଯାଇଥିଲା। ମାତ୍ର ଏହା ଖରାପ ହୋଇଯିବାରୁ ବର୍ତ୍ତମାନ ପାଣି ଗଳୁଛି। ପୂର୍ବରୁ ମଧ୍ୟ ଚୂନର ଆସ୍ତରଣ ଦିଆଯାଇଥିଲା। ନାଟ ମଣ୍ଡପରେ ୧୬ଟି କଲମ୍ ରହିଛି। ସେଥିମଧ୍ୟରୁ ମଧ୍ୟଭାଗରେ ୪ଟି ମୁଖ୍ୟ କଲମ୍ ରହିଛି। ଏହାକୁ ସଂଯୋଗ କରୁଥିବା ଏକ ବିମ୍ ଦୁଇଖଣ୍ଡ ହୋଇଯାଇଛି। ପୂର୍ବରୁ ଗରୁଡ଼ସ୍ତମ୍ଭ ସମ୍ମୁଖ ବିମ୍‌ରେ ଫାଟ ସୃଷ୍ଟି ହୋଇଥିବା ବେଳେ ଏବେ ଆଉ ଏକ ବିମ୍‌ରେ ଫାଟ ସୃଷ୍ଟି ହୋଇଛି। ନାଟ ମଣ୍ଡପର ପଲସ୍ତରା ମଧ୍ୟ ଦୁର୍ବଳ ହୋଇପଡ଼ିଛି। ଚେନ୍ନାଇ ଆଇଆଇଟିର ପ୍ରଫେସର ଅରୁଣ ମେନନ ଓ ଅମ୍ଳାନ ସେନଗୁପ୍ତ, ଖଡ଼ଗପୁର ଆଇଆଇଟି ପ୍ରଫେସର ଏସ୍‌କେ ଭଟ୍ଟାଚାର୍ଯ୍ୟ, ଯୁଗ୍ମ ଡିଜି ଜାହ୍ନବୀ ଶର୍ମା, ଏଏସ୍ଆଇର ଆଞ୍ଚଳିକ ନିର୍ଦ୍ଦେଶକ ନନ୍ଦିନୀ ସାହୁ, ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗର ପୂର୍ବତନ ଅଧୀକ୍ଷକ ବିଜୟ କୁମାର ରଥ, ଏଏସ୍ଆଇର ପ୍ରାକ୍ତନ ନିର୍ଦ୍ଦେଶକ ଅଶୋକ କୁମାର ପଟେଲ, ପ୍ରାକ୍ତନ ଯୁଗ୍ମ ଡିଜି ଏସ୍‌ବି ଓତା ପ୍ରମୁଖ ନାଟ ମଣ୍ଡପ ଯାଞ୍ଚ କରିଥିଲେ।

# ସବୁ ଜିଲ୍ଲାରେ ବିସର୍ଜିତ ହେବ ଅଟଳଙ୍କ ଚିତାଭସ୍ମ



**ଭୁବନେଶ୍ୱର :** ସମସ୍ତ ଦଳୀୟ ଜିଲ୍ଲା ସଭାପତିମାନଙ୍କୁ ରାଜ୍ୟ କାର୍ଯ୍ୟାଳୟରେ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଚିତାଭସ୍ମ କଳସ ପ୍ରଦାନ କରାଯିବା ସହ ଏହା ସବୁ ଜିଲ୍ଲାରେ ପବିତ୍ର ନଦୀମାନଙ୍କରେ ବିସର୍ଜନ କରାଯିବ ବୋଲି କହିଛନ୍ତି କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନକହିଛନ୍ତି ଯେ ଅଟଳଜୀଙ୍କ ଚିତାଭସ୍ମ ମହାନଦୀ, ବ୍ରାହ୍ମଣୀ, ବୈତରଣୀ, ଋଷିକୁଲ୍ୟା, ବୁଢ଼ା ବଳଙ୍ଗ, ସୁବର୍ଣ୍ଣରେଖା ଓ ଅଙ୍ଗ ନଦୀ ଆଦି ପବିତ୍ର ନଦୀ ଜଳରେ ବିସର୍ଜିତ କରାଯିବ । ଶ୍ରୀ ପ୍ରଧାନ କହିଛନ୍ତି ଯେ, ଅଟଳଜୀ ଭାରତର ସର୍ବସମ୍ମତ ସାମାଜିକ ଚେତନା ଥିଲେ । ତାଙ୍କ ସହିତ ସମଗ୍ର ଭାରତ ସମେତ ଓଡିଆ ଲୋକମାନଙ୍କର ଏକ ଭାବଗତ ସମ୍ପର୍କ ଥିଲା । ଅଟଳଜୀଙ୍କର ସଠିକ ସମ୍ମାନ ଓ ଶ୍ରଦ୍ଧାଞ୍ଜଳି ଭାରତର ପ୍ରତ୍ୟେକ ଘରେ ତାଙ୍କର ବାର୍ତ୍ତା ପହଂଚାଇଲେ ହିଁ ହେବ ବୋଲି ସେ କହିଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ଯେ ଓଡିଶାରେ ଦଳମତ ନିର୍ବିଶେଷରେ ରାଜନୈତିକ ନେତୃତ୍ୱ ସାମାଜିକ, ବ୍ୟକ୍ତିତ୍ୱ ତଥା ଧାର୍ମିକ ଓ ସାଧୁ ସନ୍ଥ ସମାଜ ଗୋଟିଏ ମଞ୍ଚରେ ଏକାଠି ହୋଇ ଅଟଳଜୀଙ୍କ ସ୍ମୃତି ଚାରଣ କରିବା ତାଙ୍କର ମହାନ ବ୍ୟକ୍ତିତ୍ୱର ପରିଚାୟକ । ଅଟଳଜୀଙ୍କର କେହି ବିରୋଧୀ ନ ଥିଲେ । ତାଙ୍କ ବିଚାରଧାରାର ଦୃଢ ବିରୋଧୀମାନେ ମଧ୍ୟ ଏହି ବିଚାରଧାରାରୁ ବାହାରିଥିବା ଅଟଳଜୀଙ୍କର ବ୍ୟକ୍ତିତ୍ୱର ପ୍ରଶଂସକ ହେବା ତାଙ୍କର ମହାନତାକୁ ସ୍ପଷ୍ଟ କରୁଛି । ଦୀର୍ଘ ଦଶ ବର୍ଷରୁ ଉର୍ଦ୍ଧ୍ୱ କାଳ ସକ୍ରିୟ ରାଜନୀତିରୁ ଦୂରରେ ଓ ଅସୁସ୍ଥ ଥିବା ପରେ ମଧ୍ୟ ତାଙ୍କର ଦେହାବସାନ ପରେ ସମଗ୍ର ଦେଶବାସୀଙ୍କ ଭାବବିହ୍ୱଳ ଶ୍ରଦ୍ଧାଞ୍ଜଳି ଅଟଳଜୀ ଦେଶର ଲୋକଙ୍କର କେତେ ଆପଣାର ଥିଲେ ତାହା ସ୍ପଷ୍ଟ କରିଛି ।

# ମହିଳାମାନେ ହିଁ ଦଳର ସ୍ତମ୍ଭ: ମୁଖ୍ୟମନ୍ତ୍ରୀ

## ବିଜୁ ମହିଳା ଜନତା ଦଳ ରାଜ୍ୟ କାର୍ଯ୍ୟକାରିଣୀ ଓ କର୍ମଶାଳା



**ଭୁବନେଶ୍ୱର :** ଭୁବନେଶ୍ୱରସ୍ଥିତ ବିଜୁ ଜନତା ଦଳ ରାଜ୍ୟ କାର୍ଯ୍ୟାଳୟରେ ଦିନ ୧୦ ଘଟିକାରୁ ୬ ଘଟିକା ପର୍ଯ୍ୟନ୍ତ ରାଜ୍ୟ ବିଜୁ ମହିଳା ଜନତା ଦଳର ରାଜ୍ୟ କାର୍ଯ୍ୟକାରିଣୀ ଓ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ରାଜ୍ୟ ବିଜୁ ମହିଳା ଜନତା ଦଳ ସଭାନେତ୍ରୀ ଶ୍ରୀମତୀ ପ୍ରମିଳା ମଲ୍ଲିକ୍‌ଙ୍କ ନେତୃତ୍ୱରେ ୩୦ ଜିଲ୍ଲାରୁ ରାଜ୍ୟ କାର୍ଯ୍ୟକର୍ତ୍ତା, ଜିଲ୍ଲା କାର୍ଯ୍ୟକର୍ତ୍ତା, ବ୍ଲକ କାର୍ଯ୍ୟକର୍ତ୍ତାଙ୍କ ସମେତ ବହୁ ନିର୍ବାଚିତ ମହିଳା ପ୍ରତିନିଧିମାନେ ଯୋଗଦାନ କରି କାର୍ଯ୍ୟକାରିଣୀ କର୍ମଶାଳାରେ ଗୃହୀତ କରାଯାଇଥିଲା। ଏହି କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜୁ ଜନତା ଦଳ ସଭାପତି ତଥା ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ କହିଥିଲେ ଯେ ଆପଣମାନେ ହେଉଛନ୍ତି ଆମ ଦଳର ଗୋଟିଏ ଗୋଟିଏ ସ୍ତମ୍ଭ। ଓଡ଼ିଶାର ଘରେ ଘରେ ଆପଣମାନେ ହିଁ ଆମ ଦଳର ଆଦର୍ଶ ଓ କାର୍ଯ୍ୟକ୍ରମକୁ ପହଞ୍ଚାଇ ଦଳକୁ ଶକ୍ତିଶାଳୀ କରିଛନ୍ତି। ମହିଳାମାନଙ୍କ କଲ୍ୟାଣ ଓ ବିକାଶ, ସବୁ କ୍ଷେତ୍ରରେ ଆମ ଦଳ ହିଁ ଆଗରେ

କର୍ମଶାଳାର ଉଦ୍ଦେଶ୍ୟକୁ ସାଫଲ୍ୟ ମଣ୍ଡିତ କରିଥିଲେ। ଉକ୍ତ କର୍ମଶାଳାରେ ରାଜ୍ୟ ସଭାନେତ୍ରୀ ଶ୍ରୀମତୀ ମଲ୍ଲିକ ସଭାପତିତ୍ୱ କରି ମହିଳାମାନଙ୍କୁ ଦଳର ସଂଗଠନ ଉପରେ ଆଲୋକପାତ କରିଥିଲେ। ଉକ୍ତ କର୍ମଶାଳାରେ ୬ଟି ପ୍ରସ୍ତାବ ପାରିତ କରାଯାଇଥିଲା। ପ୍ରସ୍ତାବଗୁଡିକ ହେଲା ଯଥା, ବିଜୁ ଜନତା ଦଳ ସରକାରଙ୍କ ସଫଳତାର ବାର୍ତ୍ତା, ଅର୍ଥନୈତିକ ସ୍ୱାବଲମ୍ବନଶୀଳତା, କୃଷି କ୍ଷେତ୍ରରେ ମହିଳା ଚାଷୀଙ୍କୁ ଅଗ୍ରାଧିକାର, ରାଜନୈତିକ ସଶକ୍ତିକରଣ, ସାଂଗଠନିକ ଦୃଢ଼ୀକରଣ ଓ ମହାନଦୀ ବଞ୍ଚାଅ ଆନ୍ଦୋଳନ। ସର୍ବସମ୍ମତିକ୍ରମେ ସମସ୍ତ ପ୍ରସ୍ତାବଗୁଡିକ ଅଛି। ମହିଳାମାନଙ୍କ କଲ୍ୟାଣ ପାଇଁ ରାଜ୍ୟ ସରକାର ଅନେକ କାର୍ଯ୍ୟକ୍ରମ କରୁଛନ୍ତି। ମିଶନ ଶକ୍ତି ମା'ମାନଙ୍କୁ ଏକ ପ୍ରତିଶତ ସୁଧରେ ଋଣ ବା ମମତା କାର୍ଯ୍ୟକ୍ରମ, ଏସବୁ କାର୍ଯ୍ୟକ୍ରମ ମା'ମାନଙ୍କ ଭିତରେ ଏକ ନିରବ ବିପ୍ଳବ ଆଣିପାରିଛି। ଗତ ଅଗଷ୍ଟ ୧୫ରୁ ଆମ ସରକାର ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଆରମ୍ଭ କରିଛନ୍ତି। ଏହି ଯୋଜନାରେ ପରିବାର ପାଇଁ ୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ସୁବିଧା ରହିଛି। କିନ୍ତୁ ମହିଳାମାନଙ୍କ ପାଇଁ ଏହି ଯୋଜନାରେ ଆଉ ୨ଲକ୍ଷ ଟଙ୍କା ବୃଦ୍ଧି କରାଯାଇଛି। ସେହିପରି ଅକ୍ଟୋବର ୨ ତାରିଖ ଗାନ୍ଧି ଜୟନ୍ତୀରୁ ରାଜ୍ୟ ସରକାର ନିଜର ଖାଦ୍ୟ ସୁରକ୍ଷା କାର୍ଯ୍ୟକ୍ରମ ଆରମ୍ଭ କରିବେ। ମୋର ଅନୁରୋଧ, ଆପଣମାନେ ଏହିସବୁ ଯୋଜନାର ବାର୍ତ୍ତା ଘରେ ଘରେ ପହଞ୍ଚାନ୍ତୁ। ସେହିପରି ଆଗାମୀ ସେପ୍ଟେମ୍ବର ୨୪ରୁ ୩୦ ମଧ୍ୟରେ ସବୁ ନିର୍ବାଚନ ମଣ୍ଡଳୀରେ ବିଜୁ ମହିଳା ଜନତା ଦଳର ସମାବେଶ କରାଯିବ। ଅକ୍ଟୋବର ମାସରେ ହେବାକୁ ଥିବା ଦଳର ଜନସଂପର୍କ ପଦଯାତ୍ରାରେ ଗୋଟିଏ ଦିନ କେବଳ ମହିଳାମାନଙ୍କୁ ନେଇ ଆୟୋଜନ କରାଯିବ। ବିଜୁ ଜନତା ଦଳକୁ ଆହୁରି ଶକ୍ତିଶାଳୀ କରିବା ପାଇଁ ଆପଣାମାନେ ଆପଣମାନଙ୍କ ସ୍ତରରେ କାମ ଜାରି ରଖନ୍ତୁ ବୋଲି ଆଜି ବିଜୁ ଜନତା ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ବିଜୁ ମହିଳା ଜନତା ଦଳର କାର୍ଯ୍ୟକାରିଣୀ ବୈଠକ ଓ ଦିନିକିଆ କର୍ମଶାଳାର ଉଦ୍‌ଯାପନୀ ବୈଠକରେ ଶ୍ରୀଯୁକ୍ତ ପଟ୍ଟନାୟକ ଯୋଗ ଦେଇ ବ୍ଲକ/ଜିଲ୍ଲା/ରାଜ୍ୟ କାର୍ଯ୍ୟକର୍ତ୍ତାମାନଙ୍କୁ କହିଥିଲେ।

ଉକ୍ତ କର୍ମଶାଳାରେ ରାଜ୍ୟ ମହିଳା ଶିଶୁ ବିକାଶ ମନ୍ତ୍ରୀ ଶ୍ରୀ ପ୍ରଫୁଲ୍ଲ ସାମଲ, ବୟନ ଶିଳ୍ପ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ରାଜ୍ୟସଭା ସଦସ୍ୟା ସରୋଜିନୀ ହେମ୍ବ୍ରମ୍, ବିଧାୟିକା ଡା. ରାସେଶ୍ୱରୀ ପାଣିଗ୍ରାହୀ, ଡା. ରାଜଶ୍ରୀ ମଲ୍ଲିକ, ନନ୍ଦିନୀ ଦେବୀ, ଟୁକୁନି ସାହୁ, ଦେବୀ ପ୍ରସାଦ ମିଶ୍ର, ଡ. ଅରୁଣ କୁମାର ସାହୁ, ବେଦପ୍ରକାଶ ଅଗ୍ରୱାଲ୍, ଲୋକସଭା ସାଂସଦ ପ୍ରସନ୍ନ ପାଟଶାଣୀ, ବଳଭଦ୍ର ମାଝୀ, ଯୁବ ବିଜେଡି ସଭାପତି ଅମରେଶ ପତ୍ରୀ, ଛାତ୍ର ବିଜେଡି ସଭାପତି ରାଣା ପ୍ରତାପ ପାତ୍ର ପ୍ରମୁଖ ସେମାନଙ୍କ ଉଦ୍‌ବୋଧନ ମାଧ୍ୟମରେ ଦଳର ସଂଗଠନକୁ ସୁଦୃଢ଼ କରି ତୃଣମୂଳ ସ୍ତରରେ ପ୍ରତିଟି ବ୍ୟକ୍ତିଙ୍କ ପାଖରେ ନୂତନ ଯୋଜନା ଓ କାର୍ଯ୍ୟକ୍ରମକୁ ପହଞ୍ଚାଇବାକୁ ଆହ୍ୱାନ ଦେଇଥିଲେ। ରାଜ୍ୟ କାର୍ଯ୍ୟକାରିଣୀ କର୍ମଶାଳାରେ ରାଜ୍ୟ ମହିଳା ବିଜେଡି ଉପ-ସଭାନେତ୍ରୀ, ସାଧାରଣ ସଂପାଦିକା, ସଂପାଦିକା, ଜିଲ୍ଲା ସଭାନେତ୍ରୀ, ବ୍ଲକ ସଭାନେତ୍ରୀ ଓ ଅନ୍ୟ ସମସ୍ତ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ସଭାନେତ୍ରୀ ଶ୍ରୀମତୀ ମଲ୍ଲିକ ମହିଳାମାନଙ୍କୁ ଦିଗ୍‌ଦର୍ଶନ ମାଧ୍ୟମରେ କହିଥିଲେ ଯେ ଆମର ପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କାର୍ଯ୍ୟରେ ବିଶ୍ୱାସ କରନ୍ତି, କଥାରେ ନୁହେଁ। ସମସ୍ତ ମା'ଭଉଣୀ ଗାଁ ଗହଳିକୁ ଯାଇ ମା'ମାନଙ୍କ ସହିତ କଥା ହେବେ ଏବଂ କାମ କରିବେ, ତା'ହେଲେ ନିଶ୍ଚୟ ନବୀନ ପଟ୍ଟନାୟକ ୫ମଥର ପାଇଁ ମୁଖ୍ୟମନ୍ତ୍ରୀ ହେବେ। ଶେଷରେ ସ୍ଲୋଗାନ୍ ମାଧ୍ୟମରେ ଦଳର କାର୍ଯ୍ୟକ୍ରମକୁ ସୂଚାଇ ଦେଇଥିଲେ।




# ଅମୁହାଁ ଦେଉଳ

ଡ. ମୌସୁମୀ ପରିଡ଼ା

ଏବେ ଦେବଦାସ ଦିଲ୍ଲୀରେ ଗୋଟେ ମଲ୍ଟି ନ୍ୟାସନାଲ୍ କମ୍ପାନୀର ମ୍ୟାନେଜର। ତା ଆଖପାଖରେ କେତେ ବଡ ବଡ ଲୋକ। ଆଟେଣ୍ଡାଂଟ୍, ପିଅନ, ଚାକର, ପୂଜାରୀ। ଜୀବନ ଶୈଳୀ ବଦଳିଯାଇଛି ତାର। ପ୍ରଚୁର ଅର୍ଥ ତା ପାଖରେ..ଗୋଟେ ରାଜକୀୟ ବଂଗଳା ସହିତ କାମ କରିବାକୁ ଲୋକଙ୍କର ଅଭାବ ନାହିଁ ଆଜି ତା ପାଖରେ। ବିଳାସ ବ୍ୟସନରେ ଜୀବନ ଅତିବାହିତ କରୁଛି। ହଁ ସେଥିପାଇଁ ଢେର୍ ପରିଶ୍ରମ। ତଥାପି ବିନା ଶ୍ରମରେ କେହି ଉପରକୁ ଉଠିନାହିଁ କେବେ। କେବେ ଅତୀତକୁ ଘାଂଟେ ନାହିଁ.. ସେଥିପାଇଁ ସମୟ କାହିଁ! ପଛରେ ଗୋଟେ କଦର୍ଯ୍ୟ ଜୀବନ ଛାଡି ଆସି ଭଲ କରିଛି। କଣ ଥିଲା ସେଠି? ଗୁଡେ ଅସହିଷ୍ଣୁତା ଛଡା। ଯେବେଯେବେ ଇଂଟର୍ଭିଉରେ ଭଲ କରିଛି,ସେବେ କମ୍ପାନୀମାନଙ୍କଠାରୁ କେତେ ଡାକରା ଆସିଛି। କିନ୍ତୁ ଦେଖିଚାହିଁ ନିଷ୍ପତି ନେଇଛି ଦେବଦାସ।

ଅନେକ ଭାବି ଏଠି ଜଏନ୍ କରିଛି ଆଠବର୍ଷ ହେଲା। ଛଅବର୍ଷ ତଳୁ ବାହାଘର। ଘର ସଂସାର କହିଲେ ସ୍ତ୍ରୀ ,ଶାଶୁ ଶ୍ୱଶୁର ଓ ପାଂଚ ବର୍ଷର ପୁଅ। ସେବେଠାରୁ ଜୀବନ ଦେଖିବାର ଭଙ୍ଗୀ ବଦଳିଯାଇଛି। ଘରଠାରୁ ଦୂରରେ ରହି ସେ ଜାଣିଛି ଏଠି ଉପରକୁ ଯିବାକୁ ହେଲେ କାହାକୁ ନା କାହାକୁ ତଳକୁ ଖସାଇବାକୁ ହୁଏ। ଏସବୁକଥା ଏଠି ନିହାତି ସାଧାରଣ। ଏତେ ଗହଳି ଭିତରେ କାହାକୁ ମନେରଖିବା ବା ଜାଣିବା ଖୁବ୍ କଷ୍ଟକର ବ୍ୟାପାର।

ତାରି ଭିତରେ ସେ ବି ନିଜକୁ ବଦଳାଇ ନେଇଛି! ଅତୀତ କହିଲେ-ମାଆ! ସେ ତ ସ୍ୱପ୍ନ ଦେଖିଥିଲା ତା ପୁଅ ବଡମଣିଷ ହେବ। ସବୁ ଅସହାୟତାକୁ ଟପି ସେ ଶିଖରରେ ପହଂଚିବ। ଆଜି ତା ସ୍ୱପ୍ନ ସାକାରିତ ତା ଆଗରେ। ଖୁବ୍ ଇଚ୍ଛାହୁଏ ଗାଁକୁ ଯିବାକୁ..। କେବେ କେମିତି ଦରୁଆନ୍ ଗାଁକୁ ଯିବାକୁ ଛୁଟି ମାଗିଲେ ମନେପଡେ ଗାଁ। ହେଲେ ସେଠି ତା ନିଜର ବୋଲି କେହି ନାହାନ୍ତି। ବନ୍ଧୁବାନ୍ଧବ ଓ ସାହିପଡିଶା କେହି ତାକୁ ଆହା ପଦେ କରିନାହାନ୍ତି ବୋଲି ମନଭିତରେ ତୀବ୍ର ଅସନ୍ତୋଷ ତାର। ସେଥିପାଇଁ ପାଦ ବଳେନି ଆଉ। ହଁ ସେ ପାରୋର ବାପା ହୁଏତ ତା ଘରବାଡିକୁ ଲୁଟି ସାରିଥିବ..। ଆଉ ପାରୋ..ସେ ଉଙ୍କୁଣୀ ମୁଣ୍ଡି ତା ହିସାବପତ୍ର ଭୁଲି ଘର ସଂସାରରେ ଆତ୍ମମଗ୍ନ ଥିବ। ଆଜିକାଲି ତା କଥା କେବେକେମିତି ମନେପଡିଗଲେ ଦୟା ଲାଗେ। ରାଗ ଆସେନି ଆଉ ପୂର୍ବ ପରି। ପ୍ରକୃତରେ ସେ ନଥିଲେ ଏତେ ଦୂର କଣ ଆସିହୋଇଥାନ୍ତା! ତା ବାପାକୁ ମନେଇ କିଛି ଟଙ୍କା ଯୋଗାଡି ତାକୁ କିଏ ଆଉ ଉତ୍ସାହିତ କରିଥାନ୍ତା! ହେଲେ ଦେବଦାସ ତା ପାଇଁ କିଛି କରିପାରିଲାନି।

ଜୀବନଟା ସାରା ତାକୁ ପାରୋର ଷୋହଳ ହଜାର ଅଠାବନ ଟଙ୍କା ଓ ତା ସୁଧ ତାକୁ ହତୋତ୍ସାହିତ କଲା। ତନ୍ଦ୍ରା କଫି ଆଣି ପାଖରେ ରଖିଲା। ଲାଇଟ୍ ଜଳାଇ ଦେଲା ଘରର। ଏତେ ବେଳଯାଏଁ ଦେବଦାସର ମନେନଥିଲା-ଅନ୍ଧାର ଘୋଟି ଆସିଲାଣି ବୋଲି। ମଥାରେ ହାଲ୍କା ସ୍ପର୍ଶଦେଇ ପଚାରିଲା-ମୁଣ୍ଡ ବିନ୍ଧୁଛି ନା କ୍ଳାନ୍ତ ହୋଇପଡିଛ? ପୂଜାରୀକୁ କଫି ବନେଇବାକୁ କହିଲି। ଭାବିଲି ତୁମେ କାଳେ ଲ୍ୟାପ୍‌ଟପ୍‌ରେ ଏନଗେଜ୍ ଅଛ। ହେଲେ ସେ କହିଲା ଯେ ବାବୁ ସୋଫା ଉପରେ ମଥା ଉପରକୁ କରି ଶୋଇ ପଡିଛନ୍ତି ବୋଲି! କଫି କପ୍ ଫେରାଇ ନେଇଗଲା। କଣ ହୋଇଛି-କିଛି ଟେନସନ୍ ଅଛି କି ଅଫିସ୍‌ରେ?

ନା..ନା ସେମିତି କିଛି ନୁହଁ। ବ୍ୟସ୍ତ ହୁଅନି। ଆଇ ଆମ୍ ଓ.କେ।

ତେବେ ମୁଭି ଯିବା..? ଫେରିବାବେଳେ ପାଓଭାଜି ନହେଲେ ବର୍ଗର..! ପାପା ମାମା ପାର୍ଟିକୁ ଯିବେ।

ନା..ଆଜି ନୁହେଁ। ପ୍ଲିଜ୍। ଦେବଦାସ ଭିନ୍ନ ଏକ ଚିନ୍ତାରେ ହଜିଯାଇଥିଲା।

ତାହେଲେ ସିରିୟସ୍ ଅଛ ନିଶ୍ଚୟ। ଦେଖ ମୁଁ ଜାଣି ସାରିଲିଣି। ଏବେ ଆଉ ଲୁଚାଇ ପାରିବନି। ମୁଭି କଥା କହିଲେ ଯାହାର ମୁଡ୍ ଅଫ୍ ଥିଲେ ବି ଅନ୍ ହୋଇଯାଏ ସେ ଆଜି ତା ଅତିପ୍ରିୟ ଜିନିଷକୁ ମନା କିପରି କରିପାରିବ! ସମ୍ ରିଜିନ୍ସ ଆର ଦେୟାର୍। ସେୟାର୍ ଇଟ୍..ଦେବ୍। ଆଇ ଆମ୍ ୟୋର୍ ବେଟର୍ ହାଫ୍!

ମୁଭି ପାଇଁ ତୁମେ ପାଗଳ ତନ୍ଦ୍ରା। ମୁଁ ନୁହେଁ। ହେଲେ ବ୍ୟସ୍ତ ହୁଅନି। ମୋର କିଛି ହୋଇନି। ଆଇ ଆମ୍ ଫାଇନ୍। ବିରକ୍ତି ରେଖାଗୁଡାକ ମୁହଁକୁ କୁଂଚିତ କରିଦେଲେ। ସ୍ପଷ୍ଟ ଅଶ୍ୱସ୍ତି ବାରି ହୋଇପଡୁଥିଲା ଦେବା ମୁହଁରୁ।

ଓ.କେ..ଫାଇନ୍। ୟୁ ଏନ୍‌ଜଏ ୟୋରସେଲ୍ଫ। କହି ତନ୍ଦ୍ରା ରାଗରେ ଚାଲିଗଲା।

ଉନେପଡୁଥିଲା ସେ ଅସନି ଝିଅ ପାରୋ କଥା..! ଦେବଦାସ ତାକୁ ଯେତେ ଯାହା କହି ଗାଳିଦେଲେ ବି ତା ଉପରେ ଗୁପ୍ତ ଅଭିମାନ କରି ତା ଲୁହକୁ ଲୁଚାଇ ଚାଲିଯାଉଥିଲା ମଥାନତ କରି! କିଛି ବି କହୁନଥିଲା। ଅଭିଯୋଗ ବି ପଦେ ନଥିଲା। ପୁଣି ତାପରଦିନ ହସହସ ମୁହଁରେ ଛିଡା ହୋଇଯାଇ ପଚାରୁଥିଲା-ଦେବା,କୋଳି ଖାଇବୁ? ନା ପିଜୁଳି? ଏଇ ଦେଖ୍ ଏସବୁ ମୁଁ ତୋ ପାଇଁ ନେଇଆସିଛି!

ଆଉ ବଡ ହେବା ପରେ କେତେବେଳେ ଖାଦ୍ୟଭର୍ତି ଥାଳି ସହିତ ଗୁଡେ ଚିନ୍ତା ଓ ଆଉ କେବେ ଅଯାଚିତ ସେବା,କର୍ତବ୍ୟ,ଜଂଜାଳକୁ ମୁଣ୍ଡାଇ ଚାଲିଥିବା ଅବୁଝା ଝିଅଟିଏ! ଏଁ..ପାରୋ..? ତା କଥା କାହିଁକି ଦେବା ମୁଣ୍ଡ ଭିତରେ ଆଜି ଅନୁପ୍ରବେଶ କରିଛି? ସେ କାଇଁ ହଲଚଲ୍ କରୁଛି ତା ମନକୁ? ଆଜି ଗାଁ କଥା କାଇଁ ଏତେ ଆଚ୍ଛନ୍ନ କରୁଛି! ମୁଣ୍ଡ ଭିତରେ ଶକ୍ତ ପ୍ରହାର। ପାରୋ...? ତା ନାଁଟା କାହିଁକି ଆଜି ମନକୁ ଆସିଲା? ତାକୁ ସେ ତନ୍ଦ୍ରା ସହିତ କିପରି ତୁଳନା କରିପାରିଲା। ସେ ଆଉ ତନ୍ଦ୍ରା..! ଜଣେ ରାଜରାଣୀ ତ ଆଉ ଜଣେ ସେବିକା..। ତନ୍ଦ୍ରାର ପାଦକୁ ବି ସେ ସରି ହୋଇପାରିବନି। ତା ସହିତ ବରାବରି କରିବା ତ ଦୂରର କଥା!

ମନେପଡିଲା ନାକରୁ ସିଂଘାଣୀ ବୋହିପଡୁଥିବା ଉଙ୍କୁଣୀମୁଣ୍ଡୀ ଶ୍ୟାମଳୀ ଝିଅ..ଯାହାକୁ ସମସ୍ତେ ଦୂର୍ ଦୂର୍ କରନ୍ତି! ବିଚାରି ସାଙ୍ଗ ହେବା ପାଇଁ ସାଥୀଟେ ଖୋଜେ ସବୁବେଳେ। ଝିଅମାନେ କୋଉ ତାକୁ ପାଖରେ ପୂରାନ୍ତି ଯେ! ସେଥିପାଇଁ ସେ କେତେକଣ ଖାଇବା ଜିନିଷ ନେଇ ଆସିଥାଏ ଲୋଭ ଦେଖାଇବାକୁ। ହେଲେ ଦେବା ତାକୁ ସବୁବେଳେ ଦୂର୍ ଦୂର୍ କରେ। ପାଖରେ ପୂରାଇ ଦିଏନି। ଆଜି ବି ସେଇ ମଳିନ ରୂପ ଦିଶୁଛି ତାର। ସେ କଣ କେବେ ତା ରୂପକୁ ଆଙ୍କିଛି ଯେ ଆଜି ବଖାଣିବ। ବେଶ୍ ସାଦାସିଧା ଚେହେରା। କିନ୍ତୁ ତନ୍ଦ୍ରା ବେଶ୍ ସୁନ୍ଦର..ଆଧୁନିକା,ମାର୍ଜିତା,ସୁପରିଚାଳିକା। ତା ସହିତ ବଡ କମ୍ପାନୀର ଡାଇରେକ୍ଟର୍। ଆଉ ପାରୋ..! ବାଳିଗରଡାଟିଏ!

କିନ୍ତୁ ତନ୍ଦ୍ରା ସହିତ ଆଜି ପ୍ରଥମ ଥର ପାଇଁ ସେ ପାରୋର ତୁଳନା କଲା କିପରି! ତା ମନତଳେ କେବେ ବି ସେ ଭାବନା ଆଗରୁ ଆସିନଥିଲା ତ! ଆଜି ହଠାତ୍..କାହିଁକି! ମାଆ ଓ ଗାଁ କଥା ମନେପଡୁଛି ଆଜି ତୁହାକୁ ତୁହା। ଗାଁର ଏତେ ଆକର୍ଷଣ..ଆଜିଯାଏଁ ତାକୁ ସମ୍ମୋହିତ କରିପାରିନି। କାହାର ଫୋନ୍ ନମ୍ବର ବି ତ ସେ ରଖିନି ଯେ ଫୋନ୍ କରି ସମସ୍ତଙ୍କ ଖବର ବୁଝିବ। ଆଉ ବି କାହା ସହିତ ତାର ସଂପର୍କ ବା କଣ ସେଠି! କିନ୍ତୁ ନାକରେ ବାଜୁଛି ପାଚିଲା ଆମ୍ବର ମହୁଲି ବାସ୍ନା। ସପେଟା, ଆ'ତର ରଙ୍ଗ ଆଖି ଆଗରେ ନାଚିଉଠୁଛି। ଇଚ୍ଛା ହେଉଛି ଏବେ ଯାଇ କାହା ବାଡିରୁ ଆମ୍ବ ଚୋରୀ କରନ୍ତା!

ହଠାତ୍ ସେ ପୁରୁଣା ଦିନମାନଙ୍କରେ ସେ ଆଜି କେତେ ପରିତୃପ୍ତି ପାଉଛି। କି ମଜ୍ଜା ଥିଲା ସେ ଜୀବନରେ..ହେଲେ ସେ ମଜ୍ଜାକୁ କଣ ସେ ସମୟରେ ସେ ମାପିପାରିଥିଲା! ଆଜି ଏତେ ଦିନପରେ ସେଦିନଗୁଡାକ ତା ମନଭିତରକୁ ଅନୁପ୍ରବେଶ କରୁଛି। ଲାଗୁଛି କେତେ ସ୍ୱାଧୀନଭରା ଜୀବନଟିଏ ଥିଲା ସତରେ! ପିତୃହୀନ ହୋଇ ବି କେତେ ସ୍ୱଚ୍ଛନ୍ଦରେ ଜୀଉଁଥିଲା। ମାଆ ଚାଲିଯିବା ପରେ ସିନା ଗାଁରୁ ସବୁ ମମତା ତୁଟାଇ ଦେଇଥିଲା।

ହେଲେ ତା ପୂର୍ବରୁ ଗାଁରେ ସେ କେତେ ସୁନ୍ଦର ଜୀବନ ଜୀଇଁଛି। କେତେ ଦୁଷ୍ଟାମୀ କରିଛି! ଏମିତି ଭାବୁଭାବୁ ହସ କେରାଏ ଖେଳିଉଠିଥିଲା ତା ମୁହଁରେ।

ତନ୍ଦ୍ରା ପୁଣି ଆଜି ସାମ୍ନାରେ ହାଜର..କଣ ହୋଇଛି ଦେବ୍। ମନେମନେ କାଇଁ ହସୁଛ? କିଛି ଭାବୁଛ ନିଶ୍ଚୟ। ହେଲେ କଣ?

ତୁମେ ତାହେଲେ ନଜାଣି ଛାଡିବ ନାହିଁ..? ମୋ ଭାବନାକୁ ବି ସଂକୁଚିତ କରିଦେବ? ସଂପର୍କକୁ ନିଜ ହିସାବରେ ବଂଚନି ତନ୍ଦ୍ରା। ଅନ୍ୟଜଣେ ଅଣନିଶ୍ୱାସୀ ହୋଇଯିବ! ତୁମ ଭଲ ପାଇବା ସେ ଲୋକ ପାଇଁ ଶିକୁଳି ନ ହୋଇଯାଉ।

କଣଟା ଭୁଲ୍ କରିଦେଲି? ତୁମ ଭାବନା ସେୟାର୍ କରିବାକୁ ଚାହୁଁଛି। ବାସ୍..। ଅଯଥା ସିରିୟସ୍ କାହିଁକି ହେଉଛ? ରୋକ୍‌ଠୋକ୍ ଭାବେ ଜବାବ୍ ଦେଲା ତନ୍ଦ୍ରା। **(କ୍ରମଶଃ...)**

କିଶୋରୀ କବିତା

# ତୁମ ବିନା



ସୁନନ୍ଦା ତ୍ରିପାଠୀ



ତୁମ ବିନା କିଏ ଆଉ ଲେଖିବ
ଏତେ ସଠିକ୍ ଶବ୍ଦକୁ ବାଛି,
ଛାତିରେ ଏତେ ଦରଦ ଭରି
ଭାବର ସ୍ଫୁଲିଙ୍ଗ ବିଛାଡି
ମାନବବାଦୀ ଅପରାଜେୟର କବିତା
କିଏ ସେ କରିବ ଆସ୍ପର୍ଦ୍ଧା
କାଳର କପାଳରେ ଲେଖିବାକୁ
ସାଲିସ୍ ବିହୀନ ଯୁଦ୍ଧର ଉଦ୍‌ଘୋଷ ନାମା?
ସାରା ଜୀବନ ଓ ଯୌବନକୁ
କିଏ ବା ଉତ୍ସର୍ଗି ଦେବ
ସେବାର ମାର୍ଗରେ କର୍ମଯୋଗୀ ପରି?

ପ୍ରାପ୍ତିର ସର୍ବୋଚ୍ଚ ଆସନରେ ଥାଇକି, ଅନାୟାସେ
ବିଷୟଭୋଗ ଲାଳସାକୁ କିଏବା ପାରିବ ଏଡି?
କେମିତି ତୁମକୁ ଦିଶୁଥିଲା
କ୍ଷମତାର ଶିଖରରୁ ସେଇ ପାହାଡ ତଳର
ଛୋଟ ଛୋଟ ଜୀବନ ଦୁଃଖ ଓ ଦୁର୍ଦ୍ଦଶା
ଦୈନ୍ୟ ଓ ହତାଶା!

ନାନାବିଧ ଯୋଜନାର ପ୍ରଦୀପ ଜାଳି
ତୁମେ ହିଁ ଚେଷ୍ଟା କରିଥିଲ ଫେରିବାକୁ
ସେମାନଙ୍କ ଜୀବନର ସେ ଗାଢ ତମିସ୍ରା
ଆହେ ଜନପ୍ରିୟ ରାଜନେତା! ହେ ବିପ୍ଳବୀ କବି!


ତମେ ତ ଚାଲିଗଲ ବିପ୍ଳବର ମସାଲ
ହାତରେ ଧରି ଆଲୋକ ପଥରେ
ତଥାପି ବି ତୁମର ସେ ଅପରାଜିତ ଜୀବନ ଗାଥା
ଗାଉଥିବେ ତୁମ ଲେଖା ଅସଂଖ୍ୟ କବିତା
କଜ୍ଜ୍ୱଳ ମଖା ଅନେକ ରାତିରେ
ତୁମେ ବୁଣିଥିବା ବିପ୍ଳବର ବୀଜସବୁ
ଧୀରେ ଧୀରେ ଉନ୍ମେଷିତ ହେଉଥିବେ
ଅନେକ ଅନୁଜ ଛାତିରେ....

ଅଧ୍ୟାପିକା
ପିପିଲି କଲେଜ, ପୁରୀ










ସିଦ୍ଧିକ୍ଷା ପ୍ରିୟଦର୍ଶୀନି
ବୋଧ,
ସରସ୍ୱତୀ ଶିଶୁ ମନ୍ଦିର,ରାୟପୁର, କଟକ



ଆରୁଷି କାବ୍ରା
ନବମ ଶ୍ରେଣୀ
କେମ୍ବ୍ରିଜ ସ୍କୁଲ, ମୁମ୍ବାଇ





# ଆ ଥରେ



ଉପାଳୀ ଦାଶ

ଚାରିଆଡେ ବର୍ଷା
ଆନନ୍ଦ ସାଗର ଶୁଷ୍କ
ଜୀବ ସବୁ
ଯନ୍ତ୍ରଣାରେ ଛଟପଟ
ଅଧିକ ମଲେଣି,
ଅଧିକ ବଞ୍ଚିବାର
ପ୍ରୟାସରେ କ୍ଲିଷ୍ଟ
ତୋର କ'ଣ ଯାଏ ଆସେ?
ତୁ ତ ଦାରୁବ୍ରହ୍ମ
ରତ୍ନସିଂହାସନେ ବସିଛୁ,
ମୁରୁକୁ ମୁରୁକି ହସୁଛୁ
ଜଣାପଡେ ନା ହସ ତୋର
ବାତ୍ସଲ୍ୟର ନା ତାଚ୍ଛଲ୍ୟର!



ଓହ୍ଲେଇ ଆ ଥରେ
ରତ୍ନବେଦୀ ଉପରୁ
ଏବେ ତ ସମୟ ହେଲାଣି
ଲୁକ୍କାୟିତ ହସ୍ତ, ପାଦ ତୋର
ବାହାରକୁ କାଢ଼ିବାର
ସାଗରକୁ ଶୋଷୁଥିବା
ଅସୁରମାନଙ୍କୁ ସଂହାର କରିବାର
ଜାଣିଛି, ହଟିଆ ସାଆନ୍ତ!
ହଟକରି ବସିଲେ
ଶୁଭେନା କାହା ଡାକ
ଭୁଲିକାହିଁ ଯାଉଛୁ
ତୁ ପରା;
ଗୋପୀଙ୍କ ପ୍ରେମିକ
କାନ୍ଦୁଛନ୍ତି ଗୋପୀମାନେ
ତୋ ନୀରବତାରେ
ଡାକ ଶୁଣି ଆ ଥରେ
ବସାଇଦେ ତାଙ୍କୁ
ତୋ ହୃଦୟ କନ୍ଦରେ।

ଅହମ୍ମଦାବାଦ, ଗୁଜୁରାଟ

# ରାଜା ଆସୁଛନ୍ତି

ଇଂ. ନିହାର ରଞ୍ଜନ ପ୍ରିୟଦର୍ଶୀ ତ୍ରିପାଠୀ

ସେଦିନ ସକାଳୁ ଉଠି ଘର ବାହାରେ ପାଦ ଦେଉ ଦେଉ ଅହେତୁକ ଭୟରେ ଥରି ଉଠିଲା ମୋ ଦେହ। ସଙ୍ଗେ ସଙ୍ଗେ ନାଡ଼ି ଛୁଇଁ ଦେଖିଲି। ନାଁ, ହୃଦୟ ତ ଏଯାଏଁ ହେଉଛି ସ୍ପନ୍ଦିତ। ତାହେଲେ ମୁଁ ସ୍ୱର୍ଗପୁରୀରେ ନାହିଁ। କିନ୍ତୁ ଆଜି ହଠାତ୍ ରାଜ୍ୟର ଏ କି ରୂପ? କୋଇଲି ଗାଉଛି। ସୂର୍ଯ୍ୟ ବି ମେଘର ଚାଦରରେ ମୁହଁ ଲୁଚାଇ ଶୋଇ ଯାଇଛନ୍ତି। ରାସ୍ତାକଡ଼ରେ ମାଛି ଭଣ ଭଣ ହେଉଥିବା ନାଳ ନର୍ଦ୍ଦମା ସବୁ ଆଜି ସଫାସୁତରା। ମହକୁଛି ଚନ୍ଦନ ପରି। କାଲିଯାଏଁ ଖାଲ ଖମାରେ ପରିପୂର୍ଣ୍ଣ ଥିବା ରାସ୍ତା ସ୍ଥାନରେ ଆଜି ଅଛି କଳା ମଚ ମଚ ପିଚୁ ରାସ୍ତା। ରାସ୍ତା କଡ଼ରେ ପାନ ଛେପରେ ରକ୍ତ ରଞ୍ଜିତ ଘରକାନ୍ଥ ଗୁଡ଼ିକ ଆଜି ଚୂନ ମାଖି ଦିଶୁଛନ୍ତି ଧୋବ ଫର ଫର। ଏଣେ ତେଣେ ରଖୁଥିବା ଗାଡ଼ି ଘୋଡ଼ା ବି ଆଜି ପୁରା ସଜଡ଼ା ହୋଇ ରଖାଯାଇଛି। ପ୍ରତି ଦଶହାତରେ ପହରା ଦେଉଛନ୍ତି ସୈନିକ। ଧୂଳିମଖା ଧୂସରରଙ୍ଗି ଗଛ ଗୁଡ଼ିକ ବି ଆଜି ଦେଖା ଯାଉଛନ୍ତି ସବୁଜ।

ତାହେଲେ କଥା କଣ? ହଠାତ୍ ଆଜି ଆମ ରାଜ୍ୟ କେମିତି ପାଲଟି ଯାଇଛି ସ୍ୱର୍ଗପୁର? ପାଖ ଦୋକାନୀକୁ ପଚାରିବାରୁ ଜଣା ପଡ଼ିଲା, ରାଜା ଆସୁଛନ୍ତି ଆଜି ରାଜ୍ୟ ପରିଭ୍ରମଣରେ। ସେଥିପାଇଁ ଏତେସବୁ ଆୟୋଜନ।

ରାଜାଙ୍କ ରଥ ଆସିଲା ସୁନ୍ଦର ପିଚୁ ରାସ୍ତା ଉପରେ। ହସ ହସ ମୁହଁରେ ହାତଯୋଡ଼ି ଅଭିବାଦନ ଜଣାଇଲେ ରାଜ୍ୟବାସୀ। ନିଜ ରାଜ୍ୟର ଉନ୍ନତି ଦେଖି ଗର୍ବ ଅନୁଭବ କରୁଥିଲେ ରାଜା। ବିଚରା ରାଜାଙ୍କୁ ଦୋଷ ଦେଇ ବା ଲାଭ କଣ? ସିଏ ଯେତେବେଳେ ବି ରାଜ୍ୟକୁ ଆସନ୍ତି, ରାଜ୍ୟ ଥାଏ ସଫାସୁତରା, ହସିଲା ପୁରିଲା, ଉନ୍ନତିର ଶିଖରରେ। ରାଜ୍ୟ ପରିଭ୍ରମଣ ସାରି ବଡ଼ ଆତ୍ମସନ୍ତୋଷରେ ରାଜବାଟୀକୁ ଫେରିଗଲେ ରାଜା।



ରାଜାଙ୍କ ପ୍ରତ୍ୟାବର୍ତନର କିଛି ମୁହୂର୍ତ୍ତ ପରେ ପରେ ବଦଳିବାକୁ ଲାଗିଥିଲା ରାଜ୍ୟର ଭୁଗୋଳ। ଧିରେ ଧିରେ ପୁଣି ଫେରି ଆସିବାକୁ ଲାଗିଥିଲା ଅସଲ ଚେହେରା ଆମ ରାଜ୍ୟର। ସୈନିକମାନେ ମାତିଗଲେ ପଶା ଖେଳରେ। ମଶା ମାଛି ଫେରି ଆସିଲେ ନର୍ଦ୍ଦମାକୁ, ଆସର ଜମେଇବା ପାଇଁ। ଚୂନମଖା କାନ୍ଥ ସବୁ ପୁଣି ଲାଲ୍ ହେବାରେ ଲାଗିଥିଲା, ପାନପିକର ରକ୍ତିମ ସ୍ପର୍ଶରେ।

ପ୍ଲଟ୍ ନ. - ୩୫୪, ରୁମ୍ ନ. - ୨୦,
ସହୀଦ ନଗର, ଭୁବନେଶ୍ୱର - ୭୫୧୦୦୭
ମୋ :୯୪୩୯୯୦୪୭୬୭

# ଅଟଳନାମା

ଜ୍ୟୋତିରଞ୍ଜନ ଆଚାର୍ଯ୍ୟ

ଅଟଳ ତୁମକୁ ଟଳାଇ ପାରେନା
ହେଉ ପଛେ ତାହା ମରଣ
ଅଥଳ ତୁମର ବ୍ୟକ୍ତିତ୍ୱକୁ ମାପି
ପାରେନା ବି ନିଜେ ଜୀବନ।
ଅଚଳ ରହିଛ ଆସୁ ପଛେ ଯେତେ
ବୃହତ ଝଡ ବା ତୋଫାନ
ଅଲିଅଳ ତୁମେ କୋଟି ଜନତାଙ୍କ
ନେତା ଅଭିନେତା ମହାନ୍।
ଅଖିଳ ଭାରତ କେତେ ଯେ ଦୁଃଖିତ
ତୁମର ଏ ମହାପ୍ରୟାଣେ
ଅଶ୍ରୁଳ ନୟନେ ଶ୍ରଦ୍ଧାଞ୍ଜଳି ଦିଏ



ମହାସତ୍ୟକୁ ବି ମିଥ୍ୟା ମଣେ।
ଅଜୟ ତୁମେ ତ ଜନ୍ମ ମୃତ୍ୟୁଠାରୁ
ମରଣ ପରେ ବି ମୃତ୍ୟୁଞ୍ଜୟ
ଅକ୍ଷୟ ତୁମର କୀର୍ତ୍ତିମୟ ପ୍ରାଣ
ସଦା ଦେଶ ପ୍ରେମରେ ତନ୍ମୟ

ଅଶେଷ ତୁମର କାହାଣୀ ଅଟଳ
ଅତୁଟ ତୁମର ସମ୍ବନ୍ଧ
ଅଦୃଶ୍ୟ ତୁମ ଶରୀର ହେଲେ ବି
କାହାଣୀ ରହିବ ଜୀବନ୍ତ।
ଅନ୍ୟନାୟକ ଯଶ ଯେ ଅନେକ
ଶବ୍ଦ ହୁଏ ଅସମର୍ଥ
ଅଭୁଲା ବ୍ୟକ୍ତିତ୍ୱ ଅଟଳ ନେତୃତ୍ୱ
ଲେଖନୀର ଚେଷ୍ଟା ବ୍ୟର୍ଥ।
ଅଶୋକ ହେ ତୁମେ ଶୋକାକୁଳ କଲ
ସମଗ୍ର ଜାତିକୁ ଆଜି
ଆଲେଖ୍ୟ ତୁମର ଜୀବନ ବୃତ୍ତାନ୍ତ
ମନ ଖାଲି ପାରେ ହେଜି।

*ଅଗରତାଳା, ତ୍ରିପୁରା*

# ବାର୍ଦ୍ଧକ୍ୟ ଭତ୍ତା ପାଇଁ ଚାହିଁ ବସିଛି ଗାନୁଆ ଟ୍ରଲିବାଲା

**ମାର୍ଶାଘାଇ :** ସରକାର ଗରୀବ ଅସହାୟ ଲୋକମାନଙ୍କ ପାଇଁ ଅନେକଚ୍ଲ୍ୟାଣକାରୀ ଯୋଜନା କରିଛନ୍ତି । ୬୦ ବର୍ଷ ବୟସରୁ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ କରିବା ପାଇଁ ବ୍ୟବସ୍ଥା କରିଛନ୍ତି । ହେଲେ ଆଶ୍ଚର୍ଯ୍ୟର ବିଷୟ ୭୧ ବର୍ଷ ବୟସ ହୋଇଥିଲେ ବି ବାର୍ଦ୍ଧକ୍ୟ ଭତ୍ତା ପାଇ ପାରି ନାହାନ୍ତି ନିରଂଜନ ଦାସ ଓରଫ ଗାନୁଆ । ଘର ମହାକାଳପଡା ବ୍ଲକ ଜୟଚନ୍ଦ୍ରପୁର ପଞ୍ଚାୟତ ସାନଗାଁ ଗ୍ରାମରେ,ପେଶାରେ ଜଣେ ଟ୍ରଲି ବାଲା । ଜୀବିକା ପାଇଁ ଜମି ଗୁଣ୍ଠେ ନାହିଁ, ପକକା ଘର ଖଣ୍ଡଏ ମଧ୍ୟ ନାହିଁ । ରୋଜଗାର କରିବା ପାଇଁ ଆଉ ବଳବୟସ ନାହିଁ ଆଉ କେଇଟା ଦିନ ବଞ୍ଚିବି ଯେ, ପକକା ଘର ପାଇଁ ଯିଦ୍ ଧରିବି । ଖାଇ ପିଇ ବଞ୍ଚିବା ପାଇଁ ସଂଘର୍ଷ କରି ଚାଲିଛି । ନିଜର ଖଣ୍ଡିଏ ଟ୍ରଲି କରି ଲୋକମାନଙ୍କର ସେବା କରି ଦି ପଇସା ରୋଜଗାର କରି ପେଟ ପୋଷୁଛି । ସକାଳୁ ଜୟଚନ୍ଦ୍ରପୁର ପଞ୍ଚାୟତର ସାନଗାଁ ରୁ ନିଜ ଟ୍ରଲି ଧରି ବାହାରି ପଡି ଜାତୀୟ ରାଜପଥର ଯଦୁପୁର ଛକ ପର୍ଯ୍ୟନ୍ତ ଯାଇଥାଏ । ସେହି ଠାରୁ ଓସ୍ତର ହାଟ ଏବଂ ନିକଟସ୍ଥ ଗ୍ରାମ ପର୍ଯ୍ୟନ୍ତ ଯାହାର ଟ୍ରଲିରେ ସାମଗ୍ରୀ ନେବା ଚାହୁଁ ଥିବା ଗ୍ରାହକଙ୍କ ଅପେକ୍ଷାରେ ବସି ରହିଥାଏ । ଆଉ ଖଟି ହେଉ ନାହିଁ ସରକାରଙ୍କ ବାର୍ଦ୍ଧକ୍ୟ ଭତ୍ତା ପାଇଁ ଆବେଦନ କରଛିଁ । ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ଆରମ୍ଭ କରି ବ୍ଲକ କାର୍ଯ୍ୟାଳୟ ଦୌଡି ଦୌଡି ନୟାନ୍ତ ହେଲାଣି ତଥାପି ବାର୍ଦ୍ଧକ୍ୟ ଭତ୍ତା ତା ପାଇଁ ସାତ ସପନ ପାଲଟିଛି । ବିଧାୟକଙ୍କୁ ଭେଟି ଭତ୍ତା ପାଇବା ପାଇଁ ଗୁହାରୀ କରିଛି ତଥାପି ବାର୍ଦ୍ଧକ୍ୟ ଭତ୍ତା ପାଇପାରି ନାହିଁ । ଯଦୁପୁର ଛକରେ ଟ୍ରଲି ପାଖରେ ବସି କୋହ ଭରା କଣ୍ଠରେ କାନ୍ଦି ପକାଇ ବଖାଣି ଥିଲେ ୭୧ ବର୍ଷିୟ ବୃଦ୍ଧ ଗାନୁଆ । ଭତ୍ତା କେବେ ପାଇ ପାରିବେ ସବୁ ଭଗବାନଙ୍କ ଉପରେ ଛାଡି ଦେଇଛନ୍ତି ବୋଲି କହିଛନ୍ତି ଗରୀବ ଅସହାୟ ଟ୍ରଲିବାଲା ଗାନୁଆ ଓରଫ ନିରଂଜନ ଦାସ ।ଗରୀବ ଅସହାୟ ଗାନୁଆ କୁ ତୁରନ୍ତ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ କରିବାକୁ ସାଧାରଣରେ ଦାବି ହେଉଛି ।

# ପାଚିକା ସହାୟିକା ସଂଘର ଚେତାବନୀ,ସେପ୍ଟମ୍ବର ୫ ରୁ ରୋଷେଇ ବନ୍ଦ!

**ମାର୍ଶାଘାଇ :** ନିଖିଳ ଓଡିଶା ମଧ୍ୟାହ୍ନ ଭୋଜନ ପାଚିକା ସହାୟିକା ସଂଘ( ଏଆଇଟିୟୁସି)ମାର୍ଶାଘାଇ ବ୍ଲକ ଶାଖା ତରଫରୁ ସୋମବାର ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ବ୍ଲକ୍ ଶାଖା ସଭାନେତ୍ରୀ ଦମୟନ୍ତୀ ସାମଲଙ୍କ ନେତୃତ୍ୱରେ ଶତାଧିକ ପାଚିକା ଏବଂ ସହାୟିକା ଜାତୀୟ ରାଜପଥ ଶିଳିପୁର ଛକ ଠାରୁ ଏକ ଶୋଭାଯାତ୍ରାରେ ମାର୍ଶାଘାଇ ବଜାର ପରିକ୍ରମା କରି ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ପହଞ୍ଚି ଥିଲେ । ସରକାର ସେମାନଙ୍କ ପ୍ରତି ଅନ୍ୟାୟ କରୁଥିବା ନେଇ ଅଭିଯୋଗ କରି ବକ୍ତବ୍ୟ ରଖିଥିଲେ । ସଂପାଦିକା ନମିତା ସେଠୀ ପ୍ରାରମ୍ଭିକ ସୂଚନା ପ୍ରଦାନ କରିବା ପରେ ଏଆଇଟିୟୁସିର ରାଜ୍ୟ ନେତା ରମଣିରଂଜନ ରାଉତରାୟ,କେନ୍ଦ୍ରାପଡା ଜିଲ୍ଲା ସଭାନେତ୍ରୀ ସୁହାନା ବେଗମ୍,ସଂପାଦିକା ସୌଭାଗିନୀ ପତି,ଗରଦପୁର ବ୍ଲକ ନେତା ଗଜେନ୍ଦ୍ର ନାୟକ,ଶରତ ଚନ୍ଦ୍ର ତ୍ରିପାଠୀ,କାଳନ୍ଦୀ ସେଠୀ,ମନୋରମା ନାୟକ ପ୍ରମୁଖ ବକ୍ତବ୍ୟ ରଖି ସରକାର ପାଚିକା ମାନଙ୍କ ପାରିଶ୍ରମିକ ବୃଦ୍ଧି,ଶାଢୀ କ୍ରୟ ଖର୍ଚ୍ଚ ବୃଦ୍ଧି,ବର୍ଷକୁ ୧୨ ମାସର ପାରିଶ୍ରମିକ ପ୍ରଦାନ,ବର୍ଦ୍ଧିତ ବକେୟା ଟଙ୍କା ତୁରନ୍ତ ପ୍ରଦାନ ଆଦି ୧୨ ଦଫା ଦାବି ସଂପର୍କରେ ମତବ୍ୟକ୍ତ କରିଥିଲେ । ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଲିଖିତ ୧୨ଦଫା ସମ୍ବଳିତ ଦାବି ପତ୍ରକୁ ବ୍ଲକ୍ ଶିକ୍ଷାଧିକାରୀଙ୍କ ଅନୁପସ୍ଥିତିରେ ବିଆରସିସି ମାଗୁଣି ଚରଣ ମହାନ୍ତିଙ୍କୁ ପ୍ରଦାନ କରାଯାଇଥିଲା । ଦାବି ଗୁଡିକ ତୁରନ୍ତ ପୂରଣ କରା ନ ଗଲେ ସେପ୍ଟେମ୍ବର ୫ ତାରିଖରେ ଜିଲ୍ଲା,ରାଜ୍ୟ ଓ ଦିଲ୍ଲୀ ପର୍ଯ୍ୟନ୍ତ ବ୍ୟାପକ ଆନ୍ଦୋଳନ କରାଯିବା ସହିତ ସ୍କୁଲରେ ରୋଷେଇ କରାଯିବ ନାହିଁ ବୋଲି ଚେତାବନୀ ଦେଇଛନ୍ତି ।



ବରଗଡ଼ : ରେନ୍‌ବୋ ପବ୍ଲିକ୍ ସ୍କୁଲ ପକ୍ଷରୁ ସମ୍ବର୍ଦ୍ଧନା ସଭା ।

# କୂଳ ଲଙ୍ଘୁଛି ସମୁଦ୍ର;ଭୟରେ ସହରବାସୀ



**ପୁରୀ :** କ୍ରମାଗତଭାବରେ ଗତ କିଛିଦିନ ଧରି ସମୁଦ୍ର କୂଳ ଖାଇବା ଘଟଣା ସହରବାସୀଙ୍କ ମଧ୍ୟରେ ଆଲୋଡ଼ନ ସୃଷ୍ଟି କରିଛି । ତେବେ ଜଳସେଚନ ବିଭାଗ ପକ୍ଷରୁ ଏହାକୁ ହାଲ୍‌କାଭାବେ ଗ୍ରହଣ କରାଯାଉଥିବାରୁ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଛି । ଘଟଣାର ଗୁରୁତ୍ୱକୁ ଉପଲବ୍ଧି କରି ରାଜ୍ୟ ଜଳସେଚନ ବିଭାଗ ପରାମର୍ଶଦାତା ଶତ୍ରୁଘ୍ନ ଦାସ, ବିଭାଗୀୟ ଯନ୍ତ୍ରୀ ପ୍ରମୋଦ ରାଉତ ପ୍ରମୁଖ ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି । ତେବେ ସମ୍ପୃକ୍ତ ଅଧିକାରୀମାନେ ଏହାକୁ ଅତ୍ୟନ୍ତ ହାଲ୍‌କାଭାବରେ ଗ୍ରହଣ କରିଛନ୍ତି । ସମ୍ପୃକ୍ତ ଅଧିକାରୀମାନେ ଗଣମାଧ୍ୟମକୁ କହିଛନ୍ତି ଯେ, ଏଭଳି କୂଳ ଖାଇବା ଘଟଣା ପ୍ରାକୃତିକ ଘଟଣାବଳୀର ଏକ ଅଂଶ ବିଶେଷ । ୨୦୧୬ ଅଗଷ୍ଟ ମାସରେ ଏଭଳି କୂଳ ଖାଉଥିଲା । ଅର୍ଦ୍ଧାଧିକ ରାସ୍ତା ସମୁଦ୍ରରେ ବିଲୀନ ହୋଇଯାଇଥିଲା । ପରିସ୍ଥିତିର ଗମ୍ଭୀରତାକୁ ଲକ୍ଷ୍ୟ କରି କୂଳ ଖାଉଥିବା ଅଞ୍ଚଳରେ ଶତାଧିକ ବାଲି ବସ୍ତା ରଖାଯାଇଥିଲା । ଏ ସମ୍ପର୍କରେ ବିଭାଗ ପକ୍ଷରୁ ଚେନ୍ନାଇ ଆଇଆଇଟିର ମତ ଲୋଡ଼ାଯାଇଥିଲା । ତେବେ ସେମାନେ ଏ ସମ୍ପର୍କରେ କୌଣସି ମତାମତ ଦେଇନଥିଲେ । ସୂଚନାଯୋଗ୍ୟ ଯେ, ଗତ କିଛିଦିନ ଧରି ବାଲି ଅତଡ଼ା ଧସିବା ଫଳରେ କ୍ରମାଗତଭାବରେ ସମୁଦ୍ରକୂଳ ଖାଇବାରେ ଲାଗିଛି । ଲଗାଣ ବର୍ଷା ପରେ ଅଧିକ କୂଳ ଖାଉଥିବାରୁ ବେଳାଭୂମିରେ ଉଠା ଦୋକନ କରି ଗୁଜୁରାଣ ମେଣ୍ଟାଉଥିବା ବ୍ୟବସାୟୀମାନଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି ।

# ଜିଲ୍ଲାପାଳଙ୍କ ଅଚାନକ ଡାକ୍ତରଖାନା ପରିଦର୍ଶନ

**ସୋନପୁର :** ସୁବର୍ଣ୍ଣପୁରର ନୂତନ ଜିଲ୍ଲାପାଳ ମଧୁସୂଦନ ମିଶ୍ର ଜିଲ୍ଲା ସଦର ଡାକ୍ତରଖାନାକୁ ଅଚାନକ ପରିଦର୍ଶନ କରିଛନ୍ତି । ଜିଲାପାଳ ଡାକ୍ତରଖାନାର ବର୍ହିଃ ବିଭାଗରେ ପହଂଚି କାର୍ଯ୍ୟରତ ଡାକ୍ତରଙ୍କ ସହ ଆଲୋଚନା କରିବା ପରେ ଅନ୍ତଃବିଭାଗକୁ ଯାଇଥିଲେ । ସେଠାରେ ଚିକିତ୍ସାଧୀନ ରୋଗୀଙ୍କ ସହ ମଧ୍ୟ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । ଡାକ୍ତରଖାନା ପରିସରରେ ଥିବା ବିଶେଷଜ୍ଞ ବର୍ହିଃବିଭାଗ, ପରୀକ୍ଷାଗାର, ପୁଷ୍ଟି ସାଧନ କେନ୍ଦ୍ର, ସ୍ୱତନ୍ତ୍ର ଶିଶୁ ଯତ୍ନ ୟୁନିଟ ଆଦି ବୁଲି ଦେଖିବା ସହ ଡାକ୍ତରଖାନାରେ ରହିଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ବିଭାଗୀୟ କର୍ମଚାରୀଙ୍କ ଠାରୁ ପଚାରି ବୁଝିଥିଲେ । ଏପରିକି ଜିଲା ଡାକ୍ତରଖାନାରେ ବର୍ତ୍ତମାନ ରୋଗୀଙ୍କ ଭିଡ ରହିବା ସହ ବାରଣ୍ଡାରେ ମଧ୍ୟ ରୋଗୀ ଚିକିତ୍ସିତ ହେଉଥିବାରୁ ବିଭିନ୍ନ ବିଭାଗର କର୍ମଚାରୀ ମାନେ ନିର୍ଦ୍ଦିଷ୍ଟ ସମୟରେ ଆସି ନିଜର ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପାଦନ କରିବାକୁ ପରାମର୍ଶ ଦେଇଥିଲେ । ବିଶେଷ କରି ସରକାରଙ୍କ ଦ୍ୱାରା ମାଗଣାରେ ପ୍ରଦାନ କରାଯାଉଥିବା ଔଷଧ ସବୁକୁ ଏଠାରେ ଚିକିତ୍ସିତ ହେଉଥିବା ରୋଗୀ ମାନଙ୍କୁ ନିର୍ଦ୍ଦିଷ୍ଟ ସମୟରେ ପ୍ରଦାନ କରାଯାଉଛି କି ନାହିଁ ସେ ସମ୍ପର୍କରେ ଚିକିତ୍ସାଧୀନ ରୋଗୀଙ୍କ ସହ ବିଭାଗୀୟ କର୍ମଚାରୀଙ୍କ ଠାରୁ ମଧ୍ୟ ପଚାରି ବୁଝିଥିଲେ ।

# ସନ୍ଦେହ ଘେରରେ ଟ୍ୟୁଟୋରିଆଲ ଛାତ୍ରୀ ମୃତ୍ୟୁ ଘଟଣା

**ଖୋରଧା :** ପିଏମ୍ ଟ୍ୟୁଟେରିଆଲରେ କୋଚିଂ ନେଉଥିବା ଏବଂ ସେହି ସଂସ୍ଥା ଦ୍ୱାରା ପରିଚାଳିତ ଏକ ମହିଳା ଛାତ୍ରୀନିବାସରେ ରହୁଥିବା ପୁରୀ ଜିଲ୍ଲା କଣାସ ଥାନା ଅଧିନସ୍ଥ ଗଡ଼ସାହିର ନେତ୍ରାନନ୍ଦ ବଳିୟାରସିଂହଙ୍କ ଝିଅ ସ୍ୱର୍ଣ୍ଣ ପ୍ରିୟା ବଳିଆରସିଂହ (୧୬) ଅପରାହ୍ନ ୪ଘଟିକା ସମୟରେ ଛାତ୍ରୀନିବାସର ଏକ କୋଠରୀରୁ ବେକରେ ଓଢଣୀ ଲଗେଇ ଝୁଲନ୍ତା ଅବସ୍ଥାରେ ଠାବ କରାଯାଇଥିଲା । ଘଟଣାଟି ଜଣାପଡ଼ିବା ପରେ ପି.ଏମ୍.ଟ୍ୟୁଟେରିଆଲ କର୍ତ୍ତୃପକ୍ଷ ଅତି ତରବରିଆ ଭାବରେ ସ୍ଥାନୀୟ ଶିଶ୍ୱାଞ୍ଚଳ ପୁଲିସ କିମ୍ବା ପରିବାର କର୍ତ୍ତୃପକ୍ଷଙ୍କୁ ନ ଜଣାଇ କବାଟ ଭାଙ୍ଗି ଘର ଭିତରେ ପ୍ରବେଶ କରିଥିଲେ । ଏ ସର୍ମ୍ପକିତ ଖବର ଚାରିଆଡ଼େ ପ୍ରଘଟ ହେବା ପରେ ଘଟଣାସ୍ଥଳରେ ଲୋକାରଣ୍ୟ ହୋଇଯାଇଥିଲା । ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ଘରଟିକୁ ବନ୍ଦ କରି ଦେଇଥିଲା । ମୃତ ସ୍ୱର୍ଣ୍ଣପ୍ରିୟାଙ୍କ ବାପା ବାହାରେ ରହୁଥିବାରୁ ତାଙ୍କ ବଡ଼ବାପା ଲିଙ୍ଗରାଜ ବଳିୟାରସିଂହ ବିଶେଷ ସୂତ୍ରରୁ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ତାଙ୍କ ଝିଆରିକୁ ମାରି ଦିଆଯାଇ ଫ୍ୟାନରେ ଟଙ୍ଗାଇ ଦିଆଯାଇଛି ଏବଂ ଏଥିପାଇଁ ପି.ଏମ୍. ଟ୍ୟୁଟେରିଆଲ କର୍ତ୍ତୃପକ୍ଷ ସମ୍ପୂର୍ଣ୍ଣ ଦାୟୀ ବୋଲି ଘଟଣାସ୍ଥଳରେ ଉପସ୍ଥିତ ଥିବା ଗଣମାଧ୍ୟମର ପ୍ରତିନିଧିଙ୍କ ଆଗରେ ପ୍ରକାଶ କରିଥିଲେ । ତାଙ୍କ ବଡ଼ବାପାଙ୍କ ଅଭିଯୋଗ କ୍ରମେ ଶିଶ୍ୱାଞ୍ଚଳ ଫାଣ୍ଡି ପକ୍ଷରୁ କେଶ ନଂ.୪୦/ ୨୦୧୮ରେ ଏକ ମାମଲା ରୁଜ୍ଜୁ କରି ତଦନ୍ତ ଚଳାଇଥିବା ଜଣାପଡ଼ିଛି । ସମ୍ପୃକ୍ତ ଛାତ୍ରୀଜଣକ ତା.୧୭.୦୮.୨୦୧୮ରିଖରେ ସେହି ଛାତ୍ରୀନିବାସରେ ରହୁଥିଲେ । ସେ ଜଣେ ମେଧାବୀ ଛାତ୍ରୀ ଥିଲେ । ଏଠାରେ ପ୍ରଶ୍ନ ଉଠୁଛି ଯେ, ଠିକ୍ ଏହି ଘଟଣା ପରି ହଳଦିଆପଡ଼ା ଗ୍ରାମର ସୁଦର୍ଶନ ହାତୀଙ୍କ ପୁତ୍ର ସାନ୍ତନୁ ହାତୀ ପି.ଏମ୍. ଟ୍ୟୁଟେରିଆଲ ମାଲିକଙ୍କ ଦ୍ୱାରା ପରିଚାଳିତ ଏମ.ପି.ଜେ କଲେଜରେ ପଢୁଥିବା ବେଳେ ନିକଟରେ ଥିବା ଗଡ଼ଖୋରଧାର ଏକ ଛାତ୍ରାବାସରେ ରହୁଥିଲେ । ତା.୨୧.୦୪.୨୦୧୭ ମସିହାରେ ସନ୍ଧ୍ୟା ୫ଘଣ୍ଟା ସମୟରେ ଛାତ୍ରାବାସ ମଧ୍ୟରେ ତାଙ୍କର ରକ୍ତ ଜୁଡୁବୁଡୁ ଶବ ଉଦ୍ଧାର କରାଯାଇଥିଲା । ଯାହାକି ସାନ୍ତନୁଙ୍କ ମୃତ୍ୟୁ ନେଇ ଉକ୍ତ କଲେଜ ପକ୍ଷରୁ ତାଙ୍କ ପିତାଙ୍କୁ ଅବଗତ କରାଯାଇ ନଥିଲା । ମୃତ ସାନ୍ତନୁଙ୍କୁ ଖୋରଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟରତ ଡ଼ାକ୍ତର ମୃତ ଘୋଷଣା କରିଥିଲେ ମଧ୍ୟ ଜୋର ଜବରଦସ୍ତ ସାନ୍ତନୁଙ୍କ ମୃତ ଦେହଟିକୁ ଖୋରଧାରୁ ଭୁବନେଶ୍ୱରକୁ ନେଇ ଯାଇ ସେଠାରେ ତାଙ୍କର ଶବ ବ୍ୟବଚ୍ଛେଦ କରାଇ ପୋଷ୍ଟମର୍ଟମ ରିପୋର୍ଟଟିକୁ ମଧ୍ୟ କଲେଜ କର୍ତ୍ତୃପକ୍ଷ ନେଇଯାଇଥିଲେ । ଏହି ଘଟଣାକୁ ନେଇ ମୃତ ସାନ୍ତନୁଙ୍କର ବାପା ସୁଦର୍ଶନ ହାତୀ ଖୋରଧା ଟାଉନ ଥାନା ଜିଲ୍ଲା ଆରକ୍ଷୀ ଅଧିକ୍ଷକ ମାନବିକ ଅଧିକାର କମିଶନର, ଓଡ଼ିଶା ଉଚ୍ଚ ନ୍ୟାୟଳୟର ଆଶ୍ରୟ ନେଇଥିଲେ ମଧ୍ୟ ବର୍ତ୍ତମାନ ପର୍ଯ୍ୟନ୍ତ ନ୍ୟାୟ ପାଇବାରୁ ବଞ୍ଚିତ ହୋଇଛନ୍ତି । ସେ ସମୟରେ ସାନ୍ତନୁଙ୍କ ପିତା ମଧ୍ୟ ତାଙ୍କ ପୁଅକୁ ହତ୍ୟା କରାଯାଇଥିବା ନେଇ ଅଭିଯୋଗ କରିଥିଲେ । ଠିକ୍ ସେହିପରି ଭାବରେ ଏକ ବର୍ଷ ପରେ ପୁଣି ଜଣେ ମେଧାବୀ ଛାତ୍ରୀଙ୍କର ଜୀବନ ଦ୍ୱୀପ ଲିଭିଗଲା । ଏଥିପାଇଁ ଦାୟୀ କିଏ । କାହା ଅନୁମତି ନେଇ ପି.ଏମ୍.ଟ୍ୟୁଟେରିଆଲ ଓ ଏମ୍.ପି.ଜେ କଲେଜ କର୍ତ୍ତୃପକ୍ଷ ଛାତ୍ରାବାସ ଓ ଛାତ୍ରୀନିବାସ ପରିଚାଳନା କରୁଛନ୍ତି । ଏଥିପାଇଁ ତାଙ୍କୁ ଅନୁମତି କିଏ ଦେଲା । ଦେଖାଗଲା ଯେ, ସାନ୍ତନୁ ହାତୀ ମୃତ୍ୟୁ ଘଟଣାକୁ କଲେଜ କର୍ତ୍ତୃପକ୍ଷ ଅର୍ଥ ଆଉ ବାହୁ ବଳରେ ସ୍ଥାନୀୟ କେତେକ ପ୍ରଭାବଶାଳୀ ବ୍ୟକ୍ତି ଏବଂ ପ୍ରତିଷ୍ଠିତ ଗଣମାଧ୍ୟମର ପ୍ରତିନିଧିଙ୍କ ଚାପରେ ଘଟଣାଟିକୁ ଅପମୃତ୍ୟୁ ମାମଲାରେ ବଦଳାଇ ଦିଆଗଲା । ଫଳରେ ପୁତ୍ର ହରା ହୋଇ ମୃତ ସାନ୍ତନୁର ପିତାମାତା ନ୍ୟାୟ ନ ପାଇ ନିଜର କର୍ମକୁ ଆଦରି ଚୁପ ହୋଇ ରହିଲେ । ଠିକ୍ ସେହିପରି ଭାବରେ ମୃତ ସ୍ୱର୍ଣ୍ଣପ୍ରିୟା ବଳିୟାରସିଂହଙ୍କ ମୃତ୍ୟୁକୁ ଆତ୍ମହତ୍ୟାର ରୂପ ଦିଆଯାଇଛି । ଯେଉଁ ପ୍ରଭାବଶାଳୀ ବ୍ୟକ୍ତି ବିଶେଷ ଏବଂ ପ୍ରତିଷ୍ଠିତ ଗଣମାଧ୍ୟମର ପ୍ରତିନିଧି ମେଧାବୀ ଛାତ୍ର ସାନ୍ତନୁ ମୃତ୍ୟୁକୁ ଅପମୃତ୍ୟୁ ମାମଲାରେ ବଦଳାଇ ଦେଇଥିଲେ ଆଜି ଠିକ୍ ସେହିପରି ଭାବରେ ସମ୍ପୃକ୍ତ ବ୍ୟକ୍ତି ବିଶେଷ ସ୍ୱର୍ଣ୍ଣ ପ୍ରିୟାଙ୍କ ମୃତ୍ୟୁ ଘଟଣାକୁ ଆତ୍ମହତ୍ୟାର ରୂପ ଦେବାକୁ ଲାଗିପଡ଼ିଛନ୍ତି । ଫଳରେ ମୃତ୍ୟୁର ଯନ୍ତା ବସାଇ ମଣିଷ ଶିକାର କରୁଥିବା ସମ୍ପୃକ୍ତ ସଂସ୍ଥା କର୍ତ୍ତୃପକ୍ଷ ଗୋଟିଏ ପରେ ଗୋଟିଏ ମଣିଷ ଶିକାର କରି ଅନ୍ୟାୟସରେ ଖସି ଚାଲିଛନ୍ତି । ଏହି ଘଟଣାର ଏକ ଉଚ୍ଚସ୍ତରୀୟ ତଦନ୍ତ କରାଯିବା ସହିତ ଏଥିରେ ସମ୍ପୃକ୍ତ ଥିବା ବ୍ୟକ୍ତିଙ୍କୁ ତୁରନ୍ତ ଗିରଫ କରାଯିବା ନିମନ୍ତେ ମୃତ ଶାନ୍ତନୁ ଏବଂ ସ୍ୱର୍ଣ୍ଣପ୍ରିୟାଙ୍କ ପରିବାର ପକ୍ଷରରୁ ଦାବୀ କରାଯିବା ସହିତ ଏହି ହତ୍ୟା ଘଟଣାର ମୋଡ଼ ବଦଳାଇ ଅପମୃତ୍ୟୁ ଓ ଆତ୍ମହତ୍ୟା ରୂପରେ ଦେବାରେ ସମ୍ପୃକ୍ତ ପି.ଏମ୍. ଟ୍ୟୁଟେରିଆଲ ଏବଂ ଏମପିଜେ କଲେଜ କର୍ତ୍ତୃପକ୍ଷଙ୍କୁ ସାହାଯ୍ୟ କରୁଥିବା ପ୍ରତିଷ୍ଠିତ ଗଣମାଧ୍ୟମରେ ମୁଖା ଖୋଲିବାକୁ ଦାବି କରିଛନ୍ତି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବନ୍ୟା ପାଇଁ ...

ହଠାତ ପାଣି ଛଡାଯିବା ଦ୍ୱାରା କେରଳ ସରକାର ବାଧ୍ୟ ହୋଇ ଇଡୁକି ନଦୀବନ୍ଧରୁ ପାଣି ଛାଡିବାକୁ ବାଧ୍ୟ ହୋଇଥିଲେ । ଯାହାକି ରାଜ୍ୟରେ ବନ୍ୟା ପରିସ୍ଥିତି ସୃଷ୍ଟିର ଅନ୍ୟତମ ମୁଖ୍ୟ କାରଣ । କେରଳ ବନ୍ୟାରେ ମୋଟ ୫୪ଲକ୍ଷ ଲୋକ ପ୍ରତ୍ୟକ୍ଷ ଭାବେ ପ୍ରଭାବିତ ହୋଇଥିବା ରାଜ୍ୟ ସରକାର କହିଛନ୍ତି । କେରଳ ସରକାର କହିଛନ୍ତି ଯେ, ଆଗାମୀ ଦିନରେ ଏପରି ଘଟଣାର ଯେପରି ପୁନରାବୃତ୍ତି ନ ଘଟେ ସେଥିପାଇଁ କେନ୍ଦ୍ର ଜଳ କମିଶନ ଅଧକ୍ଷ ଓ ଦୁଇ ରାଜ୍ୟର ମୁଖ୍ୟ ସଚିବଙ୍କୁ ନେଇ ଅନୁଧ୍ୟାନ କମିଟି ଗଠନ କରାଯାଉ । ନଦୀବନ୍ଧ ଜଳ ନିୟନ୍ତ୍ରଣ ପାଇଁ ଏହି କମିଟି ନିଷ୍ପତ୍ତି ନେବ । ଏଠାରେ ସୂଚନାଯୋଗ୍ୟ, ଅଗଷ୍ଟ ୧୮ରେ ସୁପ୍ରିମ୍‌କୋର୍ଟ କେରଳ ରାଜ୍ୟ ସରକାରଙ୍କ ମୁଖ୍ୟ ସଚିବଙ୍କୁ ବନ୍ୟା ବିପର୍ଯ୍ୟୟ ପରିଚାଳନା, ଉଦ୍ଧାରକାର୍ଯ୍ୟ ଓ ଥଇଥାନ ଦିଗରେ କି ପଦକ୍ଷେପ ନେଇଛ ତାହା ଜଣାଇବାକୁ ନିର୍ଦ୍ଦେଶ ଦେଇଥିଲେ । କେରଳରେ ଦେଖାଯାଇଥିବା ବନ୍ୟା ପାଇଁ କେନ୍ଦ୍ର ସରକାର ଅଧିକ ସହାୟତା ରାଶି ଯୋଗାଇ ଦେବାକୁ କହିଛନ୍ତି । ସ୍ୱରାଷ୍ଟ୍ର ମନ୍ତ୍ରାଳୟ କହିଛି ଯେ, କେରଳ ବନ୍ୟା ପାଇଁ ଯେଉଁ ୬୦୦ କୋଟି ଟଙ୍କା ଯୋଗାଇ ଦିଆଯାଇଛି ତାହା କେବଳ ଆଡଭାନ୍ସ । ଆନ୍ତଃ ମନ୍ତ୍ରିସ୍ତରୀୟ କମିଟି କେରଳ ବନ୍ୟାଞ୍ଚଳ ପରିଦର୍ଶନ ପୂର୍ବକ କ୍ଷୟକ୍ଷତି ଆକଳନ କରିବା ପରେ ଅଧିକ ସହାୟତା ରାଶି ଯୋଗାଇ ଦିଆଯିବ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରାଳୟ କହିଛି । ଅନ୍ୟପଟେ ୟୁଏଇ ଦେଇଥିବା ୭୦୦ କୋଟି ସହାୟତାକୁ ପ୍ରତ୍ୟାଖ୍ୟାନ ବାବଦରେ ମନ୍ତ୍ରାଳୟ କହିଛି ଯେ, ୨୦୦୪ରୁ କେନ୍ଦ୍ର ସରକାର ପ୍ରାକୃତିକ ବିପର୍ଯ୍ୟୟ ବାବଦ ବିଦେଶୀ ସହାୟତାକୁ ପ୍ରତ୍ୟାଖ୍ୟାନ କରିଆସୁଛି । ତେଣୁ ପ୍ରଚଳିତ ନିୟମ ଆଧାରରେ ବିଦେଶ ସହାୟତା ଗ୍ରହଣ କରାଯିବନାହିଁ । ହେଲେ କେନ୍ଦ୍ର ସରକାର କେରଳ ବନ୍ୟା ଦୁର୍ଗତଙ୍କ ପାଇଁ ଅଧିକ ସହାୟତା ଯୋଗାଇ ଦେବାକୁ କହିଛନ୍ତି । ରିଲାଏନ୍ସ ଫାଉଣ୍ଡେସନ ମଧ୍ୟ ୨୧ କୋଟି ଟଙ୍କାର ସହାୟତା ରାଶି ପ୍ରଦାନ କରିଛି ।

### ବାଜପେୟୀଙ୍କ ...

ତାଙ୍କ ହୃଦୟ ଥିଲା ବେଶ୍ ଉଦାର ଓ ପ୍ରଶସ୍ତ । ଓଡ଼ିଶା ପାଇଁ ବାଜପେୟୀଙ୍କର ସ୍ୱତନ୍ତ୍ର ଦରଦ ରହିଥିଲା । ତାଙ୍କ ପ୍ରଧାନମନ୍ତ୍ରିତ୍ୱ ସମୟରେ ମୁଁ କ୍ୟାବିନେଟ୍ ମନ୍ତ୍ରୀ ଭାବେ ରାଜନୀତିକ ଜୀବନ ଆରମ୍ଭ କରିଥିଲି । ବାଜପେୟୀଙ୍କ ବିୟୋଗରେ ଗୋଟିଏ ଯୁଗର ଅବସାନ ଘଟିଛି । ସେ ମେଣ୍ଟ ସରକାରର ସୁଚାରୂ ରୂପେ ପରିଚାଳନା କରୁଥିଲେ । ବାଜପେୟୀଙ୍କ ବିୟୋଗ ଦେଶ ପାଇଁ ଏକ ଜାତୀୟ କ୍ଷତି ହୋଇଥିଲା ବେଳେ ବ୍ୟକ୍ତିଗତ ଭାବେ ତାଙ୍କର ଅପୂରଣୀୟ କ୍ଷତି ହୋଇଛି । ବାଜପେୟୀଙ୍କର ଅବଦାନ ଭାରତର ରାଜନୀତି ପାଇଁ ସର୍ବଦା ସ୍ମରଣୀୟ ହୋଇ ରହିବ । ଓଡ଼ିଶାବାସୀ ତାଙ୍କୁ ସବୁଦିନ ମନେ ରଖିବେ ବୋଲି କହିଥିଲେ ମୁଖ୍ୟମନ୍ତ୍ରୀ । ସେହିପରି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଥିଲେ, ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀ ଥିଲେ ଜଣେ ବିଶ୍ୱସ୍ତରୀୟ ନେତା । ଏହି ମହାନ୍ ଆତ୍ମାଙ୍କୁ ଜଗନ୍ନାଥ ଭୂମି, ଓଡ଼ିଆ ଜାତି ଶ୍ରଦ୍ଧାଞ୍ଜଳି ଜଣାଇଲା । ଓଡ଼ିଶାରେ ମହାବାତ୍ୟା ପରେ ଅର୍ଥର ଅଭାବ ରହିବନାହିଁ ବୋଲି ସେ କ୍ରାନ୍ତିକାରୀ ମନ୍ତବ୍ୟ ଦେଇଥିଲେ । ଏହି ସମୟରେ ସେ ୭ ଲକ୍ଷ ଇନ୍ଦିରା ଆବାସ ଓଡ଼ିଶାରେ ପହଞ୍ଚାଇଥିଲେ । ସ୍ୱାଧୀନତା ପରେ ରାଜ୍ୟରେ ମାତ୍ର ୧୬୦୦ କିଲୋମିଟର ଜାତୀୟ ରାଜପଥ ହୋଇଥିବା ବେଳେ ତାଙ୍କ ସମୟରେ ଆଉ ୧୬୦୦ କିଲୋମିଟର ଜାତୀୟ ରାଜପଥ ଓଡ଼ିଶାରେ ହୋଇଥିଲା । କଳାହାଣ୍ଡିର ମରୁଡ଼ି ପରିସ୍ଥିତି ବେଳେ ବାଜପେୟୀ ସେ ଅଞ୍ଚଳକୁ ଆସି ବୁଲିଥିଲେ । ସେ ବିରୋଧୀଦଳ ନେତା ଥାଆନ୍ତୁ ଅବା ପ୍ରଧାନମନ୍ତ୍ରୀ ଥାଆନ୍ତୁ ସେ ଓଡ଼ିଶା ପାଇଁ ବହୁସମୟ ଦେଇଛନ୍ତି ବୋଲି ଶ୍ରୀ ପ୍ରଧାନ କହିଥିଲେ । କେନ୍ଦ୍ରମନ୍ତ୍ରୀ ଜୁଏଲ୍ ଓରାମ ପୂର୍ବତନ ପ୍ରଧାନମନ୍ତ୍ରୀ ବାଜପେୟୀଙ୍କ ସହ ତାଙ୍କର ବ୍ୟକ୍ତିଗତ ଅନୁଭୂତି ବର୍ଣ୍ଣନା କରିବା ସହିତ ମନ୍ତ୍ରୀ ଥିଲା ବେଳେ ବାଜପେୟୀ ତାଙ୍କୁ ସମସ୍ତ ସ୍ୱାଧୀନତା ଦେଇଥିଲେ ବୋଲି କହିଥିଲେ । ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ କହିଥିଲେ, ବାଜପେୟୀ ରାଜନୀତିକ ଆକାଶରେ ଧ୍ରୁବତାରା ଥିଲେ । ତାଙ୍କର କେହି ଶତ୍ରୁ ନଥିଲେ । ବାଜପେୟୀଙ୍କୁ ଅନୁସରଣ କରି ଦଳମତ ନିର୍ବିଶେଷରେ ସମସ୍ତେ ରାଜନୀତିକ ଶିଷ୍ଟାଚାର ଶିଖିଛନ୍ତି । କ୍ଷମତାରେ ଥିଲେ ମଧ୍ୟ ସେ କ୍ଷମତା ତାଙ୍କୁ ଛୁଇଁ ପାରିନଥିଲା । ଭାରତର ସବୁଠାରୁ ଲୋକପ୍ରିୟ ଓ ଦକ୍ଷ ପ୍ରଧାନମନ୍ତ୍ରୀ ହୋଇପାରିଥିଲେ ଅଟଳ ବିହାରୀ ବାଜପେୟୀ ।

### ବିଧାନ ପରିଷଦ ...

ସଦସ୍ୟଙ୍କ ପରି ୬ ବର୍ଷ ହେବ । ହେଲେ ରାଜ୍ୟସଭା ପରି କୌଣସି ସଂରକ୍ଷଣ ବ୍ୟବସ୍ଥା ରହିବନାହିଁ । ପ୍ରତି ଦୁଇ ବର୍ଷରେ ଥରେ ଏକ ତୃତୀୟାଂଶ ସଦସ୍ୟଙ୍କ କାର୍ଯ୍ୟକାଳ ସରିବ । ବିଧାନପରିଷଦ ଗଠନ ନେଇ ଆସନ୍ତା ମୌସୁମୀ ଅଧିବେଶନରେ ବିଧାନସଭାରେ ଏକ ସଂକଳ୍ପ ପାରିତ ହେବ । ଓଡ଼ିଶାରେ ବିଧାନପରିଷଦ ଗଠନ ହେଲେ ଜନସାଧାରଣଙ୍କୁ ଉତ୍ତମ ଶାସନ ଦିଆଯାଇପାରିବା ସହ ବୈଧାନିକ ଆଲୋଚନାରେ ସହାୟକ ହୋଇପାରିବ ବୋଲି ୫ ଜଣିଆ କମିଟି ରିପୋର୍ଟରେ ଉଲ୍ଲେଖ କରିଥିଲା । ପୂର୍ବରୁ ବିଧାନପରିଷଦ ଗଠନ ନିମନ୍ତେ ୨୦୧୫ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ମନ୍ତ୍ରୀ ନୃସିଂହ ସାହୁଙ୍କ ନେତୃତ୍ୱରେ ଏକ ୫ ଜଣିଆ କମିଟି ଗଠନ କରିଥିଲେ । ଏହି କମିଟି କର୍ଣ୍ଣାଟକ, ବିହାର, ତେଲେଙ୍ଗାନା ଓ ମହାରାଷ୍ଟ୍ର ଗସ୍ତକରି ସେଠାରେ ଗଠିତ ହୋଇଥିବା ବିଧାନପରିଷଦର ପ୍ରକ୍ରିୟା ଓ କାର୍ଯ୍ୟର ସମୀକ୍ଷା କରି ଏକ ରିପୋର୍ଟ ପ୍ରସ୍ତୁତ କରିଥିଲା । ପରେ ତେଲେଙ୍ଗାନା ଢାଞ୍ଚାରେ ବିଧାନପରିଷଦ ଗଠନ କରାଯିବାକୁ ନିଷ୍ପତ୍ତି ହୋଇଥିଲା ।

### ଉପସ୍ଥାପିତ ହେ ...

ଗୁରୁତ୍ୱ ଦିଆଯାଇଥିଲା ସେଥିମଧ୍ୟରୁ କିଛି ପ୍ରକଳ୍ପକୁ ଏହି ଅତିରିକ୍ତ ବଜେଟ୍ ଜରିଆରେ ସମ୍ପୂର୍ଣ୍ଣ କରାଯିବ ବୋଲି ଅର୍ଥମନ୍ତ୍ରୀ ସୂଚନା ଦେଇଛନ୍ତି । ଅପରପକ୍ଷରେ ବଜେଟର ଆକାର ବଢୁଥିବାବେଳେ ବଜେଟ୍ ଅନୁଦାନ ଖର୍ଚ୍ଚ କରିବାରେ ବିଭିନ୍ନ ବିଭାଗ ବିଫଳ ହେଉଛନ୍ତି । କେତେକ ବିଭାଗ ସଠିକ୍ ସମୟରେ ବିନିଯୋଗ ପ୍ରମାଣ ପତ୍ର (ୟୁସି) ଦେବାରେ ବିଳମ୍ବ କରୁଥିବାରୁ କେନ୍ଦ୍ରୀୟ ଅନୁଦାନ ମିଳି ପାରୁନାହିଁ । ସେଥିପାଇଁ ନିର୍ଦ୍ଧାରିତ ସମୟରେ ଅନୁଦାନକୁ ଖର୍ଚ୍ଚ କରି ପ୍ରମାଣ ପତ୍ର ଦେବା ଲାଗି ବିଭିନ୍ନ ବିଭାଗକୁ ଅର୍ଥବିଭାଗ ପକ୍ଷରୁ ତାଗିଦ କରାଯାଇଛି । ଓଡ଼ିଶା ସରକାର ଆୟୁଷ୍ମାନ ଭାରତ ଯୋଜନାକୁ ପ୍ରତ୍ୟାଖ୍ୟାନ କରି ନିଜ ଅର୍ଥରେ ଲୋକଙ୍କୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଆରମ୍ଭ କରିଛନ୍ତି । ଗତ ସ୍ୱାଧୀନତା ଦିବସରୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଶୁଭାରମ୍ଭ କରିଛନ୍ତି ମୁଖ୍ୟମନ୍ତ୍ରୀ । ଫଳରେ ୬୯ଲକ୍ଷ ୬୯ହଜାର ୬୭୨ ହିତାଧିକାରୀଙ୍କ ଚିକିତ୍ସା ଖର୍ଚ୍ଚ ବହନ କରିବେ ସରକାର । ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ପ୍ରତି ପରିବାରକୁ ବାର୍ଷିକ ୫ଲକ୍ଷ ଟଙ୍କା ଦେୟମୁକ୍ତ ସ୍ୱାସ୍ଥ୍ୟ ସୁରକ୍ଷା ମିଳିବ । କିନ୍ତୁ ମହିଳାଙ୍କ କ୍ଷେତ୍ରରେ ଏହାର ପରିମାଣ ୭ ଲକ୍ଷ ଟଙ୍କା ରହିଛି । ଅନ୍ୟପଟେ ଗତ ୧୦ରେ ଆଶା ଦିଦିଙ୍କ ଲାଗି ୧୦ ହଜାର ଟଙ୍କାର ଆର୍ଥିକ ସହାୟତା ଘୋଷଣା କରିଛନ୍ତି ରାଜ୍ୟ ସରକାର । ରାଜ୍ୟରେ କାର୍ଯ୍ୟରତ ୪୭ ହଜାର ଆଶା ଦିଦିଙ୍କ ପାଇଁ ଆନୁସଙ୍ଗିକ ସହାୟତା ରାଶି ଘୋଷଣା ପାଇଁ ଅତିରିକ୍ତ ବଜେଟରେ ବ୍ୟବସ୍ଥା ହୋଇଛି । ସେହିପରି ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀରୁ ଓଡ଼ିଶା ସରକାର ନିଜସ୍ୱ ଖାଦ୍ୟ ଯୋଜନା କରୁଛନ୍ତି । ୨୦୧୧ ପରେ ଓଡ଼ିଶାରେ ଜନ୍ମ ହୋଇଥିବା ୪୨ଲକ୍ଷ ୮୯ ହଜାର ୭୬୫ ଜଣଙ୍କ ମଧ୍ୟରୁ ପ୍ରାୟ ୮୦ ପ୍ରତିଶତ ଅର୍ଥାତ ୩୪ ଲକ୍ଷ ୪୪ ହଜାର ଲୋକ ଗରିବ । ଗତ ୭ ବର୍ଷ ମଧ୍ୟରେ ବୃଦ୍ଧି ପାଇଥିବା ଜନସଂଖ୍ୟାର ୮୦ ଭାଗ ଲୋକଙ୍କୁ ନିଜସ୍ୱ ଖାଦ୍ୟ ସୁରକ୍ଷା ମିଶନରେ ସାମିଲ କରିବାକୁ ଯାଉଛନ୍ତି ଓଡ଼ିଶା ସରକାର । କିନ୍ତୁ ପ୍ରଥମ ପର୍ଯ୍ୟାୟରେ ୨୫ ଲକ୍ଷ ହିତାଧିକାରୀଙ୍କୁ ନିଜସ୍ୱ ଖାଦ୍ୟ ଯୋଜନାରେ ଟଙ୍କିକିଆ ଚାଉଳ ଦେବେ ରାଜ୍ୟ ସରକାର । ଯେଉଁଥିପାଇଁ ସରକାରଙ୍କ ଉପରେ ମାସିକ ପ୍ରାୟ ସାଢ଼େ ୩୭ କୋଟି ଟଙ୍କାର ଅତିରିକ୍ତ ବୋଝ ପଡ଼ିବ ।

### ଏକକ ନିର୍ବାଚନ ...

ଏକସଙ୍ଗେ ନିର୍ବାଚନ ପାଇଁ 'ସୁସ୍ଥ ତଥା ଖୋଲା ବିତର୍କ' ନିମନ୍ତେ ସମ୍ପୃକ୍ତ ପକ୍ଷ ଆଗେଇ ଆସିବାକୁ ଆହ୍ୱାନ ଦେବା ପରିପ୍ରେକ୍ଷୀରେ ରାଓ୍ୱତ୍ ସାମ୍ବାଦିକମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇ କହିଛନ୍ତି, ଏ ଦିଗରେ ଆଇନ ପ୍ରଣୟନ କରିବା ପାଇଁ ବ୍ୟବସ୍ଥାପକମାନଙ୍କୁ ଅନ୍ୟୁନ ଗୋଟିଏ ବର୍ଷ ଲାଗିବ । ଏହି ପ୍ରକ୍ରିୟା ପାଇଁ ସମୟ ଦରକାର । ସମ୍ବିଧାନ ସଂଶୋଧନ ଲାଗି ବିଲ୍ ପ୍ରସ୍ତୁତ ହୋଇଗଲା ପରେ ଆମେ ଜାଣିବୁ ଏ ଦିଗରେ ଆମେ ଅଗ୍ରସର ହେଉଛେ । ସେ ଆହୁରି କହିଛନ୍ତି, ସାଧାରଣ ନିର୍ବାଚନ ପାଇଁ କମିଶନ ପକ୍ଷରୁ ୧୪ ମାସ ଆଗରୁ ପ୍ରସ୍ତୁତି ଆରମ୍ଭ ହୋଇଥାଏ । ଆମ ପାଖରେ ମାତ୍ର ୪୦୦ କର୍ମଚାରୀ ଥିଲାବେଳେ ଆମଙ୍କୁ ୧ କୋଟି ୧୧ ଲକ୍ଷ କର୍ମଚାରୀଙ୍କୁ ନିୟୋଜିତ କରିବାକୁ ପଡ଼େ । ଇଭିଏମ୍‌ରେ ତ୍ରୁଟି ସମ୍ପର୍କରେ ଏକ ପ୍ରଶ୍ନର ଉତ୍ତରଦେବାକୁ ଯାଇ ରାଓ୍ୱତ୍ କହିଛନ୍ତି, ଏ କ୍ଷେତ୍ରରେ ମାତ୍ର ୦.୫ରୁ ୦.୬% ତ୍ରୁଟି ପରିଲକ୍ଷିତ ହେଉଛି । ମେସିନ୍‌ରେ ଏହି ସାମାନ୍ୟ ତ୍ରୁଟି ସେଭଳି ବଡ଼ କଥା ନୁହେଁ । ଭିଭିପ୍ୟାଟ୍ (ଭୋଟର୍ ଭେରିଫାଏଡ୍ ପେପର୍ ଟ୍ରେଲ୍) ବ୍ୟବହାର ଏକ ନୂଆ ବ୍ୟବସ୍ଥା । ଏହାର ଶତପ୍ରତିଶତ ବ୍ୟବହାର ପାଇଁ ନିର୍ବାଚନ କମିଶନ ପ୍ରସ୍ତୁତ ଅଛନ୍ତି । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଲୋକସଭା ନିର୍ବାଚନ ସହ କେତେକ ରାଜ୍ୟର ବିଧାନସଭା ନିର୍ବାଚନ ଏକସଙ୍ଗେ କରାଯିବା ନେଇ ଗତ କିଛି ଦିନ ହେଲା ଜୋରଦାର ଚର୍ଚ୍ଚା ହେଉଛି । ୨୦୧୯ ଏପ୍ରିଲ-ମେ'ରେ ଲୋକସଭା ନିର୍ବାଚନ ହେବାକୁ ଥିବାବେଳେ ଏଥିସହ ମଧ୍ୟପ୍ରଦେଶ, ଛତିଶଗଡ଼, ରାଜସ୍ଥାନ, ମିଜୋରାମ ବିଧାନସଭା ନିର୍ବାଚନ କରାଯିବା ନେଇ ଆଲୋଚନା ହେଉଛି । ମିଜୋରାମ ବିଧାନସଭାର ମିଆଦ ଡିସେମ୍ବର ୧୫ରେ ପୂରିଯାଉଥିଲା ବେଳେ ଛତିଶଗଡ଼, ମଧ୍ୟପ୍ରଦେଶ ଓ ରାଜସ୍ଥାନ ବିଧାନସଭାର କାର୍ଯ୍ୟକାଳ ଯଥାକ୍ରମେ ୨୦୧୯ ଜାନୁଆରୀ ୫, ଜାନୁଆରୀ ୭ ଓ ଜାନୁଆରୀ ୨୦ରେ ପୂରିଯିବ । ନିର୍ବାଚନରେ 'ନୋଟା' (କୌଣସି ପ୍ରାର୍ଥୀ ପସନ୍ଦ ନୁହଁନ୍ତି)ର ବ୍ୟବହାର ସାଧାରଣତଃ ୧.୨ରୁ ୧.୪% ମଧ୍ୟରେ ରହୁଛି ବୋଲି ରାଓ୍ୱତ୍ କହିଛନ୍ତି । ଅନ୍ୟ ଏକ ପ୍ରଶ୍ନର ଉତ୍ତରଦେଇ ସେ କହିଛନ୍ତି, ନିର୍ବାଚନ କମିଶନ ପୂର୍ଣ୍ଣ ସ୍ୱାଧୀନତା ଉପଭୋଗ କରୁଛନ୍ତି । ଏହାର ଅଧିକାରୀମାନେ କୌଣସି ରାଜନୀତିକ ଚାପର ବଶବର୍ତ୍ତୀ ହେଉ ନାହାନ୍ତି ।

### ଏଥର ତ୍ରିମୁଖୀ ...

ରଖିଥିବା ସ୍ପଷ୍ଟ ହୋଇଛି । ଯାହା ଫଳରେ ରାଜ୍ୟରେ ଆଉ ଏହି ଦୁଇଦଳ ମେଣ୍ଟ କରିବାର ସମ୍ଭାବନା ପ୍ରାୟତଃ ନାହିଁ । କିନ୍ତୁ ରାଜ୍ୟ କଂଗ୍ରେସ କେତେକ ଧର୍ମ ନିରପେକ୍ଷ ଦଳ ସହିତ ମେଣ୍ଟ କରିବାର ସମ୍ଭାବନା ଦେଖାଦେଇଛି । ଏହି ଦୃଷ୍ଟିକୋଣରୁ ଆସନ୍ତା ନିର୍ବାଚନରେ ତ୍ରିମୁଖୀ ଲଢ଼େଇ ହେବା ନିଶ୍ଚିତ ହୋଇଯାଇଛି । ପିସିସି ପ୍ରଚାର କମିଟି ବୈଠକରୁ ଏଭଳି ଆଭାସ ମିଳିଛି । କଂଗ୍ରେସ ପ୍ରଚାର କମିଟି ଅଧକ୍ଷ ଭକ୍ତଚରଣ ଦାସ ଗଣମାଧ୍ୟମକୁ ଦେଇଥିବା ପ୍ରତିକ୍ରିୟାରୁ ଏହା ଜଣାପଡିଛି । ସେ କହିଥିଲେ, କଂଗ୍ରେସ ସହିତ ଆରଜେଡି, ସିପିଆଇ, ସିପିଏମ ରହିଥିବା ବେଳେ ଜେଏମ୍‌ଏମ୍ ମେଣ୍ଟ ପରିସରକୁ ଆସିପାରେ । ଉଲ୍ଲେଖଯୋଗ୍ୟ, ଜାତୀୟ ସ୍ତରରେ କଂଗ୍ରେସ ନେତୃତ୍ୱାଧୀନ ଉପାରେ ରାଷ୍ଟ୍ରୀୟ ଜନତା ଦଳ ବା ଆରଜେଡି ଏବେ ବି ଏକ ଅଂଶୀଦାର ଭାବେ ଅଛି । ସେହିପରି ଭାରତ-ଆମେରିକା ଆଣବିକ ଚୁକ୍ତି ନେଇ ଉପା ସରକାରଠାରୁ ସମର୍ଥନ ପ୍ରତ୍ୟାହାର କରିବା ପୂର୍ବରୁ ସିପିଆଇ ଓ ସିପିଏମ ପରି ବାମପନ୍ଥୀ ଦଳ ମଧ୍ୟ ଏହାର ସହଯୋଗୀ ରହିଥିଲେ । ସେହିପରି ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା ବା ଜେଏମଏମ ସହିତ ମଧ୍ୟ କଂଗ୍ରେସର ମେଣ୍ଟ ହୋଇ ଭାଙ୍ଗିଛି । ଜାତୀୟ ସ୍ତରରେ ଏବେ ଉଭୟ ଦଳ ମଧ୍ୟରେ ସୁସଂପର୍କ ଓ ଭଲ ବୁଝାମଣା ରହିଛି । ସେହିଭଳି ଉତ୍ତର ପ୍ରଦେଶରେ ସମାଜବାଦୀ ପାର୍ଟି ଓ ବହୁଜନ ସମାଜ ପାର୍ଟି ସହିତ କଂଗ୍ରେସର ବୁଝାମଣା ମଧ୍ୟ ଭଲ । ପ୍ରଦେଶ କଂଗ୍ରେସ ମୁଖିଆ ଯଦି ରାଜ୍ୟରେ ଏକ ବ୍ୟାପକ ଓ ଶକ୍ତିଶାଳୀ ଗଣତାନ୍ତ୍ରିକ ଧର୍ମନିରପେକ୍ଷ ମେଣ୍ଟ ଗଠନ କରିବା ସପକ୍ଷରେ ଥାଆନ୍ତି ତେବେ ଏ ଦୁଇ ଦଳ ସହିତ ମଧ୍ୟ କେତେକ ଆସନରେ ବୁଝାମଣା କରିପାରନ୍ତି । ତେଣୁ ଆଗାମୀ ନିର୍ବାଚନରେ କଂଗ୍ରେସ ଜୋରଦାର ଲଢ଼େଇ କରିବା ମାନସିକତାରେ ରହିଛି ବୋଲି ବୁଝିବାକୁ ହେବ । ଅନ୍ୟପକ୍ଷରେ ଶାସକ ବିଜୁ ଜନତା ଦଳ ୨୦୦୯ ମସିହାରୁ ଉଭୟ କଂଗ୍ରେସ ଓ ବିଜେପି ଠାରୁ ସମଦ୍ୱୂରତ୍ୱ ରକ୍ଷା କରି ଚାଲିଛି । ବିମୁଦ୍ରାୟନ, ଜିଏସ୍‌ଟି, ରାଷ୍ଟ୍ରପତି ଓ ରାଜ୍ୟସଭା ଉପାଧକ୍ଷ ଆଦି ନିର୍ବାଚନରେ ବିଜେଡି କେନ୍ଦ୍ରରେ ବିଜେପି ନେତୃତ୍ୱାଧୀନ ଏନଡିଏକୁ ସମର୍ଥନ ଜଣାଇଥିଲେ ମଧ୍ୟ ବିଜେପିକୁ ସମର୍ଥନ କରିନାହିଁ । ଏପରିକି ଅନେକ ସମୟରେ ବିଜେଡି ସୁପ୍ରିମୋ ଏନ୍‌ଡିଏ ବିରୋଧୀ ମହାମେଣ୍ଟରେ ସାମିଲ ନହୋଇ ଦେଶରେ ଏକ ସଂଘୀୟ ମେଣ୍ଟର ଆବଶ୍ୟକତା ରହିଥିବା ସପକ୍ଷରେ ମତ ଦେଇଥିଲେ । ୨୦୧୭ ପଞ୍ଚାୟତ ନିର୍ବାଚନରେ କଂଗ୍ରେସକୁ ପଛରେ ପକାଇ ରାଜ୍ୟରେ ଦ୍ୱିତୀୟ ବୃହତ୍ତମ ଦଳ ଭାବେ ବିଜେପି ସଫଳତା ଅର୍ଜନ କରିଥିଲା । ତେଣୁ ବିଜେଡି ସହିତ ଓଡ଼ିଶାରେ ବିଜେପି ମେଣ୍ଟ କରିବାର ସମ୍ଭାବନା କ୍ଷୀଣ । କାରଣ ଉଭୟ ଦଳ ପରସ୍ପର ବିରୋଧରେ ଲଢ଼େଇ ଜାରି ରଖିଛନ୍ତି ଓ ପରିସ୍ପର ବିରୁଦ୍ଧରେ ଅଭିଯୋଗମାନ କରୁଛନ୍ତି । ଏହି ଦୃଷ୍ଟିକୋଣରୁ ଆଗାମୀ ନିର୍ବାଚନରେ ଓଡ଼ିଶାରେ ବିଜେଡି, ବିଜେପି ଓ କଂଗ୍ରେସ ମେଣ୍ଟ ମଧ୍ୟରେ ତ୍ରିକୋଣୀୟ ପ୍ରତିଦ୍ୱନ୍ଦ୍ୱିତା ହେବା ପ୍ରାୟ ନିଶ୍ଚିତ ।

### ଜବରଦଖଲ ...

ବିଏମ୍‌ସି ନିଷ୍ପତ୍ତି ନେଇଛି । ଏଥିପାଇଁ ଜମି ମାଲିକମାନଙ୍କୁ ଉପଯୁକ୍ତ କ୍ଷତିପୂରଣ ଦେବାକୁ ବିଏମସି ତରଫରୁ ଯୋଜନା ପ୍ରସ୍ତୁତ ହୋଇଛି । ଭୁବନେଶ୍ୱର ୨୦୩୦ ବିକାଶ ଯୋଜନାରେ ଡ୍ରେନେଜ୍‌ଗୁଡ଼ିକୁ ଗୁରୁତ୍ୱ ଦିଆଯାଇଛି । ବିଏମ୍‌ସି ଡେପୁଟି କମିଶନର ଶ୍ରୀମନ୍ତ ମିଶ୍ର କହିଛନ୍ତି, ଡ୍ରେନ୍ କଡ଼ରେ ଥିବା ଜମିମାଲିକମାନେ ବର୍ତ୍ତମାନ ଜାରି କରାଯାଇଥିବା ନୋଟିସ୍ ଆଧାରରେ ନିର୍ଦ୍ଧାରିତ ଫର୍ମରେ ଆବେଦନ କରିବା ଉଚିତ । ଫଳରେ ଡ୍ରେନେଜ୍ ବ୍ୟବସ୍ଥା ପରେ ଜମିମାଲିକମାନଙ୍କୁ ଗୃହ ନିର୍ମାଣ ପାଇଁ ଅନୁମତି ମିଳିପାରିବ । ଯେଉଁମାନେ ବର୍ତ୍ତମାନ ଆବେଦନ କରିବେ ନାହିଁ, ସେମାନେ ଭବିଷ୍ୟତରେ ଗୃହ ନିର୍ମାଣ କରିପାରିବେ ନାହିଁ । ପରବର୍ତ୍ତୀ ସମୟରେ ଡ୍ରେନେଜ୍ ସୁବିଧା ନେଇ ବିଏମ୍‌ସି ନିକଟରେ ସୁନିଶ୍ଚିତ କଲା ପରେ ସେମାନଙ୍କର ଗୃହ ନିର୍ମାଣ ଅନୁମତି ସମ୍ପର୍କରେ ବିଚାର କରାଯିବ ବୋଲି ଶ୍ରୀ ମିଶ୍ର କହିଛନ୍ତି । ଡ୍ରେନେଜ୍ ନିକଟରେ ଯଦି ତାଙ୍କର କୌଣସି କଂକ୍ରିଟ୍ ନିର୍ମାଣ ଥାଏ, ତେବେ ତାହାକୁ ଭଙ୍ଗାଯିବ ବୋଲି ବିଏମ୍‌ସି ଅଧିକାରୀ କହିଛନ୍ତି ।ବର୍ତ୍ତମାନ ରାଜଧାନୀର ମୁଖ୍ୟ ଡ୍ରେନଗୁଡ଼ିକର ସର୍ଭେ ଆରମ୍ଭ ହୋଇଛି । କେଉଁଠି ଜବରଦଖଲ ରହିଛି, ତାହାର ଅନୁଧ୍ୟାନ କରାଯିବ ଏବଂ ଏହି ଜବରଦଖଲଗୁଡ଼ିକୁ ଉଚ୍ଛେଦ କରାଯିବ । ବିଏମ୍‌ସିର ଡ୍ରେନେଜ୍ ଡିଭିଜନ୍ ଡ୍ରେନଗୁଡ଼ିକର ସର୍ଭେ କରି ରିପୋର୍ଟ ପ୍ରସ୍ତୁତ କରିବ । ବିଡିଏ ଅତିରିକ୍ତ କମିଶନର ଭବାନିଶଙ୍କର ଚଇନି କହିଛନ୍ତି, ରାଜଧାନୀର ସମସ୍ତ ଡ୍ରେନଗୁଡ଼ିକୁ ଅବରୋଧମୁକ୍ତ କରାଯିବ । ଫଳରେ ରାଜଧାନୀରେ ଦେଖାଦେଉଥିବା ବର୍ଷାଜଳ ନିଷ୍କାସନ ସମସ୍ୟାର ସମାଧାନ ହୋଇପାରିବ । ବିଏମସି ଡ୍ରେନେଜ୍ ଡିଭିଜନ୍ ଇନଚାର୍ଜ ଇଂ ପ୍ରଦୀପ ଦୂରିଆ କହିଛନ୍ତି, ସର୍ଭେ ଶେଷ ହେଲା ପରେ ରାଜଧାନୀର ମୁଖ୍ୟ ଡ୍ରେନଗୁଡ଼ିକରେ କେଉଁଠି ଜବରଦଖଲ ରହିଛି, ତାହା ସ୍ପଷ୍ଟ ହୋଇଯିବ । ଫଳରେ ଜବରଦଖଲ ଉଚ୍ଛେଦ କରାଯାଇ ବର୍ଷାଜଳ ନିଷ୍କାସନ ପାଇଁ ପଥ ପରିଷ୍କାର କରାଯିବ । ଏହି ସର୍ଭେ ଟିମ୍‌ରେ ରାଜସ୍ୱ ଅଧିକାରୀ, ବିଏମ୍‌ସି ଜୋନାଲ୍ ଡେପୁଟି କମିଶନର, ଡ୍ରେନେଜ୍ ଡିଭିଜନ୍ ଅଧିକାରୀ ସାମିଲ୍ ହେବେ । ଏଥିସହିତ ଡ୍ରେନେଜ୍ କଡ଼ରେ ଜମି କିଣୁଥିବା ଲୋକମାନଙ୍କୁ ମଧ୍ୟ ବିଡିଏ ତରଫରୁ ସତର୍କ କରାଯାଇଛି । ଜମିଗୁଡ଼ିକ ଡ୍ରେନେଜ୍ ଚ୍ୟାନେଲର କ୍ଷତି ପହଞ୍ଚାଉଛି କି ନାହିଁ, ତାହା ଅନୁଧ୍ୟାନ କରିବାକୁ ବିଡିଏ ତରଫରୁ କୁହାଯାଇଛି ।

### ଗୁଜରାଟ କମ୍ପାନୀ ...

ରୋଡ଼ସ୍ଥିତ ଆକ୍ୟୁଲାଇଫ୍ ହେଲ୍‌ଥ କେୟାର୍ କମ୍ପାନୀ ମଧ୍ୟ ଔଷଧ ଯୋଗାଣ ପାଇଁ ଯୋଗ୍ୟ ହୋଇଥିଲା । ଦୀର୍ଘଦିନ ହେବ ଉକ୍ତ କମ୍ପାନୀ ରାଜ୍ୟ ଔଷଧ ନିଗମ ଜରିଆରେ ସାଲାଇନ୍ ଯୋଗାଇ ଆସୁଥିଲା । କିନ୍ତୁ ନିକଟରେ ଯାଞ୍ଚ ବେଳେ ଜଣାପଡ଼ିଥିଲା ଯେ ଉକ୍ତ କମ୍ପାନୀ ଯୋଗାଇଥିବା ସାଲାଇନ୍ ମଧ୍ୟରୁ ୭ଟି ବ୍ୟାଚ୍ ସାଲାଇନ୍ ନିମ୍ନମାନର, ଯାହା ସମ୍ପୂର୍ଣ୍ଣ ଅନୁପଯୁକ୍ତ । ନିଗମ ନିଜସ୍ୱ ଲ୍ୟାବ୍ ପରୀକ୍ଷାରୁ ଏହା ଅବଗତ ହେବା ପରେ ସମ୍ପୃକ୍ତ କମ୍ପାନୀ ମୁଖ୍ୟଙ୍କୁ ନୋଟିସ୍ ଜାରି କରାଯାଇଥିଲା । କମ୍ପାନୀ ମଧ୍ୟ ନିଗମ ନିକଟରେ ନିଜର ପକ୍ଷ ରଖିଥିଲା । କିନ୍ତୁ ସାଲାଇନ୍ ଭେଜାଲ୍ ବୋଲି ଜଣାପଡ଼ିଥିଲା । ଏହି ଆଧାରରେ କମ୍ପାନୀକୁ କଳାତାଲିକାଭୁକ୍ତ କରାଯାଇଛି । ୩ ବର୍ଷ ପର୍ଯ୍ୟନ୍ତ ଉକ୍ତ କମ୍ପାନୀ କୌଣସି ଟେଣ୍ଡରରେ ଭାଗ ନେଇ ପାରିବ ନାହିଁ ବୋଲି ଆଜି ପରିଚାଳନା ନିର୍ଦ୍ଦେଶିକା ବିଜ୍ଞପ୍ତି ଜାରି କରିଛନ୍ତି । ଏ ସମ୍ପର୍କରେ ସ୍ୱାସ୍ଥ୍ୟ ସଚିବଙ୍କୁ ମଧ୍ୟ ଅବଗତ କରାଯାଇଛି । ସୂଚନାଯୋଗ୍ୟ ଉକ୍ତ କମ୍ପାନୀର ସାଲାଇନ୍ ରାଜ୍ୟର ବିଭିନ୍ନ ସରକାରୀ ଔଷଧ ବିତରକ କେନ୍ଦ୍ରକୁ ପଠାଯାଇ ସାରିଥିବା ବେଳେ ଗତ ୧୦ ତାରିଖରେ ସାଲାଇନ୍ ବିକ୍ରି ନକରିବାକୁ ନିଗମ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା । ଆକ୍ୟୁଲାଇଫ୍ ହେଲ୍‌ଥ କେୟାର୍ କମ୍ପାନୀ ଟେଣ୍ଡର୍ ବେଳେ ଦାଖଲ କରିଥିବା ସମସ୍ତ ବ୍ୟାଙ୍କ୍ ଗ୍ୟାରେଣ୍ଟି, ଅମାନତ ଅର୍ଥ ଓ ପରଫର୍ମାନ୍ସ ଜମାକୁ ବାତିଲ କରାଯାଇଛି । କିନ୍ତୁ ପ୍ରଶ୍ନ ଉଠୁଛି ବାରମ୍ବାର ଅଭିଯୋଗ ଓ ତନାଘନା ସତ୍ତ୍ୱେ ଗତ ବର୍ଷେ ହେଲା ଉକ୍ତ କମ୍ପାନୀ କିଭଳି ଭେଜାଲ୍ ସାଲାଇନ୍ ଯୋଗାଣ କରୁଥିଲା । ତାହାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି ।

ପର୍ଯ୍ୟଟନ ବନ୍ଧୁ

# ସବୁଠାରେ ଅଛନ୍ତି ଈଶ୍ୱର

ଆସ ବୁଲିଯିବା

ଗୋଆ

ଉପସ୍ଥାପନା
ଜାହ୍ନବୀସୁତ

ଆପଣଙ୍କର ମନେଥିବ ଯେ, ଗତ ସ୍ତମ୍ଭରେ ମୁଁ ସୂଚନା ଦେଇଥିଲି କିପରି ସେଣ୍ଟ୍ ଅଗଷ୍ଟାଇନ୍ ଚର୍ଚ୍ଚ ଦେଖିବା ପରେ କିଛି ପର୍ଯ୍ୟଟକ ଏବଂ ଗାଇଡ୍‌ଙ୍କ ସହ ଯାଇ ନନେରୀ ଅଫ୍ ସେଣ୍ଟ ମୋନିକାରେ ପହଞ୍ଚିଥିଲି। ଏହାରି ଭିତରେ ଜାଣି ସାରିଥିଲି ଯେ, ସେଣ୍ଟ୍ ମୋନିକା ହେଉଛନ୍ତି ସେଣ୍ଟ ଅଗଷ୍ଟାଇନ୍‌ଙ୍କ ମା'। ଆଉ ଗୋଟିଏ ବଡ ପରିବର୍ତ୍ତନ ମଧ୍ୟ ମୁଁ ଅନୁଭବ କରିଥିଲି ଯେ, ମୋ ସାଥିରେ ଥିବା ଗାଇଡ୍ କିଛି ସମୟ ପୂର୍ବରୁ ଯିଏ ମୋ ପାଇଁ ସମ୍ପୂର୍ଣ୍ଣ ଅଜ୍ଞ ଥିଲେ କିଛି ସମୟ ଭିତରେ ସେ ମୋର ବନ୍ଧୁ ପାଲଟି ସାରିଥିଲେ। ତାଙ୍କ ନାଁ ଜନ୍ ଏବଂ ସବୁଠାରୁ ବଡ କଥା ହେଲା ସେ ଇଂରାଜୀ ଏବଂ ହିନ୍ଦୀ ଭାଷା ସହ ୧୨ଟି ବିଦେଶୀ ଭାଷା ମଧ୍ୟ ଜାଣିଥିଲେ। ସବୁଠାରୁ ବଡ୍ କଥା ହେଲା ସେ ଖୁବ୍ ମେଳାପୀ ସ୍ୱଭାବର ଆଉ ପର୍ଯ୍ୟଟକ ମାନଙ୍କର ସବୁ ସୁବିଧା ଅସୁବିଧା କଥା ବୁଝୁଥିଲେ। ଅନ୍ୟ ଅର୍ଥରେ କହିବାକୁ ଗଲେ ଖୁବ୍ କେୟାରିଂ ଥିଲେ। ତାଙ୍କ ସହ ଆଗକୁ ମଧ୍ୟ ମୋର ବନ୍ଧୁତାର ଅନେକ ଅନୁଭୂତି ରହିଛି, ସେ ସମ୍ପର୍କରେ ଆପଣମାନଙ୍କୁ ସୂଚନା ଦେବି। ହେଲେ ଏବେ ଆମେ ପହଞ୍ଚି ସାରିଥିଲୁ ନନେରୀ ଅଫ୍ ସେଣ୍ଟ ମୋନିକାରେ। ମୋର ବନ୍ଧୁ ତଥା ଗାଇଡ୍ ଜନ୍ ମୋ ସହ ଅନ୍ୟମାନଙ୍କୁ ବୁଝାଇବାକୁ ଆରମ୍ଭ କଲେ। ତାଙ୍କ ସୂଚନା ଅନୁସାରେ ଏହି ସ୍ଥାନ ଦିନେ ନନ୍ ମାନଙ୍କ ପାଇଁ ଖୁବ୍ ସୁରକ୍ଷିତ ବାସସ୍ଥାନ ଥିଲା। ଖ୍ରୀଷ୍ଟିୟାନ୍ ଧର୍ମାବଲମ୍ବୀ ବିଧବା ମହିଳାମାନେ ମଧ୍ୟ ଏଠାରେ ଅବସ୍ଥାନ କରୁଥିଲେ ଏପରିକି ଯୁଦ୍ଧ କ୍ଷେତ୍ର କିମ୍ବା କୌଣସି ଅନୁସନ୍ଧାନରେ ଯାଉଥିବା ସୈନିକ ମାନଙ୍କର ପରିବାରର ମହିଳାମାନେ ଏଠାରେ ଅବସ୍ଥାନ କରୁଥିଲେ। ୧୬୨୭ ମସିହାରେ ଏହି ନନେରୀର ନିର୍ମାଣ ସରିଥିଲା। ସୂଚନା ଅନୁସାରେ ପ୍ରାୟ ୨୫୦ଜଣ ନନ୍ ଏଠାରେ ଅବସ୍ଥାନ କରୁଥିଲେ। ଆଉ ଏଠାରେ ଅବସ୍ଥାନ କରୁଥିବା ନନ୍‌ମାନେ ଶୃଙ୍ଖଳାର ସହ ଜୀବନ ଅତିବାହିତ କରୁଥିଲେ। ସେମାନେ ବିଭିନ୍ନ କର୍ମରେ ମଧ୍ୟ ନିଜେ ସାମିଲ ରହୁଥିଲେ। କେହି କେହି ବିଭିନ୍ନ ବୁଣାବୁଣି କାର୍ଯ୍ୟ କରୁଥିବା ବେଳେ ଆଉ କେହି ଜାମ୍ ଜେଲି ଇତ୍ୟାଦି ଖାଦ୍ୟ ପଦାର୍ଥ ପ୍ରସ୍ତୁତ କରୁଥିଲେ। ଏପରିକି ଏଠାରେ ଅବସ୍ଥାନ କରୁଥିବା





ଅନ୍ତେବାସୀମାନେ ଏକ ସୁନ୍ଦର ବଗିଚା ମଧ୍ୟ ପ୍ରସ୍ତୁତ କରିଥିଲେ। ଏବେ ଅବଶ୍ୟ ଏହି ନନେରୀକୁ ଖ୍ରୀଷ୍ଟିୟାନ୍ ମାନଙ୍କ କଳା କାରୁକାର୍ଯ୍ୟର ମ୍ୟୁଜିୟମ ଭାବରେ ବ୍ୟବହାର କରାଯାଉଛି। ଏମିତି ଅନେକ ସୂଚନା ଗାଇଡ୍ ବନ୍ଧୁ ଜନ୍ ସୂଚନା ଦେଉଥିବା ବେଳେ ମୁଁ କିନ୍ତୁ ଇତିହାସର ଗଭୀରତାରେ ଲୀନ ହେବାରେ ଲାଗିଥିଲି। ମୋର ଜିଜ୍ଞାସୁ ମନ ତ୍ୟାଗ ଓ ବଳିଦାନର ପ୍ରତୀକ ନନ୍ ମାନଙ୍କର ଅନୁଭୂତି କିପରି ଏଠି ଥିଲା ତାହା ଜାଣିବାକୁ ବ୍ୟଗ୍ର ଥିଲା। ପ୍ରକୃତରେ ସମୁଦ୍ରର ଜୁଆର ଆଉ ମନ ଭିତରେ ଜିଜ୍ଞାସାର ସୁଅକୁ ରୋକିବା ଖୁବ୍ କଷ୍ଟକର। ତେଣୁ ମୋ କ୍ଷେତ୍ରରେ ମଧ୍ୟ ସେଇଆ ହିଁ ହେଲା। ମୁଁ ଆଉ ନିଜକୁ ସମ୍ଭାଳି ନପାରି ବନ୍ଧୁ ଜନ୍‌ଙ୍କୁ ପଚାରିଲି ଯେ, ଏଠାରେ ନନ୍ ମାନେ କେଉଁ ସମୟ ଯାଏଁ ଅବସ୍ଥାନ କରୁଥିଲେ ଆଉ ସେମାନଙ୍କର ମଧ୍ୟ କିଛି ଅନୁଭୂତି ଯଦି ସେ ଜାଣିଥାନ୍ତି ତା'ହେଲେ ନିହାତି ସୂଚନା ଦେଲେ ଭଲ ହେବ। ମୋ କଥା ଶୁଣି ସାରିବା ପରେ ଗାଇଡ୍ ବନ୍ଧୁ ଜନ୍ ସାମାନ୍ୟ ସ୍ମିତ ହାସ୍ୟ ଦେଲେ ଆଉ ମୋ ପ୍ରଶ୍ନ ପାଇଁ ମୋତେ ଧନ୍ୟବାଦ ଦେଇ ସୂଚନା ଦେଲେ ଯେ ଏହି ସେଣ୍ଟ ମୋନିକା ନନେରୀରେ ଶେଷ ନନ୍ ୧୯୬୮ ମସିହା ପର୍ଯ୍ୟନ୍ତ ଅବସ୍ଥାନ କରୁଥିଲେ ଏବଂ ତାଙ୍କ ମୃତ୍ୟୁ ପରେ ଏହି ନନେରୀକୁ ଚର୍ଚ୍ଚରେ ରୂପାନ୍ତରିତ କରାଯାଇଥିଲା। ଏହି ଚର୍ଚ୍ଚକୁ ନେଇ ଅନେକ ଅଲୌକିକ କଥା ମଧ୍ୟ ଜନ୍ ଆମ ମାନଙ୍କୁ କହିଥିଲେ। ସୂଚନା ଅନୁସାରେ ୧୬୩୬ ମସିହା ଫେବୃଆରୀ ମାସ ୮ ତାରିଖରେ ହଠାତ୍ ଏଠାରେ ଥିବା ପ୍ରଭୁ ଯୀଶୁଙ୍କ ପ୍ରତିମୂର୍ତ୍ତିର ଆଖିରୁ ରକ୍ତ ଝରିବାକୁ ଲାଗିଲା। ସତେ ଯେମିତି ସେ ଏଠାରେ ଜୀବନ୍ତ ଭାବରେ ଅଛନ୍ତି ଏ କଥା ଅନେକଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଥିଲା। ଏହାର ଚାରିଦିନ ପରେ ମଧ୍ୟ ଭାଇସ୍ ରାୟ ଏବଂ ଆର୍କ ବିଶପ ତଥା ଚର୍ଚ୍ଚର ଅନ୍ୟ ଅଧିକାରୀମାନଙ୍କ ସାମ୍ନାରେ ଠିକ୍ ସେହି ପରି ଅଲୌକିକ ଦୃଶ୍ୟ ଦେଖିବାକୁ ମିଳିଥିଲା। ଏକଥା ବର୍ଣ୍ଣନା କଲା ବେଳକୁ ବନ୍ଧୁ ତଥା ଗାଇଡ୍ ଜନ୍‌ଙ୍କ ଆଖିରେ ଏକ ଅଦ୍ଭୁତ ବିଶ୍ୱାସ ମୁଁ ଦେଖିବାକୁ ପାଇଥିଲି। ଏହାସହ ଏକଥାକୁ ଶୁଣୁଥିବା ପ୍ରାୟ ସମସ୍ତ ପର୍ଯ୍ୟଟକମାନେ ମଧ୍ୟ ମନ୍ତ୍ରମୁଗ୍ଧ ହୋଇଯାଇଥିଲେ। ସମସ୍ତଙ୍କ ହାତ ଛାତିକୁ ସ୍ପର୍ଶ କରି ମଥା ପାଖକୁ ଚାଲିଯାଇଥିଲା। ସତରେ ମୋର ମଧ୍ୟ ଅନୁଭବ ହେଲା ଯେ ଈଶ୍ୱରଙ୍କ ଅବସ୍ଥିତି ସବୁ ସ୍ଥାନରେ ରହିଛି। ତାଙ୍କୁ ଦେଖିବା ପାଇଁ କେବଳ ସମର୍ପଣ ଭାବ ଏବଂ ପବିତ୍ର ଭକ୍ତିଭାବ ହିଁ ଆବଶ୍ୟକ। ଯଦି କେବଳ ନିଷ୍ପାପ ତଥା ସମର୍ପିତ ଭାବ ପାଇଁ ଭକ୍ତ ପ୍ରହଲ୍ଲାଦକୁ ଦର୍ଶନ ଦେବା ଓ ଦୃଷ୍ଟଦଳନ ପାଇଁ ଏକ ସ୍ତମ୍ଭ ମଧ୍ୟରୁ ଆବିର୍ଭୂତ ହୋଇ ପାରିଲେ ମହାବିଷ୍ଣୁ, ଏଠାରେ ପ୍ରଭୁ ଯୀଶୁଙ୍କ ପ୍ରତିମୂର୍ତ୍ତିରୁ ରକ୍ତ ଝରିବା ଯଦି ସମ୍ଭବ ହୋଇପାରିଲା ତେବେ ଭକ୍ତ ପାଇଁ ପ୍ରଭୁ ଯୁଗେ ଯୁଗେ ରହିଛନ୍ତି ଏହାକୁ କେହି ବି ଅସ୍ୱୀକାର କରିପାରିବେ ନାହିଁ। ପ୍ରଭୁ, ଭଗବାନ, ଈଶ୍ୱର ଓ ଆଲ୍ଲା ଏକ ଓ ଅଭିନ୍ନ ଏବଂ ସର୍ବତ୍ର ବିଦ୍ୟମାନ ଏ କଥା କାହିଁ କେଉଁ କାଳରୁ ପବିତ୍ର ଧର୍ମଗ୍ରନ୍ଥ ମାନଙ୍କରେ ବର୍ଣ୍ଣନା କରାଯାଇଛି। ଏମିତି ଅନେକ ଭାବନା ମୋ ମନ ଭିତରେ ଆସୁଥିଲା ଗୋଆର ସେଣ୍ଟ ମୋନିକା ଚର୍ଚ୍ଚ ଭିତରେ। ମୋର ଅନ୍ୟମନସ୍କତାକୁ ବୋଧେ ମୋର ବନ୍ଧୁ ତଥା ଗାଇଡ୍ ଜନ୍ ଜାଣିପାରିଲେ ସେ ମୋ ଦେହରେ ହାତ ମାରି ପଚାରିଲେ ଆଉ କିଛି ପ୍ରଶ୍ନ ମନ ଭିତରେ ଅଛିକି ଜାଣିବାକୁ ଚାହୁଁଛ ?

*କ୍ରମଶଃ...*





# ଚିଲିକାରେ 'ୱାଟର ଏରୋଡ୍ରମ୍' ବନ୍ଦ ପାଇଁ ପ୍ରଧାନମନ୍ତ୍ରୀଙ୍କୁ ପତ୍ର

**ଭୁବନେଶ୍ୱର :** କେନ୍ଦ୍ର ସରକାରଙ୍କ ସିଭିଲ୍ ଆଭିଏସନ୍ ଡାଇରେକ୍ଟର ଜେନେରାଲ୍ ଚିଲିକାରେ ଏକ 'ୱାଟର ଏରୋଡ୍ରୋମ୍' ନିର୍ମାଣ କରିବା ଲାଗି ପ୍ରସ୍ତାବ ରଖିଛନ୍ତି। ଡାଇରେକ୍ଟର ଜେନେରାଲ୍‌ଙ୍କ ପ୍ରସ୍ତାବ ଯଦି କାର୍ଯ୍ୟକାରୀ ହୁଏ, ତାହାଲେ ଚିଲିକାର ପରିବେଶ ଓ ଏହାର ଆଖପାଖରେ ବସବାସ କରିଥିବା ଅଞ୍ଚଳବାସୀଙ୍କୁ କ୍ଷତି ପହଞ୍ଚାଇବ। ତେଣୁ ଚିଲିକା ପରିବର୍ତ୍ତେ ହୀରାକୁଦ, ମହାନଦୀର ମୁଣ୍ଡଳୀ, ନରାଜ ବା ଅନ୍ୟ କୌଣସି ଉପଯୁକ୍ତ ସ୍ଥାନରେ ଏହି 'ୱାଟର ଏରୋଡ୍ରୋମ୍' ନିର୍ମାଣ କରାଯାଉ ବୋଲି ଉତ୍କଳ ଗାନ୍ଧି ସ୍ମାରକନିଧିର ପୂର୍ବତନ ଅଧ୍ୟକ୍ଷ ପ୍ରହଲ୍ଲାଦ କୁମାର ସିହ୍ନା ଏନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଏକ ପତ୍ର ଲେଖି ଅନୁରୋଧ କରିଛନ୍ତି। ଶ୍ରୀ ସିହ୍ନା ପତ୍ରରେ ଦର୍ଶାଇଛନ୍ତି ଯେ, ଡାଇରେକ୍ଟର ଜେନେରାଲ ଚିଲିକାର ଗ୍ରାଉଣ୍ଡ୍ ରିପୋର୍ଟକୁ ପରୀକ୍ଷା ନିରୀକ୍ଷା ନକରି ଏହି ପ୍ରସ୍ତାବ ରଖିଛନ୍ତି। ଏହି ପ୍ରସ୍ତାବ



କାର୍ଯ୍ୟକାରୀ ହେଲେ ଚିଲିକାର ଜୈବ ବିବିଧତା ଓ ସେଠାରେ ଅନେକ ସମସ୍ୟା ଉପୁଜିବ। ଚିଲିକା ହେଉଛି ଏସିଆର ଦ୍ୱିତୀୟ ଲବଣ ଜଳ ହ୍ରଦ। ଏହା ଅର୍ନ୍ତଜାତୀୟ ସ୍ତରରେ ପଶ୍ଚିମ ମହାସାଗର ସହିତ ସଂଯୁକ୍ତ ରହିଛି। ଏଠାରେ ବିଭିନ୍ନ ପ୍ରଜାତିର ବିରଳ କଇଁଛଠାରୁ ଆରମ୍ଭ କରି ପକ୍ଷୀ ବସବାସ କରିଥା'ନ୍ତି। ଚିଲିକା ହ୍ରଦଟି ୧୩ ହଜାର ବର୍ଷରୁ ଅଧିକ ପୁରୁଣା। ଚିଲିକା ପରିସର ୧୦୫୫ ସ୍କୋୟାର କିଲୋମିଟର। ଯାହାକି ବର୍ଷା ଋତୁ ଓ ଗ୍ରୀଷ୍ମ ଋତୁ ସମୟରେ ବଢ଼ିଥାଏ। ଚିଲିକାକୁ ଲାଗିକରି ୧୨୫ଟି ଗାଁ ଓ ୧୦ଟି ବଡ଼ ସହର ରହିଛି। ଯାହାକି ପୁରୀ, ଖୋର୍ଦ୍ଧା ଓ ଗଞ୍ଜାମ ଆଦି ୩ଟି ଜିଲ୍ଲା ଗଠିତ ହୋଇଛି। ଚିଲିକାର ମୁଖ୍ୟ ବିଶେଷତ୍ୱ ହେଲା ଏଠାକୁ ବିଦେଶରୁ ୮-୧୫ ଲକ୍ଷ ବହୁ ପ୍ରଜାତିର ପକ୍ଷୀ ଆଗମନ କରିଥାନ୍ତି। କେଳବ ସେତିକି ନୁହେଁ, ଚିଲିକା ଉପରେ ବହୁ ପ୍ରଜାତିର ମାଛ,କଙ୍କଡ଼ା ଓ ଡଲ୍‌ଫିନ୍ ମଧ୍ୟ ବାସ କରିଥାନ୍ତି। ଏହା ଉପରେ ଯଦି ଏରୋଡ୍ରୋମ୍ ନିର୍ମାଣ ହୁଏ, ସେଠାକାର ଅଞ୍ଚଳବାସୀ ସେମାନଙ୍କ ଜୀବିକା ହରାଇବେ। ସେଠାରେ ଥିବା ନଳବଣ ଯାହାକି ପକ୍ଷୀ ଅଭୟାରଣ୍ୟ ରହିଛି, ତାହା ଗଭୀର ମାତ୍ରାରେ ପ୍ରଭାବିତ ହେବ। ତେଣୁ ଏଭଳି ପ୍ରାକୃତିକ ପରିବେଶକୁ ନଷ୍ଟ କରାନଯାଉ ବୋଲି ଶ୍ରୀ ସିହ୍ନା ଚିଠିରେ ଉଲ୍ଲେଖ କରିଛନ୍ତି।

# 'ଜିଲ୍ଲାର ଉନ୍ନତି ପାଇଁ ଭବିଷ୍ୟତ ବଂଶଧର ସ୍ୱପ୍ନ ଦେଖିବା ଉଚିତ୍'

**ମାର୍ଶାଘାଇ :** ନିଜ ଜିଲ୍ଲାର ଉନ୍ନତି ପାଇଁ ଭବିଷ୍ୟତ ବଂଶଧର ସ୍ୱପ୍ନ ଦେଖିବା ଉଚିତ ବୋଲି ମାର୍ଶାଘାଇ ବ୍ଲକ କୁହୁଡି ସିଦ୍ଧ ମହାପୁରୁଷ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ଜିଲ୍ଲା ସ୍ତରୀୟ ସମ୍ବର୍ଦ୍ଧନା ଉତ୍ସବରେ ଅତିଥି ମାନେ ଆହ୍ୱାନ ଦେଇଥିଲେ।। କେନ୍ଦ୍ରାପଡା ଜିଲ୍ଲା ସଚେତନ ନାଗରିକ ମଞ୍ଚ ତରଫରୁ ବୁଧବାର ଅନୁଷ୍ଠିତ ଜିଲ୍ଲାସ୍ତରୀୟ ମେଧା ସମ୍ମାନ ଉତ୍ସବରେ ନାଗରିକ ମଞ୍ଚର ସଭାପତି ଆଡଭୋକେଟ୍ ପ୍ରତାପ କୁମାର ମହାପାତ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ମାର୍ଶାଘାଇ ପଞ୍ଚାୟତ ସମିତି ଅଧ୍ୟକ୍ଷା ସୀତାଲତା ପରିଡା,ସମ୍ମାନିତ ଅତିଥି ଭାବେ କୁହୁଡି ପଞ୍ଚାୟତର ସରପଞ୍ଚ ସୁଶ୍ରୀ ସଂଗୀତା ସ୍ୱାଇଁ, କୁହୁଡି ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ କୈଳାଶ ଚନ୍ଦ୍ର ଦଳାଇ, ପୂର୍ବତନ ପ୍ରଧାନ ଶିକ୍ଷକ ଦୈତାରୀ ପାତ୍ର,ଶିକ୍ଷକ ନେତା ଦିବାକର ଜେନା, ନାଗରିକ ମଞ୍ଚର ଉପଦେଷ୍ଟା ତଥା ସାମ୍ବାଦିକ ପରେଶ କୁମାର ଦାସ, ସାଧାରଣ ସଂପାଦକ ଇଂ ସୌମ୍ୟରଂଜନ ବିଶ୍ୱା.ସମାଜସେବୀ ପ୍ରଭଞ୍ଜନ ପଟ୍ଟନାୟକ ଯୋଗ ଦେଇଥିଲେ। ଚଳିତ ବର୍ଷର ମାଟ୍ରିକ୍ ପରୀକ୍ଷାର କେନ୍ଦ୍ରାପଡା ଜିଲ୍ଲାରେ ସର୍ବାଧିକ ନମ୍ବର ରଖିଥିବା ଛାତ୍ରୀ ସ୍ୱର୍ଣ୍ଣମଣି ସାହୁ ଏବଂ +୨ ପରୀକ୍ଷାରେ ଜିଲ୍ଲାରେ ସର୍ବାଧିକ ନମ୍ବର ରଖିଥିବା ଛାତ୍ରୀ ସମୀନା ନାଜ୍‌ଙ୍କୁ ମାନପତ୍ର ଏବଂ ୫୦୦୦ ଟଙ୍କା ଲେଖାଏଁ ନଗଦ ଅର୍ଥ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। କୃତୀ ଛାତ୍ରଛାତ୍ରୀଙ୍କ ପିତାମାତାଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା।କୁହୁଡି ସିଦ୍ଧ ମହାପୁରୁଷ ଉଚ୍ଚ ବିଦ୍ୟାଳୟର ୯ମ ଶ୍ରେଣୀର ଛାତ୍ରୀ ବିଜୟନୀ ସ୍ୱାଇଁ ଏବଂ ୧୦ମ ଶ୍ରେଣୀର ଛାତ୍ର ଭାଗବତ ସାହୁଙ୍କୁ ପୁସ୍ତକ ସହିତ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଶିକ୍ଷାବିତ୍ ପ୍ରଣବ ଜେନା ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ଶିକ୍ଷାକ ନେତା ଭଗବାନ ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ। କେନ୍ଦ୍ରାପଡା ଜିଲ୍ଲାର ଅଧିକାଂଶ ଲୋକ କୃଷିଉପରେ ନିର୍ଭରଶୀଳ ହୋଇଥିବାରୁ ଏହି ଜିଲ୍ଲାରେ କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଏବଂ ଏକ ସୁପର ସ୍ପେଷାଲିଷ୍ଟ ହସ୍ପିଟାଲ ପ୍ରତିଷ୍ଠା ଭଳି ଗୁରୁତ୍ୱ ପୂର୍ଣ୍ଣ ପ୍ରସ୍ତାବ ଜିଲ୍ଲା ସଚେତନ ନାଗରିକ ମଞ୍ଚ ତରଫରୁ ସରକାରଙ୍କୁ ପ୍ରଦାନ କରାଯାଇ ଦାବି ରଖାଯାଇଥିବା ନେ ଉତ୍ସବରେ ମଞ୍ଚ ତରଫରୁ ସୂଚନା ଦିଆଯାଇଥିଲା। ସଚେତନ ନାଗରିକ ମଞ୍ଚର ସଭ୍ୟ ମରୁତ କୁମାର ସ୍ୱାଇଁ, ସମାଜସେବୀ ଉମାକାନ୍ତ ଦାସ, ପ୍ରକୃତି ବନ୍ଧୁ ଅଭିମନ୍ୟୁ ରାଉତ,ଙ୍କ ସମେତ ବିଦ୍ୟାଳୟର ଶତାଧିକ ଛାତ୍ରଛାତ୍ରୀ ଉତ୍ସବରେ ଉପସ୍ଥିତ ଥିଲେ।

# ସୋନପୁରକୁ ଅଗ୍ରଣୀ ଜିଲ୍ଲା କରାଇବା ଲକ୍ଷ୍ୟ : ଜିଲ୍ଲାପାଳ

**ସୋନପୁର :** ସ୍ୱଚ୍ଛ ଭାରତ ମିଶନ (ଗ୍ରାମୀଣ) କାର୍ଯ୍ୟକ୍ରମ ଅଧୀନରେ ସୁବର୍ଣ୍ଣପୁର ଜିଲ୍ଲା ରାଜ୍ୟରେ ବର୍ତ୍ତମାନ ଷଷ୍ଠ ସ୍ଥାନରେ ଥିବାରୁ ଏହାକୁ ଏକ ଅଗ୍ରଣୀ ଜିଲ୍ଲା ଭାବରେ ପରିଚିତ କରିବା ଲକ୍ଷ୍ୟ ନେଇ ଅଗଷ୍ଟ ୧୫ ସ୍ୱାଧୀନତା ଦିବସ ସୁଦ୍ଧା ଜିଲାକୁ ବାହ୍ୟ ମଳମୁକ୍ତ ଜିଲ୍ଲା ଭାବରେ ପରିଣତ କରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା । ପୂର୍ବତନ ଜିଲ୍ଲାପାଳ ପାଇଁ ଏହା ଅଗଷ୍ଟ ୧୫ ସୁଦ୍ଧା ଟାର୍ଗେଟ ହୋଇ ରହିଯାଇଥିବ ବେଳେ ତାଙ୍କର ବଦଳି ହୋଇଯାଇଥିବାରୁ ନୂତନ ଜିଲ୍ଲାପାଳଙ୍କ ପାଇଁ ଏହା ଆଗକୁ ଟାର୍ଗେଟ ହୋଇରହିଛି।

ଜିଲ୍ଲାର ସହରାଞ୍ଚଳ ସମେତ ସମସ୍ତ ଗ୍ରାମକୁ ବାହ୍ୟ ମଳମୁକ୍ତ କରିବା ପାଇଁ ପ୍ରତ୍ୟେକ ଘରେ ଶୌଚାଳୟ ନିର୍ମାଣ କରିବାକୁ ଜିଲ୍ଲାର ସମସ୍ତ ବିଭାଗର କର୍ମଚାରୀମାନଙ୍କୁ ନିୟୋଜିତ କରାଯାଇଛି। ଶୌଚାଳୟ ନିର୍ମାଣ କାର୍ଯ୍ୟକୁ ତଦାରଖ କରିବା ସହ ନିର୍ମାଣ କାର୍ଯ୍ୟର ଅଗ୍ରଗତିକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ ଜିଲ୍ଲାର ପ୍ରତ୍ୟେକ ବ୍ଲକରେ ଜଣେ ଲେଖାଏଁ ପ୍ରଶାସନିକ ଅଧିକାରୀଙ୍କୁ ନୋଡାଲ ଅଫିସର ଭାବରେ ମଧ୍ୟ ଦାୟିତ୍ୱ ଦିଆଯାଇଛି। ସୋନପୁର ବ୍ଲକରେ ସୋନପୁର ଉପଜିଲ୍ଲାପାଳ ବଳରାମ ମଲ୍ଲିକ, ବୀରମହାରାଜପୁରରେ ଖୋଦ ଜିଲାପାଳ ମଧୁସୁଦନ ମିଶ୍ର, ଡୁଙ୍ଗୁରିପାଲିରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ସୁର୍ଯ୍ୟନାରାୟଣ ଦାସ, ବିନିକାରେ ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ପଣ୍ଡା, ଉଲୁଣ୍ଡାରେ ବୀରମହାରାଜପୁର ଉପଜିଲ୍ଲାପାଳ ସୁବ୍ରତ କୁମାର ବେହେରା ଓ ତରଭା ବ୍ଲକ ପାଇଁ ଜଳ ଓ ପରିମଳ ବିଭାଗ ନିର୍ବାହୀ ଯନ୍ତ୍ରୀ ବିନ ବିହାରୀ ଦାସଙ୍କୁ ନୋଡାଲ ଅଫିସର ଦାୟିତ୍ୱ ଦିଆଯାଇଛି। ନିର୍ଦ୍ଧାରିତ ସମୟସୀମା ଅଗଷ୍ଟ ୧୫ ମଧ୍ୟରେ ଜିଲ୍ଲାକୁ ବାହ୍ୟ ମଳମୁକ୍ତ ଜିଲ୍ଲା ଭାବରେ ପରିଣତ ପାଇଁ ପ୍ରତ୍ୟେକ ସରକାରୀ ବିଭାଗକୁ ନିୟୋଜନ ମଧ୍ୟ କରାଯାଇ ପ୍ରତ୍ୟେକ ଦିନ ନିର୍ମାଣ କାର୍ଯ୍ୟର ତଦାରଖ ମଧ୍ୟ କରାଯାଉଛି । କିନ୍ତୁ ଇତିମଧ୍ୟରେ ଟାର୍ଗେଟ ଶେଷ ହୋଇ ସାରିଥିବା ସତ୍ତ୍ୱେ ଅଗଷ୍ଟ ୧୭ ତାରିଖ ସୁଦ୍ଧା ଜିଲ୍ଲାରେ ଶୌଚାଳୟ ନିର୍ମାଣ କାର୍ଯ୍ୟର ଅଗ୍ରଗତି ୮୪. ୦୪ % ହୋଇଥିବା ସୂଚନା ମିଳିଛି।

ସୂଚନାନୁସାରେ ଜିଲାରେ ଥିବା ମୋଟ ୧,୩୫,୬୨୪ ପରିବାର ମଧ୍ୟରୁ ୫୨୭୯ ଜଣଙ୍କ ଘରେ ପୂର୍ବରୁ ଶୌଚାଳୟ ରହିଛି । ତେବେ ସ୍ୱଚ୍ଛ ଭାରତ ମିଶନ (ଗ୍ରାମୀଣ) କାର୍ଯ୍ୟକ୍ରମ ଅଧୀନରେ ଜିଲାର ସମସ୍ତ ୬ ଟି ବ୍ଲକର ମୋଟ ୧ ଲକ୍ଷ ୩୦ ହଜାର ୩୪୫ଟି ପରିବାରରେ ଶୌଚାଳୟ ନିର୍ମାଣ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଏଥି ମଧ୍ୟରୁ ବିନିକା ବ୍ଲକରେ ୨୦୧୭୯, ବୀରମହାରାଜପୁରରେ ୨୨୨୬୫, ଡୁଙ୍ଗୁରି ।ଲିରେ ୨୯୭୮୨, ସୋନପୁରରେ ୧୮୨୮୨, ତରଭାରେ ୧୮୮୧୫ ଓ ଉଲୁଣ୍ଡା ବ୍ଲକରେ ୨୨୦୨୨ ଶୌଚାଳୟ ନିର୍ମାଣର ଲକ୍ଷ୍ୟ ରହିଛି । କିନ୍ତୁ ଚଳିତ ମାସ ୧୭ ତାରିଖ ସୁଦ୍ଧା ବିନିକା ବ୍ଲକରେ ୧୮୩୩୯ ଶୌଚାଳୟ ନିର୍ମାଣ ସମ୍ପସର୍ଣ୍ଣ ହୋଇଥିବା ବେଳେ ଆହୁରି ୨୧୪୮ ବାକି ରହିଛି । ବ୍ଲକରେ ନିର୍ମାଣର ସଫଳତା ହାର ୮୯.୫୨% ରହିଛି । ସେହିପରି ବୀରମହାରାଜପୁରରେ ୨୦୮୨୩ ସମ୍ପସର୍ଣ୍ଣ ହୋଇଥିବା ବେଳେ ୧୨୯୩ ବାକି ରହିଛି ଓ ସଫଳତା ହାର ୯୪.୧୫% ରହିଛି । ଡୁଙ୍ଗୁରିଲିରେ ୨୬୧୦୫ ସମ୍ପର୍ଣ୍ଣ ହୋଇଥିବା ବେଳେ ୪୩୬୩ ବାକି ରହିଛି ଓ ସଫଳତା ହାର ୮୫.୬୮% ରହିଛି । ସୋନପୁରରେ ୧୮୨୫୩ ସମ୍ପର୍ଣ୍ଣ ହୋଇଥିବା ବେଳେ ଆହୁରି ୧୩୭୭ ବାକି ରହିଛି । ଏହି ବ୍ଲକରେ ୯୨.୯୯ % ସଫଳତା ହାର ରହିଛି । ତରଭା ବ୍ଲକରେ ୧୪୭୨୫ ସମ୍ପସର୍ଣ୍ଣ ହୋଇଥିବା ବେଳେ ଆହୁରି ୫୧୩୭ ବାକି ରହିଛି ଓ ସଫଳତା ହାର ୭୪.୧୪ % ରହିଛି । ସେହିରି ଉଲୁଣ୍ଡା ବ୍ଲକରେ ୧୭୦୫୦ ଶୌଚାଳୟ ନିର୍ମାଣ ସମ୍ପସର୍ଣ୍ଣ ହୋଇଥିବା ବେଳେ ଆହୁରି ୬୦୧୧ ଶୌଚାଳୟ ନିର୍ମାଣ ବାକି ରହିଛି । ଏହି ବ୍ଲକରେ ସଫଳତା ହାର ମାତ୍ର ୭୧.୯୩ % ରହିଛି । ତେବେ ଜିଲାରେ ମୋଟ ୧୩୦୩୪୫ ଶୌଚାଳୟ ମଧ୍ୟରୁ ୧୭ ତାରିଖ ସୁଦ୍ଧା ୧୧୫୨୯୫ ନିର୍ମାଣ ସମ୍ପସର୍ଣ୍ଣ ହୋଇଥିବା ବେଳେ ଆହୁରି ୨୦୩୨୯ ବାକି ରହିଛି । ତେବେ ଲକ୍ଷ୍ୟ ପୂରଣ ପାଇଁ ଧାର୍ଯ୍ୟ ଦିନ ଶେଷ ହୋଇଥିଲେ ମଧ୍ୟ ନିର୍ଦ୍ଧାତିର ସମୟସୀମା ମଧ୍ୟରେ ଜିଲା ବାହ୍ୟ ମଳମୁକ୍ତ ଜିଲା ଭାବରେ ପରିଣତ ହୋଇ ନଥିବାରୁ ଯୋଜନାର ସଫଳତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏ ସମ୍ପର୍କରେ ଜିଲାପାଳ ମଧୁସୁଦନ ମିଶ୍ରଙ୍କ ଦୃଷ୍ଟି ଆକର୍ଷଣ କରିବାରେ ଜିଲାରେ ନୂତନ ଭାବେ ଦାୟୀତ୍ୱ ଗ୍ରହଣ କରିଥିବାରୁ ଏହାର ଅଗ୍ରଗତି ସମ୍ପକୟଙ୍କର ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରାଯାଇ ନିଶ୍ଚିତ ଭାବେ ଜିଲାକୁ ବାହ୍ୟ ମଳମୁକ୍ତ ଜିଲା ଭାବରେ ଗଠନ କରାଯିବ ବୋଲି ଦୃଢୋକ୍ତି ପ୍ରକାଶ କରିଛନ୍ତି । ଏପରିକି ଆବଶ୍ୟକ ହେଲେ କମ ସଫଳତା ମିଳିଥିବା ଅଞ୍ଚଳ ଗୁଡିକରେ ଆହୁରି ଜନସଚେତନତା ସୃଷ୍ଟି କରି ଧାର୍ଯ୍ୟ ଲକ୍ଷ୍ୟ ପୂରଣ କରାଯିବ ବୋଲି କହିଛନ୍ତି।

# ଖୋଲିଲା ପୋଖରୀପୁଟ ଫ୍ଲାଏ ଓଭରବ୍ରିଜ୍



## ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ

**ଭୁବନେଶ୍ୱର :** ପୋଖରୀପୁଟ ରେଲୱେ ଲାଇନ୍ ଉପରେ ପୂର୍ତ୍ତ ବିଭାଗ ଓ ପୂର୍ବତଟ ରେଳପଥ ତରଫରୁ ନିର୍ମିତ ଫ୍ଲାଏ ଓଭରବ୍ରିଜ୍‌କୁ ଉଦ୍‌ଘାଟନ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ୪୦୧ ମିଟର ଦୀର୍ଘର ଏହି ବ୍ରିଜ୍ ନିର୍ମାଣ ପାଇଁ ୪୪.୨୦ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ୨୦୧୨ ମସିହାରେ ମୁଖ୍ୟମନ୍ତ୍ରୀ ଏହାର ଶିଳାନ୍ୟାସ କରିଥିଲେ। ୬ ବର୍ଷ ଧରି ଏହାର ନିର୍ମାଣ ଚାଲିବା ପରେ ଏବେ ଶେଷ ହୋଇଛି। ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ କହିଛନ୍ତି, ଲିଙ୍ଗରାଜ ଷ୍ଟେସନ୍ ନିକଟରେ ନିର୍ମିତ ଏହି ଫ୍ଲାଏ ଓଭର ସ୍ଥାନୀୟ ବାସିନ୍ଦାଙ୍କ ପାଇଁ ବେଶ ସୁବିଧାଜନକ ହେବ। ପୂର୍ତ୍ତମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ କହିଛନ୍ତି, ଟ୍ରେନ୍ ଯିବାଆସିବା ସମୟରେ ଅନେକ ସମୟ ଧରି ସ୍ଥାନୀୟ ବାସିନ୍ଦାଙ୍କୁ ଏଠାରେ ଅପେକ୍ଷା କରିବାକୁ ପଡୁଥିଲା। ଟ୍ରେନ୍ ଲାଇନ୍ ଦୁଇକଡ଼ରେ ଗାଡ଼ିମଟରର ବେଶ୍ ଲମ୍ବା ଲାଇନ୍ ଲାଗି ରହୁଥିଲା। ମାତ୍ର ଫ୍ଲାଏଓଭର ନିର୍ମାଣ ଫଳରେ ଯାତାୟାତରେ ବେଶ୍ ସୁବିଧା ହେବ ବୋଲି ମନ୍ତ୍ରୀ ଶ୍ରୀ ମଲ୍ଲିକ କହିଛନ୍ତି। ଉଦ୍‌ଘାଟନ କାର୍ଯ୍ୟକ୍ରମରେ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ସାଂସଦ ପ୍ରସନ୍ନ ପାଟଶାଣୀ, ବିଧାୟକ ପ୍ରିୟଦର୍ଶୀ ମିଶ୍ର ଓ ବିଜୟ ମହାନ୍ତି, ମେୟର୍ ଅନନ୍ତ ନାରାୟଣ ଜେନା, ପୂର୍ତ୍ତ ସଚିବ ଇଂ ନଳିନୀକାନ୍ତ ପ୍ରଧାନ, ପୂର୍ତ୍ତ ବିଭାଗ ମୁଖ୍ୟଯନ୍ତ୍ରୀ ଓମପ୍ରକାଶ ପଟେଲ୍, କାର୍ଯ୍ୟକାରୀ ଇଞ୍ଜିନିୟର୍ ପି କେ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଏହି ଫ୍ଲାଏ ଓଭର୍ ନିର୍ମାଣ ଫଳରେ ଜାଗମରା, ସୁନ୍ଦରପଦା, ପଳାଶପଲ୍ଲୀ, ଭୀମଟାଙ୍ଗୀ, ଗଣ୍ଡମୁଣ୍ଡା, ପୋଖରୀପୁଟ ଓ ଖଣ୍ଡଗିରି ବାସିନ୍ଦା ବିଶେଷ ଭାବେ ଉପକୃତ ହେବେ। ୨୦୧୫ ସୁଦ୍ଧା ଏହି ଫ୍ଲାଏଓଭର୍‌ର ନିର୍ମାଣ ଶେଷ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା।

# ଦେବାଶିଷ ମହାନ୍ତି ଜାତୀୟ ଚୟନକର୍ତ୍ତା



**ଭୁବନେଶ୍ୱର :** ଓଡ଼ିଶା ରଣଜୀ ଦଳର କୋଚ ତଥା ରାଜ୍ୟର ପ୍ରଥମ ଅନ୍ତର୍ଜାତୀୟ କ୍ରିକେଟର ଦେବାଶିଷ ମହାନ୍ତିଙ୍କୁ ନ୍ୟାସନାଲ ଜୁନିୟର ସିଲେକ୍ସନ କମିଟିର ସିଲେକ୍ଟର ଭାବେ ନିଯୁକ୍ତି ଦିଆଯାଇଛି। ଏହି କମିଟିର ଚେୟାରମ୍ୟାନ ଥିବା ଭେଙ୍କଟେଶ ପ୍ରସାଦ ଗତ ମାର୍ଚ୍ଚ ମାସରେ ଇସ୍ତଫା ପ୍ରଦାନ କରିବା ପରେ ଏହି ସ୍ଥାନଟି ଫାଙ୍କା ପଡ଼ିଥିଲା। ପ୍ରସାଦଙ୍କ ସ୍ଥାନରେ ଦେବାଶିଷଙ୍କୁ କମିଟି ଅଫ ଆଡମିନିଷ୍ଟ୍ରଟର୍ସ (ସିଓଏ) କମିଟିର ସଦସ୍ୟ ଭାବେ ରହିବେ। ଆଶିଷ କପୁର ଏହି କମିଟି ଚେୟାରମ୍ୟାନ ଦାୟିତ୍ୱ ସମ୍ଭାଳିବେ। କମିଟିର ଅନ୍ୟ ସଦସ୍ୟଭାବେ ଜ୍ଞାନେନ୍ଦ୍ର ପାଣ୍ଡେ, ରାକେଶ ପାରିଖ ଏବଂ ଅମିତ ଶର୍ମା ପୂର୍ବପରି ଦାୟିତ୍ୱରେ ରହିବେ। ନ୍ୟାସନାଲ ଜୁନିୟର ସିଲେକ୍ସନ କମିଟିରେ ସଦସ୍ୟଭାବେ ନିଯୁକ୍ତି ପାଇଥିବାରୁ ଦେବାଶିଷ ଏହାକୁ ସ୍ୱାଗତ କରିଛନ୍ତି। 'ଏହା ମୋ ଲାଗି ଏକ ଜାତୀୟ ସ୍ୱୀକୃତି ଏବଂ ଏହାକୁ ମୁଁ ଗ୍ରହଣ କରୁଛି' ବୋଲି ଦେବାଶିଷ କହିଛନ୍ତି। ଏହି ନିଯୁକ୍ତି ଫଳରେ ମୁଁ ଭାରତର ଏବଂ ଓଡ଼ିଶା କ୍ରିକେଟର ଅଧିକ ଉନ୍ନତି କରିପାରିବି ବୋଲି କହିଛନ୍ତି। ସେହିପରି ଚୟନ କମିଟି ସଦସ୍ୟ ହେବା ପରେ ତାଙ୍କୁ ଓଡ଼ିଶା ରଣଜୀ ଦଳର କୋଚ ପଦରୁ ଇସ୍ତଫା ଦେବାକୁ ପଡ଼ିବ। ଦୀର୍ଘଦିନ ଧରି ରାଜ୍ୟ ରଣଜୀ କୋଚ ରହିବା ପରେ ଗତ ସିଜନରେ ତାଙ୍କୁ ବାଦ ଦିଆଯାଇ ଶିବସୁନ୍ଦର ଦାସଙ୍କୁ କୋଚ ନିଯୁକ୍ତ କରାଯାଇଥିଲା। ଶିବସୁନ୍ଦରଙ୍କ ପ୍ରଶିକ୍ଷଣରେ ଓଡ଼ିଶାର ପ୍ରଦର୍ଶନ ଉଚ୍ଚକୋଟୀର ନ ହେବାରୁ ଦେବାଶିଷଙ୍କୁ ପୁଣିଥରେ କୋଚ ଦାୟିତ୍ୱ ଦିଆଯାଇଥିଲା। ସେ ଏହାକୁ ଗ୍ରହଣ କରିଥିଲେ ମଧ ନ୍ୟାସନାଲ ସିଲେକ୍ଟର ମନୋନୀତ ହେବା ପରେ କୋଚ ପଦରୁ ଓହରି ଯାଇଛନ୍ତି। ତାଙ୍କ ସ୍ଥାନରେ ଆଉ ଜଣଙ୍କୁ ଖୁବ୍‌ଶୀଘ୍ର ରଣଜୀ କୋଚ ଭାବେ ନିଯୁକ୍ତି ଦିଆଯିବ ବୋଲି ଜଣାଯାଇଛି। ଏ ସମ୍ପର୍କରେ ଓଡ଼ିଶା କ୍ରିକେଟ ଆସୋସିଏସନ (ଓସିଏ)ର ମୁଖ୍ୟ କାର୍ଯ୍ୟନିର୍ବାହୀ ବିଦ୍ୟୁତ ନାୟକଙ୍କ ମତରେ ଦେବାଶିଷ ମହାନ୍ତି ନ୍ୟାସନାଲ ଜୁନିୟର ସିଲେକ୍ଟର ହେବା କିମ୍ବା ରଣଜୀ କୋଚ ପଦରୁ ଇସ୍ତଫା ଦେବା ସମ୍ପର୍କରେ କୌଣସି ନିର୍ଦ୍ଦିଷ୍ଟ ତଥ୍ୟ ଆମପାଖରେ ନାହିଁ। ଆମେ ଏ ସମ୍ପର୍କରେ ବିଧିବଦ୍ଧ ସୂଚନା ପାଇଲେ ଯାହା କିଛି ନିଷ୍ପତ୍ତି ନେବୁ ବୋଲି ସେ କହିଛନ୍ତି। ଭାରତ ଲାଗି ୨ଟି ଟେଷ୍ଟ, ୪୫ଟି ଦିନିକିଆରେ ପ୍ରତିନିଧିତ୍ୱ କରିଥିବା। ଦେବାଶିଷ ୧୧୭ଟି ପ୍ରଥମଶ୍ରେଣୀ ମ୍ୟାଚରେ ଖେଳିବାର ଅଭିଜ୍ଞତା ରଖିଛନ୍ତି। ଦେବାଶିଷ ଟେଷ୍ଟରେ ୪ଟି, ଦିନିକିଆରେ ୫୭ ଏବଂ ପ୍ରଥମଶ୍ରେଣୀ କ୍ରିକେଟରେ ୪୧୭ଟି ୱିକେଟ ଅକ୍ତିଆର କରିଛନ୍ତି। ଏହା ସହ ଇଂଲଣ୍ଡରେ ଅନୁଷ୍ଠିତ ବିଶ୍ୱକପରେ ଖେଳିଛନ୍ତି।

# ଚର୍ଚ୍ଚାରେ ପାରାଦୀପ ଇଲିଶି



## ଫର୍ମାଲିନ୍ ବ୍ୟବହାର ଆଶଙ୍କା

**ପାରଦୀପ :** ପୂର୍ବବର୍ଷ ଭଳି ଚଳିତ ବର୍ଷ ମଧ ସେହି ଅଗଷ୍ଟ ମାସରେ ଗିଲେଟିନ୍ ଟାପା, ଦେଶୀ ବୋଟରେ ଇଲିଶି ପଡିବା ଖବର ବିଦ୍ୟୁତ ବେଗରେ ବିଭିନ୍ନ ଗଣ ମାଧମରେ ପ୍ରଚାର ହେବା ଫଳରେ ପାରାଦୀପ ଅଠରବାଙ୍କୀ ସ୍ଥିତ ବାଲିପ୍ଲଟରେ ଇଲିଶି ପାଇଁ ନାହିଁ ନଥିବା ଭିଡ ଦେଖିବାକୁ ମିଳଥିଲା । ତେବେ ଅଗଷ୍ଟ ୧୩ ତାରଖରୁ ଦୁଇ ତିନି ଦିନ ଧରି ଇଲିଶି ଉତ୍ସାହ ଜନକ ଭାବେ ଡଙ୍ଗାରେ ପଡିବା ସାଙ୍ଗକୁ ଏପଟେ କ୍ରମାଗତ ଭାବେ ଗୁରୁବାର, ସଂକ୍ରାନ୍ତି ଓ ଶନିବାର ଯୋଗୁଁ ଏ ଖବର ଜାଣି ସୁଦ୍ଧା ବିଶେଷ ଇଲିଶି କିଣିବା ପ୍ରତି ସେତେଟା ଆଗ୍ରହ ପ୍ରକାଶ ପାଇନଥିଲା । ତେବେ ପ୍ରଚୁର ଇଲିଶି ମାଛ ମିଳୁଥିବା ଖବର ପ୍ରଚାରିତ ହେଲା ଫଳରେ ପାରଦୀପ ସମେତ ପଡୋଶୀ ଜିଲ୍ଲାର ଗ୍ରାହକ ମାନଙ୍କର ସୁଅ ଛୁଟିବା ଆରମ୍ଭ ହୋଇଥିଲା। କିନ୍ତୁ ଗ୍ରାହକ ସଂଖ୍ୟା ଯେଉଁ ପରିମାଣରେ ବୃଦ୍ଧି ପାଇଥିଲା ସେହିପରିମାଣରେ ଡଙ୍ଗିରେ ଇଲିଶି ପଡିବା ମାତ୍ରା କ୍ରମଶଃ ହ୍ରାସ ପାଇ ଚାଲିଥିବାର ଦେଖିବାକୁ ମିଳିଛି। ଯୋଡା ଦୁଇଶହ ଟଙ୍କାରେ ଇଲିଶି ମାଛ ମିଳୁଥିବା ଖବର ଦେଖି ଓ ଶୁଣି ଗୃହିଣୀ ମାନଙ୍କ ଫରମାହିସ କ୍ରମେ ଆଜ୍ଞାବହ ସାଜି ଆସିଥିବା ନାଗର ବା ସ୍ୱାମୀମାନେ ଘଟଣା ସ୍ଥଳରେ ପହଞ୍ଚି ଦେଖିଲା ବେଳକୁ ଯୋଡା କେଜି ବାଲା ଦୁଇଶହ ପରିବର୍ତ୍ତେ ପାଞ୍ଚସହ ଟଙ୍କାରେ ମିଳୁଛି । ଯେହେତୁ ଦୁରଦୂରାନ୍ତରୁ ବହୁ ମାତ୍ରାରେ ଶସ୍ତାରେ ମାଛ ଆଶାରେ ଆସିଥିବା ବିଚରା ଗ୍ରାହକ ବାଧହୋଇ ଏହି ମୂଲ୍ୟରେ ଅଳ୍ପ ମାଛ କିଣି ବିଷାଦ ମନରେ ଫେରୁଥିଲେ। ଏହି ଗ୍ରାହକ ମାନଙ୍କର ଅସମ୍ଭବ ଭିଡକୁ ଦେଖି କିଛି ଅସାଧୁ ବ୍ୟବସାୟୀ ଲାଭ ଆଶାରେ ଅନୈତିକ ଉପାୟ ଅବଲମ୍ବନ କରିବା ସ୍ୱରୁପ ଫର୍ମାଲିନ୍‌କୁ ଅମୋଘ ଅସ୍ତ୍ର ରୂପେ ବ୍ୟବହାର କରୁଥିବା ଶୁଣିବାକୁ ମିଳୁଛି । ପାରଦୀପ ଇଲିଶି ମାଛ ପ୍ରତ ଆକର୍ଶିତ ହୋଇ ପଡୋଶୀ ଜିଲ୍ଲାର ଗ୍ରାହକ ମାନଙ୍କୁ ଲକ୍ଷ୍ୟ କରି ବଳରାମଗଡି, ଧାମରା, ବାଲେଶ୍ୱର, ଅସ୍ତରଙ୍ଗ ଆଦି ଅଞ୍ଚଳରେ ପଡୁଥିବା ଇଲିଶିକୁ ଶସ୍ତା ଦରରେ ଆଣି ସତେଜତା ପାଇଁ ଫର୍ମାଲିନି ବ୍ୟବହାର କରି ଏହି ମାଛକୁ ବିକ୍ରି କରୁଥିବା ସାଧାରଣରେ ଚର୍ଚ୍ଚା ହେଉଛି। ତେଣୁ ଲୋଭରେ ପଡି ଭଲମନ୍ଦ ବାଛବିଚାର ନ କରି ଇଲିଶି ନେବା ପୂର୍ବରୁ ଗ୍ରାହକ ମାନେ ଅନ୍ତତପକ୍ଷେ ଇଲିଶିରେ ଫର୍ମାଲିନ୍ ମିଶିଛି କି ନାହିଁ ପରିକ୍ଷା ନ କଲେ ଏହି ଲୋଭ ଆଗାମୀ ଦିନରେ ନିଜ ଜୀବନ ପ୍ରତି ବିପଦ ନ ଆଣିବ ସେ କଥା କୁହାଯାଇ ନ ପାରେ। ସବୁଠାରୁ ଆଶ୍ଚର୍ଯ୍ୟ କଥା ପଡୋଶୀ ଆନ୍ଧ୍ରରୁ ଆସୁଥିବା ହଜାର ହଜାର ଟନ ମାଛରେ ଫର୍ମାଲିନ୍ ବ୍ୟବହାର ହେଉଛି କି ନାହିଁ ପରୀକ୍ଷା କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ କଟକ, ଭୁବନେଶ୍ୱର ସମେତ ବିଭିନ୍ନ ଜିଲ୍ଲାରେ ପରିକ୍ଷା କରାଯାଉଥିଲାବେଳେ ପାରଦୀପ ପରି ଏକ ଶିଳ୍ପନଗରୀ ତଥା ମତ୍ସ୍ୟ ଉତ୍ପାଦନ ଓ ପେଣ୍ଠ ସ୍ଥଳରେ ଏସବୁର ପରୀକ୍ଷା ନ କରିବା ଏବଂ ଇଲିଶିରେ ଫର୍ମାଲିନ୍ ବ୍ୟବହାର ଚର୍ଚ୍ଚା ଗ୍ରାହକ ମାନଙ୍କ ଚିନ୍ତାକୁ ଦ୍ୱିଗୁଣିତ କରିଦେଇଛି।







# ୮ ପ୍ରସ୍ତାବ ଉପରେ କ୍ୟାବିନେଟ୍ ମୋହର

**ଭୁବନେଶ୍ୱର :** ସଚିବାଳୟରେ ଗତ ଶୁକ୍ରବାର ମୁଖ୍ୟମନ୍ତ୍ରୀଙ୍କ ଅଧକ୍ଷତାରେ ବସିଥିବା କ୍ୟାବିନେଟ ବୈଠକରେ ୮ ପ୍ରସ୍ତାବ ଉପରେ ମୋହର। ଓଡ଼ିଶା ଡାକ୍ତରୀ ଓ ସ୍ୱାସ୍ଥ୍ୟସେବା ନିୟମାବଳୀ ୨୦୧୮ ପ୍ରଣୟନ କରାଯାଇଛି। ଡାକ୍ତରମାନଙ୍କୁ ୩ ବିଭାଗରେ ବିଭକ୍ତ କରାଯାଇଛି। ସେଗୁଡ଼ିକ ହେଲା ବିଶେଷଜ୍ଞ ଶାଖା, ଜନସ୍ୱାସ୍ଥ୍ୟ ଶାଖା ଓ ସାଧାରଣ ସେବା ଶାଖା। ସ୍ନାତକୋତ୍ତର ଓ ଅତି ସ୍ନାତକୋତ୍ତର ଶିକ୍ଷା ଯୋଗ୍ୟତା ଥିବା ଡାକ୍ତରଙ୍କୁ ବିଶେଷଜ୍ଞ ଶାଖାରେ ଅନ୍ତର୍ଭୁକ୍ତ କରାଯିବ। ଓଡ଼ିଶା ଡାକ୍ତରୀ ଓ ସ୍ୱାସ୍ଥ୍ୟସେବା ପ୍ରାଥମିକ ଚୟନ ସମୟରେ ପରୀକ୍ଷାରେ ପାଇଥିବା ଅଙ୍କକୁ ବିବେଚନା କରାଯାଇ ଚୟନ କରାଯିବ। ଏହି ପ୍ରକ୍ରିୟା ନିମନ୍ତେ ଅସ୍ଥାୟୀ ଭାବେ କାର୍ଯ୍ୟ କରୁଥିବା ଡାକ୍ତରମାନଙ୍କୁ ବର୍ଷକୁ ୩ ପ୍ରତିଶତ ଅତିରିକ୍ତ ଅଙ୍କ ହିସାବରେ ସର୍ବାଧିକ ୧୫ ପ୍ରତିଶତ ଅଙ୍କ ପ୍ରଦାନ କରାଯିବ। ସାଧାରଣ ସେବା ଶାଖାର କନିଷ୍ଠ-କ ବର୍ଗ ପାହ୍ୟାର ଡାକ୍ତରଙ୍କୁ ବରିଷ୍ଠ-କ ପାହ୍ୟାକୁ ପଦୋନ୍ନତି ନିମନ୍ତେ ଏହି ପାହ୍ୟାରେ ସର୍ବନିମ୍ନ ୬ ବର୍ଷ କାର୍ଯ୍ୟ ଆବଶ୍ୟକ। କଳିଙ୍ଗ ଶିକ୍ଷାସାଥୀ ସୁଧ ରିହାତି ପ୍ରସ୍ତାବରେ ପରିବର୍ତ୍ତନ କରାଯାଇଛି। ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଦ୍ୱାରା ଛାତ୍ରଛାତ୍ରୀଙ୍କୁ ମ୍ୟାନେଜମେଣ୍ଟ, ଇଣ୍ଟି ଗ୍ରେଟେଡ୍ ଲ, ଇଞ୍ଜିନିୟରିଂ ଓ ମେଡିକାଲ ପାଠ୍ୟକ୍ରମ ପାଇଁ ଏହି ଯୋଜନାରେ ଋଣ ପ୍ରଦାନ କରାଯାଉଛି। ଋଣ ପରିଶୋଧର ସମୟ ଅବଧି କମ ପାଇଁ ଛାତ୍ରଛାତ୍ରୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ୭.୫୦ ଲକ୍ଷ ଟଙ୍କା ଋଣ ପରିଶୋଧର ସମୟ ଅବଧି ୧୦ ବର୍ଷରୁ ୧୫ ବର୍ଷକୁ ବୃଦ୍ଧି କରାଯାଇଛି। ଏଣିକି ପଦୋନ୍ନତି ମାଧମରେ ପୂରଣ ହେବ ଅବକାରୀ ଅଧୀକ୍ଷକ ପଦବୀ। ୩୧ଟି ଅବକାରୀ ଅଧୀକ୍ଷକ ପଦବୀକୁ ଅବକାରୀ ଉପ-ଅଧୀକ୍ଷକମାନଙ୍କ ପଦୋନ୍ନତି ଆଧାରରେ ପୂରଣ କରିବା ପାଇଁ ଅବକାରୀ ବିଭାଗ ଆବଶ୍ୟକୀୟ ସଂଶୋଧନ ପ୍ରସ୍ତାବ ଉପସ୍ଥାପନ କରିଥିଲେ। କ୍ୟାବିନେଟରେ ମଧ ଏହି ପ୍ରସ୍ତାବକୁ ଅନୁମୋଦନ ମିଳିଛି। ଧର୍ମାନୁଷ୍ଠାନମାନଙ୍କରେ ରହିବ ସରକାରଙ୍କ ନିୟନ୍ତ୍ରଣ। ରାଜ୍ୟରେ ହିନ୍ଦୁ ଧର୍ମାନୁଷ୍ଠାନଗୁଡ଼ିକର ସ୍ୱାର୍ଥର ସୁରକ୍ଷା ତଥା ଉତ୍ତମ ପ୍ରଶାସନ ଓ ପରିଚାଳନା ନିମନ୍ତେ ଓଡ଼ିଶା ହିନ୍ଦୁ ଦେବୋତ୍ତର ଅଧିନିୟମ, ୧୯୫୧କୁ ସଂଶୋଧନ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି।



କର୍ଣ୍ଣାଟକ : ବାଙ୍ଗାଲୁରସ୍ଥିତ ଶ୍ରୀଶ୍ରୀ ରବି ଶଙ୍କର ଆଶ୍ରମଠାରେ ଭାରତୀୟ ପେଶାଦାର ସାମ୍ବାଦିକ ସଂଘର ୭୧ତମ ସର୍ବଭାରତୀୟ ଅଧିବେଶନ।

# ଅବିସ୍ମରଣୀୟ ଅଟଳଜୀ



ଆଉ ଇହଜଗତରେ ନାହାନ୍ତି ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଭାରତରତ୍ନ ଅଟଳ ବିହାରୀ ବାଜପେୟୀ। ଏକ ଯୁଗାନ୍ତକାରୀ ମହାମାନବ ତଥା ଶତାବ୍ଦୀ ପୁରୁଷଙ୍କ ବିୟୋଗରେ କେବଳ ମୁଁ ନୁହେଁ ସମଗ୍ର ଦେଶବାସୀ ମର୍ମାହତ, ମ୍ରିୟମାଣ ଓ ଶୋକସନ୍ତପ୍ତ। ସେ ଥିଲେ ଭାରତ ରାଜନୀତିର ଅଜାତଶତ୍ରୁ। ଏହି ମହାନ ଦେଶପ୍ରେମୀଙ୍କର ଦେଶପ୍ରେମର ପଟାନ୍ତର ନାହିଁ। ଅଟଳଜୀଙ୍କ ବିୟୋଗ ଦେଶ ପାଇଁ ଅପୂରଣୀୟ କ୍ଷତି ଘଟାଇଛି। ଦେଶକୁ ଏକ ନୂତନ ଆଲୋକ ପଥରେ ଆଗେଇ ନେଉଥିବା ଏହି ଦିବଙ୍ଗତ ଜନନେତାଙ୍କ ରାଜନୈତିକ ଜୀବନ ବହୁ ଉତ୍ଥାନ ପତନ ମଧ ଦେଇ ଗତି କରିଥିଲା। ଦେଶର ସୁରକ୍ଷା ପାଇଁ ପରମାଣୁ ଶକ୍ତିର ପରୀକ୍ଷା କରିବା ତାଙ୍କ ରାଜନୈତିକ ଜୀବନର ଏକ ବଡ ପରୀକ୍ଷା ଥିଲା। ଅତ୍ୟନ୍ତ ସରଳ, ଅମାୟିକ ଓ ଆଦର୍ଶ ଜୀବନ ଯାପନ କରୁଥିବା ଅଟଳଜୀଙ୍କର ମାଟି ପ୍ରତି ଗଭୀର ଶ୍ରଦ୍ଧା ଏବଂ ଭଲ ପାଇବା ଯୋଗୁଁ ସେ ସମସ୍ତଙ୍କର ପ୍ରିୟପାତ୍ର ଥିଲେ। ଦଳମତ ନିର୍ବିଶେଷରେ ଅଟଳଜୀଙ୍କ ଭାଷଣ ସମସ୍ତଙ୍କ ମନରେ ପ୍ରଭାବ ପକାଇ ପାରୁଥିଲା। ଦେଶ ପାଇଁ ଉତ୍ସର୍ଗୀକୃତ ଏହି ମହାମାନବଙ୍କ ଜୀବନାଦର୍ଶରେ ଅନୁପ୍ରାଣୀତ ହେବା ପାଇଁ କୌଣସି ଭାରତୀୟ କୁଣ୍ଠା ପ୍ରକାଶ କରିବେ ନାହିଁ। ରାଜନୀତିରେ ସେ ଯେଉଁଳି ବାଗ୍ମୀ ଥିଲେ କବିତା ରଚନା କ୍ଷେତ୍ରରେ ସେଭଳି ଶ୍ରେଷ୍ଠ ସୋପାନରେ ମଧ ପହଞ୍ଚି ପାରିଥିଲେ। ତାଙ୍କର ଭାଷଣ ଦେବାର ଶୈଳୀ ଓ କବିତା ଆବୃତ୍ତି ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରି ରଖୁଥିଲା। ସଂସଦରେ ହେଉ କିମ୍ବା ସଂସଦ ବାହାରେ ସର୍ବଦା ଦେଶ କିଭଳି ବିକାଶ ପଥରେ ଆଗେଇଯିବ ଓ ବିଶ୍ୱ ଦରବାରରେ ଭାରତ ଏକ ସୁଉନ୍ନତ ରାଷ୍ଟ୍ର ଭାବେ ପରିଗଣିତ ହେବ ଏହାଥିଲା ତାଙ୍କର କଳ୍ପନାର ଚିତ୍ର। ତେଣୁ ଏଭଳି ଜଣେ ମହାମନୀଷିଙ୍କ ଅବର୍ତ୍ତମାନରେ ତାଙ୍କର ଆତ୍ମା ପ୍ରତି ମୁଁ ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇବା ସହିତ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରିବି ଯେ, ଅଟଳଜୀଙ୍କ ପରି ଜଣେ ସଚ୍ଚୋଟ ଦେଶପ୍ରେମୀ, ଦୂରଦ୍ରଷ୍ଟା ଓ ମହାମାନବ ପୂଣ୍ୟ ଭାରତ ଭୂମିରେ ବାରବାର ଜନ୍ମ ନିଅନ୍ତୁ।

**ପବିତ୍ର ରାଉତରାୟ**
ଚେୟାରମ୍ୟାନ୍
ଶ୍ରୀକ୍ରିଷ୍ଣା ଇଣ୍ଟରନ୍ୟାସନାଲ ସ୍କୁଲ
ମଳିପଡା, ଭୁବନେଶ୍ୱର


PLOT FOR SALE@BHUBANESWAR



Yellow Zone, 30ft wide Road
Mouza :
Dakhina Mundamuhan
(Near CV Raman College)
100ft Proposed BDA Road
Contact Immediately :
8658607286 / 8917571455

30ft Internal Road
Mouza :
Pandiapada
Contact Immediately :
8658607286 / 8917571455





Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com

Chief Editor : **Bibhuti Bhusan Patra** | Managing Editor : **Laxmipriya Dash** | Editor : **Tarak Mohanty**

ମୁଖ୍ୟ ସମ୍ପାଦକ : ବିଭୁତି ଭୂଷଣ ପାତ୍ର | ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ | ସମ୍ପାଦକ : ତାରକ ମହାନ୍ତି